

ଦୀପିକାଙ୍କ ପରେ ଅଲ୍ଲୁ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-349 ◆BHUBANESWAR ◆TUESDAY ◆17 JUNE 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୪୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




No.1 Residential Institution

A School of Excellence For
Board / IIT-JEE / NEET / CUET / CA / UPSC Programme

## KRISHNA VIKASH GROUP, BARGARH

# NTA-NEET UG 2025 Result

Krishna Vikash Edu. Network | Odisha | Chhattisgarh | Andhra Pradesh

Krishna Vikash Group of Institutions

| Name | AIR* | Category | Marks | Percentile |
|---|---|---|---|---|
| PRATYUSH | 1178 | OBC | 582 | 99.85 |
| NAVNEET | 292 | ST | 500 | 97.61 |
| RITIKA | 1972 | GEN. | 578 | 99.82 |
| RUPA RANJITA | 2242 | GEN. | 575 | 99.79 |
| PIYUSH SAHU | 1891 | OBC | 573 | 99.77 |
| PIYUSH MISHRA | 2926 | GEN. | 567 | 99.71 |
| RONAK | 2679 | OBC | 565 | 99.68 |
| MUKESH | 3558 | GEN. | 562 | 99.64 |
| RAKESH | 2641 | OBC | 561 | 99.70 |
| SUBHAM | 5063 | GEN. | 552 | 99.47 |
| HARSHIT | 6189 | OBC | 546 | 99.34 |
| DEEPAL | 9258 | OBC | 535 | 99.05 |
| AMARNATH | 8639 | GEN. | 534 | 99.02 |
| NAMITA | 9653 | OBC | 534 | 99.02 |
| ASHUTOSH | 11349 | GEN. | 524 | 98.68 |
| ARYYAN | 14146 | OBC | 522 | 98.61 |
| LISA | 14432 | GEN. | 521 | 98.57 |
| APARNA | 4061 | EWS | 518 | 98.45 |
| RAJAT | 15712 | OBC | 518 | 98.45 |
| NAMRATA | 14952 | GEN. | 512 | 98.20 |
| MADHUSUDAN | 19134 | OBC | 511 | 98.15 |
| NIRLIPTA | 16032 | OBC | 509 | 98.61 |
| JATINDRA | 24217 | OBC | 501 | 97.66 |
| ROHAN | 2501 | SC | 478 | 96.34 |
| HEMAKSHI | 3082 | SC | 470 | 95.82 |
| TAMANNA | 3892 | SC | 460 | 95.15 |
| SAMBHAVNA | 2092 | ST | 424 | 92.46 |
| PRAGYA | 2472 | ST | 416 | 91.80 |
| CHHAYAKANTA | 3602 | ST | 395 | 89.98 |
| PRERIT | 4776 | ST | 379 | 88.51 |
| BABITA | 27280 | OBC | 496 | 97.40 |
| JIYA | 21017 | GEN. | 495 | 97.35 |
| CHINMAYANANDA | 22760 | GEN. | 491 | 97.12 |
| MONALISA | 22963 | GEN. | 490 | 97.06 |
| RAJASHREE | 32770 | OBC | 487 | 96.89 |
| RIDDHI | 26745 | GEN. | 482 | 96.59 |
| PRAGATI | 28140 | GEN. | 479 | 96.40 |
| TAPASWINI | 38285 | OBC | 479 | 96.40 |
| SOUMYA RANJAN | 41375 | OBC | 474 | 96.08 |
| SHIVAM | 29764 | GEN. | 470 | 96.15 |
| ROHAN | 45207 | OBC | 469 | 95.76 |
| SOUMYA RANJAN | 32233 | GEN. | 469 | 95.76 |
| DEVESH | 10075 | ST | 327 | 83.13 |
| SIKHA RANI | 9146 | SC | 422 | 92.29 |

## NTA-NEET (UG) 2025 Results Analysis

**02** Eligible for AIIMS | **43** Eligible for Govt. Seats | **13** Above 99 Percentile | **63** Above 90 Percentile

## JEE Adv. 2025 Results

| Name | Category | AIR |
|---|---|---|
| HEMANEEL | ST | 366 |
| SAMBHAVNA | ST | 726 |
| TUSHARAKANTA | SC | 3573 |
| PARTHA | SC | 4742 |

## JEE Mains 2025 Final Results

PRATYUSH — 99.39 Percentile TOTAL

Students Eligible to get Admissions in NITs (as per 2024 Cut-off): 53

| 98 Percentile & Above in Total | 97 Percentile & Above in Total | 96 Percentile & Above in Total | 95 Percentile & Above in Total |
|---|---|---|---|
| 04 | 14 | 21 | 29 |

krishnavikash.com

23 Vibrant Years

## ADMISSIONS OPEN (Co-Ed. Day/Residential)

**Nursery to IX & XI CBSE & +2 CHSE**

(XI Science / Commerce / Humanities | +2 Science / Commerce)

**SUPER 40** (For 12th Pass Out Students) — 1 Year Extended NEET/JEE/CUET Regular Classroom Programme

CBSE & SUPER40: 99376 18855, 63707 04779, 91245 99099, 93373 10441

CHSE : 70641 40000, 94393 53433, 94380 69105, 94375 89101

• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477 • CEMENT NAGAR: 94396 65394 • BRAHMAPUR: 91246 09687 / 88
• RAIPUR: 77519 93222 • BHILAI: 91245 71067 / 68 / 69 • JAGDALPUR: 91240 87305 / 06 / 07 • VISAKHAPATNAM: 99662 12217 / 63014 64656.

*Category Rank

### ଅଣସର ଘରେ ମହାପ୍ରଭୁଙ୍କ ସେବା: ଆଜି ଓଷୁଅ ଲାଗି

# ଲାଗିହେଲା ଫୁଲୁରୀ ତେଲ

ପୁରୀ,୧୬।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ସୋମବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ମଙ୍ଗଳବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇ ଦେଇଥାଏ।



ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ସୋମବାର ଅପରାହ୍ଣରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନିଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୋକମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡ଼ାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

### ବିଜେପିକୁ ଘେରିଲା କଂଗ୍ରେସ

# ବର୍ଷ ଏକ; ପ୍ରତାରଣା ଅନେକ



ପୁରୀ,୧୬।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରିଛି। ନିଜର ଏକ ବର୍ଷର ସଫଳତାକୁ ନେଇ ବିଜେପି ପାଳନ କରୁଛି ବିକାଶ ପର୍ବ। ଠିକ୍ ଏହି ସମୟରେ କଂଗ୍ରେସ ଶାସକ ବିଜେପିକୁ ଘେରିଛି। କୌଣସି ପ୍ରତିଶ୍ରୁତି ବିଜେପି ପାଳନ କରିନି, ବରଂ ସାଧାରଣ ଜନତାଙ୍କୁ ପ୍ରତାରଣା ଦେଇ ସେମାନଙ୍କ ଭରସା ଓ ବିଶ୍ୱାସ ଭାଙ୍ଗିଛି। ନେତା, ମନ୍ତ୍ରୀ କେବଳ ଟଙ୍କା ପଛରେ ଧାଇଁଥିବାବେଳେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି। ଶିଶୁ ସରକାର କହି ଲୋକଙ୍କୁ ଭୂଆଁ ବୁଲାଉଥିବା ବିଜେପି ଗରିବ ଖଟିଖିଆଙ୍କ ଟିକସ ଅର୍ଥକୁ ବେପରୁଆ ଭାବେ ଖର୍ଚ୍ଚ କରୁଛି। କେବଳ ବଡ଼ବଡ଼ ବିଜ୍ଞାପନ ମାଧ୍ୟମରେ ନିଜର ପ୍ରଚାରପ୍ରସାରରେ ମାତିଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ଫେଲ୍ ମାରିଛନ୍ତି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା। ସୋମବାର ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ସାମ୍ବାଦିକ ସମ୍ମିଳନୀ। "ବର୍ଷ ୧ ପ୍ରତାରଣା ଅନେକ', ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୩ ବର୍ଷର ବିଫଳତା ବିଷୟରେ ଆଲୋକପାତ କରାଯାଇଥିଲା।

ମୁଖ୍ୟଅତିଥି ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତ କହିଥିଲେ ଯେ ନିର୍ବାଚନ ସମୟରେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଭୁଲିଯାଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଗଲା କୁଆଡ଼େ? ଚାଷୀଙ୍କୁ ଧାନରେ ଅଧିକ ୮୦୦ ଟଙ୍କା ଠନ୍ ଠନ୍ କରି ଗଣିଦେବେ ବୋଲି କହିଥିଲେ। ହେଲେ ମଣ୍ଡିରୁ ଧାନ ସଂଗ୍ରହ ହେଉନାହିଁ। ଅଧିକାଂଶ ମଣ୍ଡିରେ ଧାନ ନଷ୍ଟ ହେଉଛି। କଟ୍‌ନୀ ଛଟ୍‌ନୀ ୧୧ରୁ ୧୨ କେଜି କରାଯାଉଛି। ଏପଟେ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦେବେ କହି ସେପଟେ ଲୁଟି ନେଉଛନ୍ତି। ରାଜ୍ୟରେ ଏବେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ବହୁ ଲୋକଙ୍କ ଜୀବନ ଗଲାଣି। ଦରଦାମ୍ ଉପରେ ଲଗାମ୍ ନାହିଁ। ସାଧାରଣ ଲୋକଟିଏ ଚଳିବା କଷ୍ଟକର ହୋଇପଡ଼ିଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଛି। ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଥିବାବେଳେ ଛାତ୍ରୀ ଗର୍ଭବତୀ ହେଉଛନ୍ତି। ହଜାର ହଜାର ପଦ ଫାଙ୍କା ପଡ଼ିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବାରୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଓଡ଼ିଶାର ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏମିତି କି ଅନେକଙ୍କର ସେଠାରେ ମୃତ୍ୟୁ ଘଟୁଛି। ମୃତଦେହ ଆସିପାରୁ ନାହିଁ। ସରକାର ଆସିବାର ୨୪ ଘଣ୍ଟା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ବୋଲି କହିଥିଲେ। ହେଲେ ତାହାକୁ ଭୁଲିଯାଇଛନ୍ତି। ସରକାର କେବଳ ସବୁଜ ରଙ୍ଗ ବଦଳରେ ଗେରୁଆ ରଙ୍ଗ କରିବାରେ ଏକ ବର୍ଷ ବିତିଗଲା। ପହଲଗାମ୍‌ରେ ଯେଉଁ ୪ଜଣ ଆତଙ୍କବାଦୀ ଦମନଲୀଳା ରଚି ଧର୍ମ ପଚାରି ନିରୀହ ହିନ୍ଦୁମାନଙ୍କୁ ହତ୍ୟା କଲେ ସରକାର ସେମାନଙ୍କୁ ଏ ପର୍ଯ୍ୟନ୍ତ ମାରିପାରିଲେ ନାହିଁ ବୋଲି କହିଥିଲେ ଶ୍ରୀ ବାହିନୀପତି।

- ରଙ୍ଗ ଆଉ ନାଁ ବଦଳା ସରକାର କହି ସମାଲୋଚନା
- ନିର୍ବାଚନ ବେଳର ପ୍ରତିଶ୍ରୁତି କେବଳ ପ୍ରତାରଣା ପାଲଟିଛି

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ଆକାଶଛୁଆଁ। କିନ୍ତୁ ଏହି ବିଜେପି କଂଗ୍ରେସ ଶାସନ ସମୟରେ ଗ୍ୟାସ୍ ଦର ୪୩୫ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ ବୋଲି କହିଥିଲେ। ଯୁବ କଂଗ୍ରେସ ନେତା ୟାସିର ନୱାଜ କେନ୍ଦ୍ର ମୋଦୀ ସରକାର ବାର୍ଷିକ ୨ କୋଟି ବେକାରୀଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲେ ମାତ୍ର ସେଥିରେ ବିଫଳ ହେଲେ। ରାଜ୍ୟ ସରକାର କଟ୍‌ନୀ ଛଟ୍‌ନୀ କରି ଚାଷୀଙ୍କୁ ଧୋକା ଦେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଜଳସେଚନଠାରୁ ଆରମ୍ଭ କରି ପୁରୀ ଜିଲ୍ଲାରେ ମୁଖ୍ୟତଃ ଧାନ, ପାନ, ମୀନ ଏବଂ ଦୁଗ୍ଧ ଚାଷୀଙ୍କ ବିଭିନ୍ନ ସମସ୍ୟା ଦିଗରେ ସରକାରଙ୍କୁ ନିଶାଣ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିବାବେଳେ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଆଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ନୀଳମଣି ପ୍ରଧାନ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ, ଉତ୍ତମ ଆଚାର୍ଯ୍ୟ, ସୁଜିତ୍ ମହାପାତ୍ର, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଉମାକାନ୍ତ ବରାଳ, ସେକ୍ ସଫିକ୍‌ଉଦ୍ଦିନ, ପ୍ରେମଜିତ୍ ମହାନ୍ତି, ଭାସ୍କର ସେଠ୍, ବୁଟୁ ସାହୁ, ଅରୋପ୍ରସାଦ ମିଶ୍ର, ଡ. ନିରଞ୍ଜନ ବିଶ୍ୱାଳ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସ୍ତ୍ରୀକୁ ଶାବଳରେ ଭୁସି ହତ୍ୟା

ବିଞ୍ଝାରପୁର,୧୬।୬(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହଁ ପଞ୍ଚାୟତ ବାଣପୁର ଗାଁରେ ସ୍ତ୍ରୀକୁ ଶାବଳରେ ଭୁସି ଭୁସି ହତ୍ୟା କରିଛି ସ୍ୱାମୀ। ପୁଲିସ୍ତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସୂଚନା ମୁତାବକ, ଗାଁର ସୁଦାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ମଲ୍ଲିକ (୪୨) ଓ ଉଭୟ ରାତ୍ରୀଭୋଜନ ସାରି ସାଙ୍ଗ ହୋଇ ଶୋଇବାକୁ ଯାଇଥିଲେ। ତେବେ ମଧ୍ୟରାତ୍ରରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଫଳରେ ସ୍ୱାମୀ ସୁଦାମ ନରହନ୍ତା ପାଲଟିଯାଇଥିଲା। ଏକ ଶାବଳରେ ସ୍ତ୍ରୀ ଶାନ୍ତିଲତାକୁ ବାରବାର ଆଘାତ କରି ହତ୍ୟା କରିଥିଲା। ଚିତ୍କାର ଶୁଣି ଅନ୍ୟ ରୁମ୍‌ରେ ଥିବା ମା' ନିରୁପାୟ ହୋଇ ସୁଦାମର ସାନ ଭାଇକୁ ଡାକ ଛାଡିଥିଲେ। ସୁଦାମର ସାନ ଭାଇ ପହଞ୍ଚି ବହୁ ଅନୁରୋଧ କଲା ପରେ ସୁନାମ ଘରର କବାଟ ଖୋଲିଥିଲା। ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିବା ଶାନ୍ତିଲତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକ ଏକ ଅଟୋ ରିକ୍ସା ସାହାଯ୍ୟରେ ବୋହି ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ ଶାନ୍ତିଲତାଙ୍କ ହତ୍ୟାକାରୀ ସ୍ୱାମୀ ସୁଦାମକୁ ଗିରଫ କରିଛନ୍ତି। ପୁଲିସ୍ ଥାନା କେସ ନଂ୨୮୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ଏହିପରି ହତ୍ୟାକାଣ୍ଡ ପଛରେ କ'ଣ ରହିଛି କାରଣ ତଦନ୍ତ ଚାଲିଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ କହିଛନ୍ତି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ଆଳି,୧୬।୬(ସମିସ): ଆଜି ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ମହିଳା ଜଣକ ତଅଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଳ ମହାନ୍ତି (୪୦ ବର୍ଷ)। ସୂଚନା ମୁତାବକ, ସୋମବାର କାଜଳ ଖରସ୍ରୋତା ନଦୀ ସଂଲଗ୍ନ ତଅଁଳାଡିହା ପାନିଆ ନାମକ ଜୋରକୁ ଗାଧୋଇବାକୁ ଯାଇଥିଲେ।



ସେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଜୋର ନିକଟକୁ ଆସିଥିଲେ। ଜୋର ନିକଟକୁ ଆସି କାଜଳଙ୍କ କପଡା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଜୋରରେ ଖୋଜାଖୋଜି ଆରମ୍ଭ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ମହିଳାଙ୍କ ପତ୍ତା ପାଇ ନ ଥିବା ଜଣାପଡ଼ିଛି।

## ସିପିଇଡି ପରୀକ୍ଷାରେ ପାସ୍ ହାର ଶତ ପ୍ରତିଶତ

କଟକ,୧୬।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସିପିଇଡି (ସାର୍ଟିଫିକେଟ ଇନ ଫିଜିକାଲ ଏଜୁକେସନ) ପରୀକ୍ଷାରେ ପାସ ହାର ଶତପ୍ରତିଶତ ରହିଛି। ମୋଟ୧୧୪ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ମେ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇଗୋଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ୧୭ ଦିନ ପରେ ଆଗକୁ ବଢ଼ିଲା ମୌସୁମୀ

### ରାଜ୍ୟର ଏକାଧିକ ଜିଲ୍ଲାକୁ ଅଗ୍ରସର ଯୋଗୁଁ ବର୍ଷା


ଭୁବନେଶ୍ୱର,୧୬।୬(ସମିସ): ଦୀର୍ଘ ୧୭ ଦିନ ପରେ ଆଗକୁ ବଢ଼ିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୯ ମେ'ଠାରୁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଥିଲା। ଫଳରେ ରାଜ୍ୟରେ ମୌସୁମୀ ଜନିତ ବର୍ଷାରେ ରୋକ୍ ଲାଗିଥିଲା। ମାତ୍ର ୧୭ ଦିନ ପରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ଅଗ୍ରସର ହୋଇଛି। ସୋମବାର ଆଇଏମ୍‌ଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୌସୁମୀର ନିମ୍ନ ଚାପରେଖା ବରଗଡ଼ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଲମ୍ବିଛି। ଫଳରେ ଏହାଦ୍ୱାରା ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁରସ ବୌଦ୍ଧ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ଜଣାପଡ଼ିଛି। ଏହାସହିତ ସମ୍ବଲପୁର, ବରଗଡ଼, ଅନୁଗୁଳ, କେନ୍ଦୁଝରେ ଆଦି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହେବା ସହ ସାରା ରାଜ୍ୟକୁ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।

ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୩୫, ଝାରସୁଗୁଡ଼ାରେ ୨୮, ଭଦ୍ରକ ୧୯, କେନ୍ଦୁଝର ୧୫ ଓ ବରଗଡ଼ ୧୩ ମିମି ବର୍ଷା ରେକର୍ଡ ହୋଇଛି। ଆଗକୁ ଆହୁରି ୨ ଟି ଅର୍ଥାତ ୨୪ ଏବଂ ୨୮ ତାରିଖରେ ବେଳକୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ଦେଓଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କନ୍ଧମାଳ, ନବରଂଗପୁର, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁଁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଏହାର ପାର୍ଶ୍ୱବର୍ତ୍ତି ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ଛୁଇଁବାର ଆଶଙ୍କା ରହିଛି। ଏଥିପାଇଁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ପାର୍ଶ୍ୱବର୍ତ୍ତି ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

# 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କ ପରଲୋକ

ପୁରୀ,୧୬।୬(ସମିସ): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ପୁରୀର 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କର ପରଲୋକ ହୋଇଯାଇଛି। ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବେ ସେ ୧୫ ଦିନ ତଳୁ ସେ ଅସୁସ୍ଥ ହୋଇ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ପରେ ତିନି ଦିନ ତଳେ ତାଙ୍କୁ ପୁରୀକୁ ନେଇ ଆସିଥିଲେ। ଇ-୨୪ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୨ଟା ୬ ମିନିଟ୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଷୋଳ କରଣଙ୍କ ସହାୟତାରେ ଥାଟରାଜାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥିଲେ ବି ସେବକ ପରିବାରର ହୋଇଥିବାରୁ ବଡ଼ଦେଉଳ ରୋଷଘରୁ ବୈଷ୍ଣବାଗ୍ନି ତଥା ଚମ୍ପା ଆସି ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।



**ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଗଜପତି ମହାରାଜାଙ୍କ ସାନଭାଇ**

ଗଜପତି ମହାରାଜା ବୀରକିଶୋର ଦେବଙ୍କ ଦୁଇପୁଅ ମଧ୍ୟରୁ ସାନ ଥିଲେ ଥାଟରାଜା ରଣାର୍ଣ୍ଣବ ଦେବ। ଅଧିକାଂଶ ସମୟ ସେ ନୀଳଗିରିସ୍ଥିତ ରାଜବାଟୀରେ ନିଜ ମାମୁ ଘରେ ରହି ଆସୁଥିଲେ। ଶ୍ରୀମନ୍ଦିରରେ ତାଙ୍କର କୌଣସି ବିଶେଷ ସେବା ନ ଥିଲେ ମଧ୍ୟ ବଡ଼ଭାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସୁନିଆଁ, ଛେରାପହଁରା ଆଦି ବିଶେଷ ସେବାରେ ସାମିଲ୍ ହେଉଥିଲେ। ତଡ଼ାଉକରଣ ସେବକ ସୁଧାଂଶୁ ପଟ୍ଟନାୟକ କହିଛନ୍ତି, ଷୋଳ କରଣ ହେଉଛନ୍ତି ରାଜ ପରିବାରର ଜ୍ଞାତି କୁଟୁମ୍ବ। ଥାଟରାଜା ରାଜ ପରିବାରର ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥାଏ। ସେ ସ୍ୱର୍ଗବାସ କରିଥିଲେ ହେଁ ଗଜପତି ମହାରାଜା ଅଶୌଚ ହୁଅନ୍ତି ନାହିଁ। ନିଜ ପିତାମାତାଙ୍କ ମୃତ୍ୟୁ ହେଲେ ମଧ୍ୟ ରାଜା ଅଶୌଚ ହୋଇ ନ ଥା'ନ୍ତି। ତେଣୁ ଗଜପତି ମହାରାଜାଙ୍କର ରଥଯାତ୍ରାରେ କୌଣସି ନୀତିକାନ୍ତି ବାଧାପ୍ରାପ୍ତ ହେବ ନାହିଁ।

### ଆରଡ଼ି ପୀଠରେ ଅବ୍ୟବସ୍ଥା

# ଡହଡହ ଖରାରେ ୪ କିମି ଚାଲିଲେ ଭକ୍ତ

- ଠେଲାପେଲାରେ ମହିଳା ଓ ଶିଶୁ ସଂଜ୍ଞାହୀନ
- ବାବାମଣିଙ୍କ ଦର୍ଶନରୁ ବଞ୍ଚିତ ଶହଶହ ଭକ୍ତ
- ବିଜୁଳି କାଟ୍; ୪ଘଣ୍ଟା ମନ୍ଦିର ପରିସର ଅନ୍ଧାର
- ମିଳିଲାନି ପାଣି; ଶିବଗଙ୍ଗାର ଜଳ ପିଇଲେ



ଭଦ୍ରକ/ଆରଡି, ୧୬।୬ (ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ହଟହଟା ହୋଇଛନ୍ତି ଶ୍ରଦ୍ଧାଳୁ। ପୀଠରେ ଅବ୍ୟବସ୍ଥା ଯୋଗୁଁ ଗତ ରବିବାର ଓ ସୋମବାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଉଭୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ। ଗତକାଲି ରଜ ସଂକ୍ରାନ୍ତି ଓ ଆଜି ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ମଧ୍ୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥା ଯୋଗୁଁ ଯାତାୟାତଠାରୁ ଆରମ୍ଭ କରି ପିଇବା ପାଣି ଓ ବାବାଙ୍କ ଦର୍ଶନ ନିମନ୍ତେ ହନ୍ତସନ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ସୋମବାର ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଦୀର୍ଘ ୭ ଘଣ୍ଟା ଧରି ଠେଲାପେଲା ଲାଗି ରହିଥିଲା। ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଚୁପ୍ ରହିଥିଲା। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା ବ୍ୟାରିକେଡ ବ୍ୟବସ୍ଥା ଥିଲେ ମଧ୍ୟ ନ ଥିଲା ପରି ଅବସ୍ଥା ଦେଖାଦେଇଥିଲା। ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଫଳରେ ଦୀର୍ଘ ଘଣ୍ଟା ଧରି ଧାଡିରେ ଛୋଟଛୋଟ ପିଲା ଓ ମହିଳା ଭକ୍ତ ଅଣନିଃଶ୍ୱାସୀ ହୋଇ ସଂଜ୍ଞାହୀନ ହୋଇଯାଇଥିଲେ। ଅନ୍ୟପଟେ ମନ୍ଦିର ସମ୍ମୁଖ ଦର୍ଶନ ପଥରେ ଛାମୁଣ୍ଡିଆ ନ ଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଳୁଗୁଳିରେ ସିଜିଥିଲେ ଭକ୍ତ।

ସେହିପରି ପୀଠରେ ଦୀର୍ଘ ୪ ଘଣ୍ଟା ଧରି ବିଜୁଳି କାଟ୍ ଯୋଗୁଁ ମନ୍ଦିର ଭିତର ପରିସର ଅନ୍ଧକାର ରହିବା ସହ ପାନୀୟଜଳର ଘୋର ସଂକଟ ଦେଖାଦେଇଥିଲା। ଫଳରେ ଭକ୍ତମାନେ ବାଧ ହୋଇ ଶିବଗଙ୍ଗା ପୁଷ୍କରିଣୀ ଜଳରେ ଶୋଷ ମେଣ୍ଟାଇଥିଲେ। ସେପଟେ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟରାସ୍ତାର ମଠଡିହଠାରୁ ପୀଠରେ ବାଇପାସ୍ ଯାଏଁ ଅଣଓସାରିଆ ରାସ୍ତା ହୋଇଥିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବାରୁ ଡହଡହ ଖରାରେ ଦୀର୍ଘ ୪କିମି ଚାଲିଚାଲି ଆସିଥିଲେ ହଜାର ହଜାର ଭକ୍ତ। ବିଶେଷକରି ବାଇପାସ୍ ରାସ୍ତାର ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବରଦଖଲ କରିବା ସହ ନିଜର ଚାରିଚକିଆ ଯାନ ରଖିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଥିଲା। ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହୋଇ ଦର୍ଶନରୁ ବଞ୍ଚିତ ହୋଇ ଫେରିଯାଇଥିଲେ।

## ଆଜି ଖୋଲିବ ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୬।୬(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଠାରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ଏନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ପୂର୍ଣ୍ଣ ଭାବେ ପୂର୍ବପରି ପାଠପଢ଼ା ଆରମ୍ଭ କରିବାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ସରକାରୀ ଓ ବେସରକାରୀ କଲେଜକୁ ଏପ୍ରିଲ୍ ୨୩ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ହେଲେ ଏହି ଛୁଟି ସମୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଫଳରେ ମେ ୫ରୁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଛୁଟି ହୋଇଥିଲା। ପ୍ରାୟ ୪୩ ଦିନ ପରେ ଆସନ୍ତାକାଲି ପାଠପଢ଼ା ଆରମ୍ଭ ହେବ।

### ଆଡ଼ପ ପହଣ୍ଡି ଅଘଟଣ

# ପ୍ରାୟଶ୍ଚିତ ହେଲାନି; ଫଳ ଭୋଗୁଛନ୍ତି ଦେଶବାସୀ!

ପୁରୀ,୧୬।୬(ସମିସ): ଗତବର୍ଷ ଜୁଲାଇ ୯ ତାରିଖ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଲାଗିଥିଲା ଶକ୍ତ ଆଘାତ। ଆଡପ ପହଣ୍ଡି ସମୟରେ ଚାରମାଳ ଉପରେ ମୁହଁମାଡ଼ି ପଡିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଅନେକ ସେବାୟତ ମଧ୍ୟ ଆହତ ହୋଇଥିଲେ। ମାତ୍ର ଏହି ଘଟଣାର ଏହାର କୌଣସି ପ୍ରାୟଶ୍ଚିତ କରାଗଲା ନାହିଁ। ଏହି ଆଡପ ପହଣ୍ଡି ଅଘଟଣର ଫଳ ଭୋଗୁଛନ୍ତି ଦେଶବାସୀ। ପ୍ରାୟଶ୍ଚିତ ନ କରିବାରୁ ରାଜ୍ୟ, ଦେଶ ବିପଦର ସାମ୍ନା କରୁଛି। ବଢୁଛି ଦୁର୍ଘଟଣା, ହତ୍ୟା, ମୃତ୍ୟୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ। ଏପରି କି ଗଜପତି ମହାରାଜାଙ୍କ ପରିବାର ଉପରେ ମଧ୍ୟ ଏହାର ପ୍ରଭାବ ପଡିଥିବା ପଣ୍ଡିତ ଆଶଙ୍କା କରିଥିବା ବେଳେ ସାଧାରଣରେ ମଧ୍ୟ ଏହି ଚର୍ଚ୍ଚା ଜୋର୍ ଧରିଛି। ଗଜପତି ମହାରାଜାଙ୍କ ପରିବାର ସଦସ୍ୟ ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗ ଘଟିଛି। ପ୍ରାୟଶ୍ଚିତ ବିଧି କରିଥିଲେ ହୁଏତ ଏଭଳି କ୍ଷତି ହୋଇ ନ ଥାନ୍ତା ବୋଲି ମତ ଦେଇଛନ୍ତି ପଣ୍ଡିତ ବିଶ୍ୱମ୍ଭର ଦାଶ।

ଗତବର୍ଷ ଆଡପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡଠାକୁର ବଳଭଦ୍ର। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହୋଇଥିଲା। ଠାକୁର ପଡିଗଲେ କ'ଣ ହୁଏ ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତର ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ଏହି ଅଘଟଣ ଦେଖାଗଲେ କ'ଣ ହୁଏ ସେ ସମ୍ପର୍କରେ ସ୍ୱୟଂ ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। 'ହେ ରାଜା ! ଅସାବଧାନତା ହେତୁ ଯଦି ଜଗନ୍ନାଥ, ବଳଭଦ୍ର କିମ୍ବା ସୁଭଦ୍ରା ତଳେ ପଡିଯାଆନ୍ତି ତେବେ ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ। ଦୁର୍ଭିକ୍ଷ ପଡିବ, ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।' ସେହିପରି ବାମଦେବ ସଂହିତାରୁ ଉଦ୍ଧୃତ କରି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଥିଲେ, ଠାକୁର ଯଦି ରଥରୁ ଅକସ୍ମାତ ପଡିଯାନ୍ତି ତେବେ ରାଜା ଏବଂ ରାଜ୍ୟ ଉଭୟଙ୍କର କ୍ଷତି ହୋଇଥାଏ। ରାଜ୍ୟରେ ଦୁର୍ଭିକ୍ଷ, ମୃତ୍ୟୁ ଭୟ ବଢିଯାଏ।

ପଣ୍ଡିତମାନେ ପ୍ରାୟଶ୍ଚିତ ପାଇଁ ଯେଉଁ ପରାମର୍ଶ ଦେଇଥିଲେ, ତାହା ପାଳନ କରାଯାଇ ନାହିଁ।ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି, ବଳଭଦ୍ର ମହାପ୍ରଭୁ ଯଦି ପଡିଯାନ୍ତି ତେବେ ରାଷ୍ଟ୍ରର କ୍ଷତି ହୋଇଥାଏ, ଯାହାର ଫଳସ୍ୱରୂପ ଅତୀତରେ ବାତ୍ୟା, ଅଦିନରେ ମରୁଡ଼ି, ଭୂମିକମ୍ପ, ଯୁଦ୍ଧର ଘନଘଟା ଲାଗିରହିଛି। ଏହାରି ଭିତରେ ଆଜି ଆଉ ଏକ ଦୁଃଖଦ ଘଟଣା ଘଟିଛି। ବଳଭଦ୍ର ପଡିଯିବାର ବର୍ଷେ ନ ପୁରୁଣୁ ଗଜପତି ମହାରାଜାଙ୍କ ସାନଭାଇ ରଣାର୍ଣ୍ଣବ ଦେବଙ୍କର ରବିବାର ରାତିରେ ସ୍ୱର୍ଗବାସ ହୋଇଛି। ଧର୍ମଶାସ୍ତ୍ର ଅବମାନନା କଲେ ଆମକୁ ଏହିଭଳି ବିପଦର ସମ୍ମୁଖୀନ ହେବାକୁ ପଡିବ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ହେଉ କି ଅହମ୍ମଦାବାଦ ବିମାନ ଦୁର୍ଘଟଣା, କୁମ୍ଭମେଳା ଦଳଚକଟା ହେଉ କି କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା ଅବା ଆର୍‌ସିବି ବିଜୟ ଉତ୍ସବ ଦଳଚକଟା ଏବଂ ପୁଣେରେ ବ୍ରିଜ ଭାଙ୍ଗିବା। ଏମିତି ଅନେକ ଅଘଟଣ ଘଟି ଶହ ଶହ ନିରୀହ ଜୀବନ ଗଲାଣି। ଦେଶରେ ଯୁଦ୍ଧ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏହାଛଡା ବନ୍ୟା, ବାତ୍ୟା, ହଇଜା ପରି ଅନେକ ବିପର୍ଯ୍ୟୟର ଲୋକେ ସାମ୍ନା କରିଛନ୍ତି। ଧାର୍ମିକ ବିଧିବିଧାନ ବା ଶାସ୍ତ୍ରୀୟ ମତ ଅନୁଯାୟୀ ବଳଭଦ୍ର ପଡିବାର ପ୍ରାୟଶ୍ଚିତ ବିଧି କରାଯାଇଥିଲେ ହୁଏତ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି କହିଛନ୍ତି ଜ୍ୟୋତିର୍ବିଦ୍ ପଣ୍ଡିତ ହରିଶଙ୍କର ମିଶ୍ର।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 42 ♦ISSUE-349 ♦BHUBANESWAR ♦TUESDAY ♦17 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୪୯ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୭ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


ଅକ୍ଟୋବର ୫ରେ ଭାରତ-ପାକ୍ ଲଢ଼େଇ

▶ପୃଷ୍ଠା ୧୨ ଦେଖନ୍ତୁ...

## ଲାଗୁହେଲା ନୂଆ ୟୁପିଆଇ ପେମେଣ୍ଟ ନିୟମ

### ୫୦% ଫାଷ୍ଟ ହେବ ପେମେଣ୍ଟ

### ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ହେବ ପେମେଣ୍ଟ

**ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆଜିଠାରୁ ଦେଶରେ ଲାଗୁ ହୋଇଛି ନୂଆ ୟୁପିଆଇ ପେମେଣ୍ଟ ନିୟମ। ଏଥିଯୋଗୁ ୟୁପିଆଇ ପେମେଣ୍ଟ ୫୦% ଫାଷ୍ଟ ବା ଦ୍ରୁତ ହୋଇଛି। ଏହାଫଳରେ ବର୍ତ୍ତମାନ ପେମେଣ୍ଟ ପ୍ରକ୍ରିୟା ସର୍ବାଧିକ ୧୫ ସେକେଣ୍ଡରେ ସମାପ୍ତ ହେବ, ଏଥିପାଇଁ ପୂର୍ବ ପରି ଆଉ ୩୦ ସେକେଣ୍ଡ ଅପେକ୍ଷା କରିବାକୁ ପଡିବନାହିଁ। ଅର୍ଥାତ୍ ଏଣିକି କୌଣସି ୟୁପିଆଇ ପେମେଣ୍ଟ ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ଗତ ମାସରେ ୟୁପିଆଇ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଥିଲା, ଯାହା ଜୁନ୍ ୧୬ଠାରୁ ଲାଗୁ ହୋଇଛି।

ପୂର୍ବରୁ 'ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍ ମାଧ୍ୟମରେ ପେମେଣ୍ଟ କରିବାବେଳେ କେତେକ ସମୟରେ କାରବାର ଶେଷ ହେବା ପାଇଁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଗତ ମାସରେ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ସଗୁଡିକୁ ସେମାନଙ୍କର ସିଷ୍ଟମ ଅପଗ୍ରେଡ୍ କରିବାକୁ କହିଥିଲା, ଯାହା ଦ୍ୱାରା ପେମେଣ୍ଟ ମାତ୍ର ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଏନ୍‌ପିସିଆଇ ଏହି ଅପ୍‌ଗ୍ରେଡେସନ୍ ପାଇଁ କିଛି ବୈଷୟିକ ଜିନିଷରେ ପରିବର୍ତ୍ତନ ଘଟାଇଛି, ଯାହା ଏପିଆଇ ଅର୍ଥାତ୍ ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ସହିତ ଜଡିତ। ସରଳ ଭାଷାରେ କହିବାକୁ ଗଲେ ▶ପୃଷ୍ଠା-୭

## ଉତ୍ତର ପ୍ରଦେଶରେ ବଜ୍ରପାତ; ୪୮ ଘଣ୍ଟାରେ ୩୪ ମୃତ



**ଲକ୍ଷ୍ନୌ, ୧୬।୬ (ଏଜେନ୍ସି):** ଉତ୍ତର ପ୍ରଦେଶରେ ଝଡ଼ବାତ୍ୟା ସହିତ ବଜ୍ରପାତ ଆତଙ୍କ ସୃଷ୍ଟି କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ରାଜ୍ୟରେ ୩୪ ଜଣଙ୍କ ଜୀବନ ନେଇଛି। ଅନେକ ଲୋକଙ୍କ ମଧ୍ୟ ଆହତ ହୋଇଛନ୍ତି। ରାଜ୍ୟର ୧୫ ଜିଲ୍ଲାରେ ଏହି ଜୀବନ ଯାଇଛି। ପାଣିପାଗରେ ହଠାତ ପରିବର୍ତ୍ତନ ଯୋଗୁଁ ଜିଲ୍ଲାଗୁଡିକରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କାଶଗଞ୍ଜ ଏବଂ ଫେତହପୁର ଜିଲ୍ଲାରେ ୫ ଜଣ ଲେଖାଏଁ, ମିରଟ ଏବଂ ଗୌତମ ବୁଦ୍ଧନଗରରେ ୪ ଜଣ ଲେଖାଏଁ, ବୁଲନ୍ଦସହରରେ ତିନି ଜଣ, ଔରିଆ, କାନପୁର ନଗର, କାନପୁର ଦେହାତ ଏବଂ ଇଟୱାରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଦେବା ପାଇଁ ପ୍ରଭାବିତ ଜିଲ୍ଲାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଗଛ ପଡି, ବଜ୍ରପାତରେ, କାନ୍ଥ ଆଦି ଭୁଶୁଡି ଏବଂ ପାଣିରେ ବୁଡି ମଧ୍ୟ ଅନେକ ଜୀବନ ଯାଇଛି। ସେହିପରି ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବରେଲିରେ ପ୍ରବଳ ବର୍ଷା ଯୋଗୁଁ ଏକ ହାଇୱେ ମଧ୍ୟ ବୁଡି ଯାଇଛି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଥମୁନି ଝାଡ଼ାବାନ୍ତି

## ଯାଜପୁରରେ ପୁଣି ବଢ଼ିଲା ରୋଗୀ ସଂଖ୍ୟା

### ସୁକିନ୍ଦାରେ ଦୁଇ ମୃତ ■ ୧୫ଦିନ ପାଇଁ ହୋଟେଲ, ଜଳଖିଆ ଦୋକାନ ବନ୍ଦ ନିର୍ଦ୍ଦେଶ



**ଯାଜପୁର, ୧୬।୬ (ସମିସ):** ଯାଜପୁରରେ ଗତ ସପ୍ତାହେ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଡେଇଁ ଏହା ରାଜ୍ୟର ୮ଟି ଜିଲ୍ଲାକୁ ମଧ୍ୟ ବ୍ୟାପିଗଲାଣି। ତଥାପି ଏହି ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିବା ପରେ ଏହାକୁ ନେଇ ସରକାରଙ୍କ ଚିନ୍ତା

### ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱିତୀୟ ସମୀକ୍ଷା

ବଢ଼ିବାରେ ଲାଗିଛି। କେନ୍ଦ୍ରୀୟ ଟିମ୍ କେବଳ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷାରେ ଲାଗିଥିଲେ ମଧ୍ୟ ଏହି ଝାଡ଼ାବାନ୍ତିର ମୁଖ୍ୟ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରତିଦିନ ଜିଲ୍ଲାରେ ମଧ୍ୟ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପରିସ୍ଥିତି ଅଣାୟତ ଅବସ୍ଥା ଆଡକୁ ଯାଉଥିବା ଲକ୍ଷ୍ୟ କରି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଆସି ଆକ୍ରାନ୍ତମାନଙ୍କୁ ଭେଟିବା ସହିତ ପ୍ରଶାସନ ସହିତ ସମୀକ୍ଷା ବୈଠକ କରିଯାଇଛନ୍ତି। ଆଜି ସ୍ୱାସ୍ଥ୍ୟ ସଚିବ ଏସ୍. ଆଶ୍ୱଥି ଦ୍ୱିତୀୟ ଥର ଜିଲ୍ଲାକୁ ଆସି ପରିସ୍ଥିତିର ସମୀକ୍ଷା କରିଛନ୍ତି।

ଜିଲ୍ଲା ପ୍ରଶାସନର ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ୧୩ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪୪ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ତେବେ ଘରୋଇ ଡାକ୍ତରଖାନାର ରୋଗୀଙ୍କୁ ହିସାବକୁ ନେଲେ ଜିଲ୍ଲାରେ ମୋଟ ୨୫୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତକାଲି ୩ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ▶ପୃଷ୍ଠା-୭

### ଟାଙ୍ଗୀ-ଚୌଦ୍ୱାରରେ ଜଣେ ମୃତ, ୧୦ ଆକ୍ରାନ୍ତ

**ଅଧିକାଂଶ ଆକ୍ରାନ୍ତ ରୋଗୀ ଘରୋଇ ହସ୍ପିଟାଲରେ ଭର୍ତ୍ତି**

**ଟାଙ୍ଗୀ, ୧୬।୬ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକସ୍ଥିତ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ମହିଳା ଉର୍ମିଳା ବଳ (୩୯)ଙ୍କ ରବିବାର ରାତିରେ ମୃତ୍ୟୁବରଣ କରିଥିବା ଜଣାପଡିଛି।

**ଗୋପାଳପୁରରେ ଲଜ୍ଜା**

## ପୁରୁଷ ବନ୍ଧୁଙ୍କୁ କାବୁକରି କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ




**୭ ଅଭିଯୁକ୍ତ ଅଟକ, ୩ ଫେରାର୍**

**ବ୍ରହ୍ମପୁର,୧୬।୬(ସମିସ):** କ୍ରମାଗତ ଭାବେ ଗୋଟିକ ପରେ ଗୋଟିଏ ଗଣଦୁଷ୍କର୍ମ ଘଟଣା ଗୋପାଳପୁର ନିର୍ବାଚନମଣ୍ଡଳୀକୁ ଲଜ୍ଜିତ କରିଛି। ଦୁଇଦିନ ତଳେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକା ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ବେଳେ ରବିବାର ଗୋପାଳପୁର ବେଳାଭୂମିକୁ ନିଜ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଯୁକ୍ତ ତିନି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୋଗକୁ ଆଧାରରେ ପୁଲିସ ୭ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଆଉ ୩ ଜଣ ଫେରାର୍ ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁସାରେ, ଜିଲ୍ଲା ବାହାରର ଜଣେ ଯୁବତୀ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ରେ ଅଧ୍ୟୟନ କରନ୍ତି। ରବିବାର ଅପରାହ୍ନରେ ସେ ନିଜ ପୁରୁଷ ବନ୍ଧୁଙ୍କ ସହ ସେ ଗୋପାଳପୁର ବେଳାଭୂମିକୁ ବୁଲି ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟେ ବସିଥିବାବେଳେ ହିଞ୍ଜିଳିକାଟୁ ସମେତ ଅନ୍ୟାନ୍ୟ ଅଞ୍ଚଳର ୧୦ଜଣ ଯୁବକ ସେମାନଙ୍କୁ ଘେରିଯାଇ ପ୍ରଥମେ ଅସଦାଚରଣ କରିଥିଲେ। ପରେ ପୁରୁଷ ବନ୍ଧୁକୁ କିଛି ଯୁବକ କାବୁ କରି ଯୁବତୀକୁ ବଳପୂର୍ବକ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନକୁ ଉଠାଇ ନେଇଥିଲେ। ପ୍ରାୟ ୩ ଜଣ ଯୁବକ ସେଠାରେ ଯୁବତୀଙ୍କୁ ଦୁଷ୍କର୍ମ କରି ଚମ୍ପଟ ମାରିଥିବା ଜଣାପଡିଛି। ଘଟଣା ପରେ ରାତି ପ୍ରାୟ ସାଢେ ୧୦ଟାରେ ଥାନାର ▶ପୃଷ୍ଠା-୭

**ଭୋଜି ଖାଇ ଫେରୁଥିଲେ**

## ବଜ୍ରପାତରେ ୨ ମୃତ



**ଗୁଡାରୀ, ୧୬।୬ (ସମିସ):** ରଜ ପର୍ବ ଭୋଜି ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ମୁତାବକ ସୋମବାର ଶେଷ ରଜ ଉପଲକ୍ଷେ ରାୟଗଡ଼ା ଜିଲ୍ଲା ମିଲୁ ଡେପସାହିର ପ୍ରାୟ ୪୦ ଜଣ ବଣଭୋଜିର ଆୟୋଜନ କରିଥିଲେ। ଅପରାହ୍‌ଣରେ ବଣଭୋଜି ଶେଷ କରି ସେମାନେ ଆନନ୍ଦରେ ଘରକୁ ଫେରୁଥିଲେ। ଏହି ସମୟରେ ଅଚାନକ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ପ୍ରସାଦ ଗୌଡଙ୍କ ଝିଅ ସୁନାଲି ଗୌଡ (୨୪), ଫାଲଗୁନି ଗୌଡ଼ଙ୍କ ପତ୍ନୀ ରୁପାଲି ଗୌଡ଼(୨୧) ଓ ର୍ ମୋନଜ ଗୌଡଙ୍କ ପତ୍ନୀ କାଜଲ ଗୌଡ଼ (୨୦) ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟମାନେ ସମସ୍ତଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୁନାଲି ଗୌଡ଼ ଓ ରୁପାଲି ଗୌଡ଼ଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ପଠାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର କାଜଲଙ୍କୁ ପ୍ରଥମେ ଗୁଣୁପୁରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଉଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ଜଣେ ଗୁରୁତର**

## ଜଳପ୍ରପାତ ସ୍ରୋତରେ ଭାସିଗଲେ ୨ ନାବାଳକ

**ଜଣଙ୍କ ମୃତଦେହ ଉଦ୍ଧାର**

**କୋଟପାଡ଼, ୧୬।୬ (ସମିସ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋତର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତ ସ୍ରୋତରେ ଦୁଇ ଜଣ ନାବାଳକ ଭାସି ଯାଇଛନ୍ତି। ଜଣେ ନାବାଳକଙ୍କର ମୃତ ଶରୀର ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତ ନାବାଳକ ଜଣକ ହେଲେ ଆଲୋକ ରାଜ ସୁନା (୧୬)। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନା ଅନୁସାରେ, କୋଟପାଡ଼ ଗୁଲମୀ ଜଳପ୍ରପାତଙ୍କୁ ରବିବାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ୫ ଜଣ ବୁଲିବାକୁ ଆସିଥିଲେ। ଗତ କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ବୁଲିବାକୁ ଆସିଥିବା ପିଲାମାନେ ଗୁଲମୀରେ ବିଭିନ୍ନ ସ୍ଥାନରେ ଫଟୋ ଉଠାଉ ଥିବା ସମୟରେ ଦୁଇ ନାବାଳକ ପ୍ରଖର ▶ପୃଷ୍ଠା-୭

## ମଧ୍ୟପ୍ରାଚ୍ୟରେ ବଢୁଛି ଉତ୍ତେଜନା



### ଚତୁର୍ଥ ଦିନରେ ଇରାନ-ଇସ୍ରାଏଲ ଯୁଦ୍ଧ

### ଜୋର୍‌ଦାର୍ ହେଉଛି କ୍ଷେପଣାସ୍ତ୍ର ମାଡ଼

### ଯୁଦ୍ଧ ଘନଘୋଟା ଭିତରେ ଇରାନରେ ଅଟକିଛନ୍ତି ୧୫୦୦ ଭାରତୀୟ ଛାତ୍ରଛାତ୍ରୀ

**ତେହରାନ/ତେଲଆଭିଭ୍ ୧୬।୬ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଛି। ଆଜି ଚତୁର୍ଥ ଦିନ ଧରି ମଧ୍ୟ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷତି ଘଟି ଚାଲିଥିବା ବେଳେ ଏହାକୁ ରୋକିବା ଲାଗି ଆନ୍ତର୍ଜାତିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଅସ୍ତ୍ରବିରତି କରିବାକୁ ଇରାନ ମନା କରିବା ସହିତ ଇସ୍ରାଏଲ ଉପରେ ଜବାବୀ ହମଲା ଜାରି ରଖିଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ଥମିବାର ସମ୍ଭାବନା କମ୍। ସେ ଚାହିଁଲେ ଅସ୍ତ୍ରବିରତି ହୋଇଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ବେଳେ ଏଭଳି ସ୍ଥିତି ଦେଖାଯାଉ ନାହିଁ। ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଏହି ଯୁଦ୍ଧ ଅନ୍ୟ ଅଞ୍ଚଳକୁ ବ୍ୟାପିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଆଜି ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ସମେତ ହାଫିଆ, ପେଟା ଟିକଭା ଓ ଅନ୍ୟାନ୍ୟ ସହର ଉପରେ ଆଜି ପୁଣି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଇସ୍ରାଏଲର ଆଉ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୨୨ ହୋଇଥିବା କୁହାଯାଉଛି। ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସରକାରୀ ଓ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଆକ୍ରମଣରେ ଅନେକ ସ୍ଥାନରେ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଇରାନ ଧ୍ୱସ୍ତ କରିଥିବା ଦାବି କରିଛି। ତେଲ ଆଭିଭରେ ଆଜି ଏକ ଅଭାଭନୀୟ ଘଟଣା ▶ପୃଷ୍ଠା-୭

**ଜାରିହେଲା ବିଜ୍ଞପ୍ତି**

# ଦୁଇ ପର୍ଯ୍ୟାୟରେ ହେବ ଜନଗଣନା

### ୨୦୨୬ ଅକ୍ଟୋବର ଏବଂ ମାର୍ଚ୍ଚ ୨୦୨୭

### ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ



**ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆସନ୍ତା ବର୍ଷ ୨୦୨୬ ଅକ୍ଟୋବର ପହିଲାରୁ ଆରମ୍ଭ ହେବ ବହୁପ୍ରତୀକ୍ଷିତ ଜନଗଣନା। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଭିଯାନରେ ଜାତି ଭିତ୍ତିକ ଜନଗଣନା ମଧ୍ୟ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆଜି ଏସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଲଦାଖ ଭଳି ପାର୍ବତ୍ୟ ଅଞ୍ଚଳରେ ଜନଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ୧ ତାରିଖରୁ ଜନଗଣନା କରାଯିବ। ଦେଶର ଏହି ସବୃବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ୩୭୬୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଜାତି ଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି।

ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ-ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ କୋଭିଡ୍ -୧୯ ମହାମାରୀ ଯୋଗୁଁ ▶ପୃଷ୍ଠା-୭

## ରାଜ୍ୟରେ ଡିଜିଟାଲ୍ ପଦ୍ଧତିରେ ହେବ ଗଣନା: ପୱନ୍ କଲ୍ୟାଣ

**ଭୁବନେଶ୍ୱର, ୧୬।୬ (ସମିସ):** ଦେଶରେ ଜନଗଣନା ପାଇଁ ତାରିଖ ଚୂଡ଼ାନ୍ତ ହୋଇଛି। ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି, ଜନଗଣନା ଡିଜିଟାଲ୍ ପଦ୍ଧତିରେ ଏବଂ ମୋବାଇଲ ଆପ୍ଲିକେସନର ବହୁଳ ଉପଯୋଗ କରି ହେବ। ଏପରିକି ଏଥିପାଇଁ ନୂଆ ମୋବାଇଲ ଆପ୍ଲିକେସନ ଆସିପାରେ। ଜନଗଣନା କାର୍ଯ୍ୟ ପାଇଁ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବାକୁ ଥିବାବେଳେ ସମସ୍ତଙ୍କୁ ତାଲିମ ପ୍ରଦାନ କରାଯିବ। ଜନଗଣନାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନେ ଏକ ସଂରଚିତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବେ । ରେଜିଷ୍ଟ୍ରାର ଜେନେରାଲଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାରଙ୍କ ସହାୟତାରେ ଏହାକୁ ସୂଚାରୁ ରୂପେ ପରିଚାଳିତ କରାଯିବ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା



**ରାଉରକେଲା, ୧୬।୬ (ସମିସ):** କଲୁଙ୍ଗା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗୋଏଲକେରା ଅଞ୍ଚଳର ନିଲ ଜୋଜୋ (୩୬)। ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଶବକୁ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୮ଟା ବେଳେ କଲୁଙ୍ଗା ଜିଆବାହାଲ ଡମ୍ପିଂ ୟାର୍ଡ ପରିସରରେ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରୁ ଶବକୁ ଉଦ୍ଧାର କରିଥିଲା। ସୋମବାର ପୁଲିସକୁ ମୃତକଙ୍କ ପରିଚୟ ମିଳିଥିଲା। ନିଲଙ୍କ ମୁହଁକୁ ପଥରରେ ଛେଚା ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ନିଲ ଶ୍ରମିକ ଭାବେ କାମ କରୁଥିଲେ। ଗତ ଦୁଇ ଦିନ ହେବ ସେ କଲୁଙ୍ଗାକୁ ଆସିଥିଲେ। ହେଲେ ସେ କ'ଣ ପାଇଁ ଏଠାକୁ ଆସିଥିଲେ, ତାଙ୍କର କିଏ ସମ୍ପର୍କୀୟ ରହୁଛନ୍ତି କି? ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ପୁଲିସ ପରିବାରକୁ ସୂଚନା ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ସ୍ମାର୍ଟସିଟିରେ ବେଆଇନ ଘରୋଇ ଛାତ୍ରାବାସ; ବଢ଼ୁଛି ସୁରକ୍ଷା ଚିନ୍ତା

ରାଉରକେଲା,୧୬।୬(ସମିସ)

ସ୍ମାର୍ଟସିଟି ରାଉରକେଲାରେ ବେଆଇନ ଘରୋଇ ଛାତ୍ରାବାସ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ନେଇ ରାଉରକେଲା ମହାନଗର ନିଗମ ପାଖରେ କୌଣସି ସୂଚନା ନଥିବାବେଳେ ଦିନକୁ ଦିନ ସେଗୁଡ଼ିକର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେଥିରେ ରହୁଥିବା ଅନ୍ତେବାସୀଙ୍କ ରହିବା, ଖାଇବା, ସ୍ୱଚ୍ଛତା ନେଇ କେବେ ବି ଖୋଳତାଡ଼ ହେଉନାହିଁ।

ଛାତ୍ରାବାସ ଖୋଲିବା ପୂର୍ବରୁ ପ୍ରଶାସନ ନିକଟରେ ବିଧିବଦ୍ଧ ଭାବେ ପଞ୍ଜୀକରଣ ହେଉନଥିବାରୁ ଏ ନେଇ ପ୍ରଶାସନ ପାଖରେ କୌଣସି ସୂଚନା ରହିପାରୁନି। ଘର ମାଲିକମାନେ ସେମାନଙ୍କ ଘରକୁ ବେଆଇନ ଭାବେ ସଂପ୍ରସାରଣ କରି ଏହାକୁ ବିଭିନ୍ନ କୋଚିଂ ସେଣ୍ଟରଗୁଡ଼ିକୁ ଛାତ୍ରାବାସ ପାଇଁ ଭଡ଼ା ସୂତ୍ରରେ ଦେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତେବେ ଘର ମାଲିକମାନେ ସେମାନଙ୍କ ଘରକୁ କମର୍ସିଆଲ ଭାବେ ବ୍ୟବହାର କରୁଥିବାବେଳେ ହୋଲଡିଂ ଟିକସ କମର୍ସିଆଲ ଭାବେ ରାଉରକେଲା ମହାନଗର ନିଗମ ନିକଟରେ ପୈଠ କରୁଛନ୍ତି କି ନାହିଁ, ତାହା ତଦନ୍ତସାପେକ୍ଷ। ଛାତ୍ରାବାସରେ ଆର୍‌ଏମ୍‌ସି ପ୍ରଶାସନ କିମ୍ବା ଏ ସମ୍ପର୍କୀୟ ବିଭାଗର ବିନା ଅନୁମତିରେ ମେସ୍ ଚାଲିଛି। ଯାହାର କୌଣସି ଖବର ରାଉରକେଲା ମହାନଗର ନିଗମ ନିକଟରେ ରହୁନାହିଁ। ସହରରେ ଅନେକ କଲେଜ, ଘରୋଇ ଆବାସିକ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ରହିଛି। ଶିକ୍ଷାନୁଷ୍ଠାନରେ ରହୁଥିବା ଆଖପାଖ ଅଞ୍ଚଳରେ ମାଳମାଳ ମେସ୍ ବା ଘରୋଇ ଛାତ୍ରାବାସ ନିର୍ମାଣ ହୋଇଛି। ଏହି ସମସ୍ତ ମେସ୍‌ରେ ଛାତ୍ରଛାତ୍ରୀ ରହି ପାଠ ପଢ଼ିବା ସହିତ ବିଭିନ୍ନ ସ୍ଥାନରେ ଚାକିରି ମଧ୍ୟ କରୁଛନ୍ତି। ୨/୩ ମହଲା ବିଶିଷ୍ଟ କୋଠାରେ ଏହି ମେସ୍ ଚାଲିଛି। ଭିନ୍ନ ଭାବେ ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ମେସ୍ ନିର୍ମାଣ ହୋଇଛି। ଗୋଟିଏ କୋଠରିରେ ଏକାଧିକ ଶଯ୍ୟା ପକାଇ ଗୋଟିଏ ଶଯ୍ୟା ପିଛା ଭଡ଼ା ସଂଗ୍ରହ କରାଯାଉଛି। ହେଲେ ରାଉରକେଲା ମହାନଗର ନିଗମର ଅଜାଣତରେ ଏହିସବୁ ଛାତ୍ରାବାସ ଓ ମେସ୍ ଚାଲିଛି।

ମେସ୍ ଗୁଡ଼ିକରୁ ବାହାରୁଥିବା କୁଢ଼ କୁଢ଼ ଅଳିଆ ଆବର୍ଜନା ୱାର୍ଡର ବିଭିନ୍ନ ସ୍ଥାନରେ ପକାଇ ପରିବେଶ ପ୍ରଦୂଷଣ କରୁଥିବାବେଳେ ଡ୍ରେନ୍‌ରେ ଆବର୍ଜନା ପକାଇ ଡ୍ରେନ୍ ଜାମ୍ କରୁଥିବା ଅଭିଯୋଗ ହେଉଛି। ଅମୃତ ଯୋଜନାରେ ଘରକୁ ଆସୁଥିବା ପାଣିରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ। ଏତେ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ପାଣି ମଟର ଲଗାଇ ମାଲିକମାନେ ଶୋଷି ନେଉଛନ୍ତି। ଫଳରେ ଅନ୍ୟମାନେ ପାଣି ପାଉନାହାନ୍ତି। ବେଆଇନ୍ ଭାବରେ ଗଢ଼ି ଉଠୁଥିବା ମେସ୍ ପାଇଁ ଅଞ୍ଚଳବାସୀ ପ୍ରତିଦିନ ବିଭିନ୍ନ ସମସ୍ୟାକୁ ସାମ୍ନା କରୁଛନ୍ତି। ବାରମ୍ବାର ଅଭିଯୋଗ ମଧ୍ୟ ହେଉଛି। ହେଲେ ମାଲିକମାନଙ୍କ ବିରୋଧରେ ନିଗମ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଲୋକଙ୍କ କହିବା କଥା, ନିଗମ ଅଞ୍ଚଳରେ ଗୃହ ନିର୍ମାଣ କରିବାକୁ ହେଲେ ନିଗମରେ ଅର୍ଥ ପୈଠ କରିବାକୁ ପଡ଼ିଥାଏ। ବ୍ୟବସାୟ ପାଇଁ ଯଦି ଏହି ଗୃହ ବ୍ୟବହାର କରାଯାଏ। ତେବେ ଏହାର ମୂଲ୍ୟ ଘରୋଇ ମୂଲ୍ୟ ଠାରୁ ଅଧିକ ହୋଇଥାଏ। ଯେଉଁମାନେ ବ୍ୟବସାୟ କରୁଛନ୍ତି ସେମାନେ ପଞ୍ଜୀକରଣ କରିଛନ୍ତି କି ନାହିଁ, ଯଦି ପଞ୍ଜୀକରଣ ହୋଇଛି ତେବେ ବର୍ଷକୁ ଥରେ ନବୀକରଣ ହେଉଛି କି ନାହିଁ, ଏ ସମସ୍ତ କାର୍ଯ୍ୟକୁ ନିଗମ ତଦାରଖ କରିବା ଉଚିତ। ମାତ୍ର ସେମିତି କିଛି ହେଉନି। ସହର ଭିତରେ ରାତାରାତି ମେସ୍ ନିର୍ମାଣ ହେଉଛି।

କିନ୍ତୁ ମାଲିକମାନେ ନିଗମରେ ସେ ସମ୍ପର୍କରେ ଜଣାଉ ନାହାନ୍ତି କି ପଞ୍ଜୀକରଣ କରୁ ନାହାନ୍ତି। ଆଜି ଯାଏଁ ଏହି ଦିଗ ପ୍ରତି ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ମାଲିକମାନେ ଏହାକୁ ନୂଆ ବ୍ୟବସାୟ କରିବାରେ ଲାଗି ପଡ଼ିଛନ୍ତି। ଏ ଦିଗରେ ସଂପୃକ୍ତ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ମତପ୍ରକାଶ ପାଉଛି।

## ବର୍ଷାରେ ଗଛ ଉପୁଡ଼ି ରାସ୍ତା ଅବରୋଧ



ବଣାଇଁ,୧୬।୬(ସମିସ): ବଣାଇଁ ସହର ଦେଓଗାଁରେ ଥିବା ଭାମା ହୋଣ୍ଡା ନିକଟରେ ଆଜି ସନ୍ଧ୍ୟାରେ ପ୍ରବଳ ବର୍ଷା ହୋଇଛି। ଘଣ୍ଟାଏ କାଳ ବର୍ଷା ପବନ ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଭାମା ହୋଣ୍ଡା ସୋ ରୁମ୍ ନିକଟରେ ଥିବା ଏକ ନିମ୍ବ ଗଛ ଭାଙ୍ଗିଯିବାରୁ ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ସୌଭାଗ୍ୟବଶତଃ ସେହି ସମୟରେ କୌଣସି ଲୋକଙ୍କ ଯାତାୟାତ ନଥିବାରୁ ଏକ ବଡ଼ଧରଣର ଦୁର୍ଘଟଣା ଟଳିଯାଇଛି। ଖବର ପାଇ ବଣାଇଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର୍ ମେସିନ ସହାୟତାରେ ଗଛର ଡାଳ ସବୁ କାଟି ସଫା କରାଯାଉଛି। ଖୁବ୍‌ଶୀଘ୍ର ରାସ୍ତାରେ ଚଳାଚଳ ସ୍ୱାଭାବିକ କରିବାକୁ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ଗୋଷ୍ଠୀ ଚାମ୍ପିଅନଙ୍କୁ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର



ରାଉରକେଲା,୧୬।୬(ସମିସ): ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକ ପାଇଁ "ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ସମାରୋହ ରାଉରକେଲା କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି କେ ଜୋଜୋ ଏବଂ ସହର ସେବା ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଟି ଜି କାନେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଡକ୍ଟର ଆଚାର୍ଯ୍ୟ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ପରିବେଶ ତଥା ଉନ୍ନତ ଚିନ୍ତାଧାରା ସହିତ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ଅନୁରୋଧ କରିଥିଲେ।

ଯାହା 'ସ୍ୱଚ୍ଛତା' ଆନ୍ଦୋଳନର ଗୁରୁତ୍ୱକୁ ସୁଦୃଢ଼ କରିବ। ସୁଶ୍ରୀ ସବିନା ମହାନ୍ତଙ୍କ ନେତୃତ୍ୱରେ ସେକ୍ଟର-୧୬ର ସବୁଜ ଦଳ ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ ୨୦୨୫)ର ପ୍ରଥମ ପୁରସ୍କାର ବିଜେତା ରୂପେ ପୁରସ୍କୃତ ହୋଇଥିଲେ। ଏହି ଦଳକୁ ୩୦ ହଜାର ଟଙ୍କାର ନଗଦ ପୁରସ୍କାର, ଏକ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେକ୍ଟର -୧୮ ସମଲେଶ୍ୱରୀ ବସ୍ତି ଗୋଷ୍ଠୀ ପ୍ରଥମ ରନର୍ସ-ଅପ୍ ଭାବେ ୨୫ ହଜାର ଟଙ୍କା ପୁରସ୍କାର ଲାଭ କରିଥିଲା। ଯାହାର ନେତୃତ୍ୱ ସୁସ୍ମିତା ବାଗ ନେଇଥିଲେ। ସେହିଭଳି ସେକ୍ଟର-୬ ସୁବାଷପାଲି ଦଳ ଦ୍ୱିତୀୟ ରନର୍ସ-ଅପ୍ ହୋଇ ୨୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଏହାର ନେତୃତ୍ୱ ନୀଳିମା କର ନେଇଥିଲେ। ବିଜେତା ଦଳ ଅଧିନାୟକ ଏବଂ ନୂତନ ଭାବରେ ଯୋଗ ଦେଇଥିବା ସଦସ୍ୟମାନେ ମଧ୍ୟ ସେମାନଙ୍କର ଅଭିଜ୍ଞତା ବଖାଣିଥିଲେ। ପ୍ରାରମ୍ଭରେ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭାଙ୍ଗରେ ସମାବେଶକୁ ସ୍ୱାଗତ କରିଥିବା ବେଳେ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ, ୨୦୨୩ ଜୁନ୍‌ରୁ ଆରମ୍ଭ ହେବା ପରଠାରୁ ସ୍ୱଚ୍ଛତା ସ୍ୱାଭିମାନ ଅଭିଯାନର ଯାତ୍ରା ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏମ୍ ଓ ଏମ୍ ଟି ଅନୀଲ ମଲ୍ଲିକ ସଂଯୋଜନା କରିଥିଲେ।

ଉଲ୍ଲେଖନୀୟ ଯେ, ରାଉରକେଲା ଇସ୍ପାତ ସହରାଞ୍ଚଳର ବାସିନ୍ଦାଙ୍କୁ ବଜାର ଅଞ୍ଚଳ, ବସ୍ତି, ଖୋଲା ସ୍ଥାନ, ଗଳି ଏବଂ କ୍ୱାର୍ଟର ସମେତ ଅନ୍ୟ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗ୍ରହଣ କରି ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ଦ୍ୱାରା ଏହି 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ଯୋଜନା ଆରମ୍ଭ କରାଯାଇଛି। ବର୍ତ୍ତମାନ ପ୍ରାୟ ୧ ହଜାର ଜଣ ସଦସ୍ୟଙ୍କ ସହିତ ୩୦ଟି ଦଳ ରହିଛି। ଯେଉଁମାନେ ଏହି ଯୋଜନା ଅଧୀନରେ ନିୟମିତ ଭାବରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

## ବ୍ୟାସକବିଙ୍କ ତିରୋଧାନ ଦିବସ





ରାଉରକେଲା,୧୬।୬(ସମିସ): ସୁବର୍ଣ୍ଣରେଖା ଓ ଫକୀରମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ସଂକ୍ରାନ୍ତି ପୁରୁଷ' ତଥା ମହାନ କଥାକାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ତିରୋଧାନ ଦିବସ ଅନୁଷ୍ଠାନର ବ୍ୟାସଭବନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବନବିହାରୀ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା, କର୍ମକର୍ତ୍ତା ଓ ନନ୍ଦିନୀ ମହିଳା ସଂହତିର ସଦସ୍ୟା ଯୋଗଦେଇ ଫକୀରମୋହନଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପଦେଷ୍ଟା ମନୋରଞ୍ଜନ ଦାସ, ସୁମନ ଦତ୍ତ, ଆଇନଜୀବୀ କଲ୍ୟାଣ କମଳ ପଣ୍ଡା ପ୍ରମୁଖ ଫକୀରମୋହନଙ୍କ ଦ୍ୱାରା ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ଉନ୍ନତି, ପ୍ରଗତି ପାଇଁ କରା ଯାଇଥିବା କାର୍ଯ୍ୟ ସମୂହ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡାକ୍ତର ସାନ୍ତ୍ୱନା ପରିଡ଼ା ଫକୀରମୋହନଙ୍କ ଲେଖାର ସମାଜ ସଂସ୍କାର ଦିଗ ଉପରେ ଆଲୋଚନା କରିଥିଲେ। ଉପସଭାପତି ନିତ୍ୟାନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ମହିଳା ସମ୍ପାଦିକା ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ନନ୍ଦିନୀ ମହିଳା ସଂହତିର ସଦସ୍ୟାଙ୍କ ଦ୍ୱାରା 'ରଜ ଉତ୍ସବ' ପାଳନ ହୋଇଥିଲା। ବିଜୟ ପ୍ରଧାନ, ଆନନ୍ଦ ଗିରି, ରାଧାକୃଷ୍ଣ ଦଳପତି, କରୁଣାକର ବାରିକ, ପ୍ରଦୀପ ଭୋଳ, ବାଲୁ କିଶୋର ପାତ୍ର, ପରମେଶ୍ୱର ମହାରଣା, ରାଜୀବ ପାତ୍ର, ବିକାଶ ସାହାଣୀ, ଅରକ୍ଷିତ ଆଦକ, ପ୍ରଫୁଲ୍ଲ ସାହୁ, ସୁବ୍ରତ ଜେନା, କବିନ୍ଦ୍ର ଦେଓ, ବରୁଣ ମାଝୀ, ପର୍ଶୁରାମ ମଲ୍ଲିକ, ହରିପଦ ମହାନ୍ତି , ରଜନୀ ଘୋଷ ଓ ନନ୍ଦିନୀ ମହିଳା ସଂଘତିର ଦେବଯାନୀ ଘୋଷ, ଛବି ରାଣୀ ପ୍ରଧାନ, କନକଲତା ଜେନା, ତଅପୋଇ ମାଝୀ, ଦମୟନ୍ତୀ ବେହେରା, ଶକୁନ୍ତଳା ଆଦକ, ଆଶାଲତା ଦାଶ, ସୁପ୍ରଭା ପ୍ରଧାନ, ପୂଜାରିଣୀ ଗିରି, ଜ୍ୟୋସ୍ନା ରାଣୀ ଦେଓ, ଲୋପାମୁଦ୍ରା ଦାସ, ଜ୍ୟୋସ୍ନା ରାଣୀ ଜେନା, ଚମ୍ପା ଚାନ୍ଦ, ଶର୍ମିଳା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଜ ମହୋତ୍ସବ ପାଳିଲା ଶାନ୍ତି ଯୁବକ ସଙ୍ଘ

ବଣାଇଁ,୧୬।୬(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ୍ ହଳଦୀକୁଦର ପଞ୍ଚାୟତ ସାନଜଲ ଗ୍ରାମରେ ଥିବା ଶାନ୍ତ ଯୁବକ ସଙ୍ଘ ତରଫରୁ ଷଷ୍ଠ ତମ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଉରକେଲା ସାଙ୍ଗଠନିକ



ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ, ସମ୍ମାନିତ ଅତିଥି ଭାବେ ହଳଦୀକୁଦର ସରପଞ୍ଚ ବିଜୟ ସିଂ ମୁଣ୍ଡା, ଗୁରୁଚରଣ ସ୍ୱାଇଁ, ନାନୁ ଗଡ଼ସରା ଯୋଗ ଦେଇଥିଲେ। ରାମଚନ୍ଦ୍ର ମୁଣ୍ଡାଙ୍କ ସଭାପତିତ୍ୱରେ ଏ ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଘ ସଦସ୍ୟା ଅତିଥିଙ୍କୁ ପୁଷ୍ପ ଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ କରିଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରଜ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଭଲ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ମନୋରଞ୍ଜନ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରଜ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାନଜଲ ଗ୍ରାମ ସମେତ ଆଖପାଖ ଅଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା

ରାଉରକେଲା,୧୬।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ୧୫ ଦିନ ବ୍ୟାପି ଶିଶୁ ଶ୍ରମିକ ନିରାକରଣ ଅଭିଯାନର ଅଂଶସ୍ୱରୂପ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା ଆଜି ଆୟୋଜିତ ହୋଇଯାଇଛି। ଏହି ସଚେତନତା ପଦଯାତ୍ରା ରେଲୱେ ଷ୍ଟେସନ ନିକଟସ୍ଥ ହନୁମାନ ମନ୍ଦିରଠାରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଜନସାଧାରଣ ଓ ବାଣିଜ୍ୟ ପ୍ରତିଷ୍ଠାନର ସତ୍ତ୍ୱାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା, ବିଭାଗୀୟ ଶ୍ରମ ଆୟୁକ୍ତ ସୁନିତା କିସାନ, ଜିଲ୍ଲା ଶ୍ରମ ଅଧିକାରୀ ରାଉରକେଲା ଗୋପାଳକୃଷ୍ଣ ମଙ୍ଗରାଜ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶିଶୁ କଲ୍ୟାଣ କମିଟି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ କାର୍ଯ୍ୟାଳୟର ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ସମୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ତଥା ଶିଶୁମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନର ପ୍ରାବଧାନ ସମ୍ପର୍କରେ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।



## ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ

ରାଉରକେଲା,୧୬।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ୧୨ ଜୁନ୍‌ରୁ ରାଜ୍ୟ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ପରିପ୍ରେକ୍ଷୀରେ ସୋମବାର ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ରର ବହୁଳ ପ୍ରଚାର ପ୍ରସାର କରିବା ତଥା ଓଡ଼ିଶାର ଚଳଚ୍ଚିତ୍ର ଜଗତର ଗୌରବମୟ



ଇତିହାସକୁ ମନେପକାଇବା ନିମନ୍ତେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ 'ଦମନ' ଓ 'ସ୍ତ୍ରୀ' ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ଓ ଉପ ପୌରାୟୁକ୍ତ ଅନୀତା ନାଏକଙ୍କ ସମେତ ଆରଏମସିର ବରିଷ୍ଠ ଅଧିକାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଏସ୍‌ଏଚ୍‌ଜି ମହିଳାଙ୍କ ଚଳଚ୍ଚିତ୍ର ଉପଭୋଗ କରଥିଲେ। ସୂଚନାଯୋଗ୍ୟ ଯେ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ 'ବିକାଶ ବାହନ' ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ବିଭିନ୍ନ ୱାର୍ଡରେ ୨୧ ଜୁନ ପର୍ଯ୍ୟନ୍ତ 'ବିକାଶ ମେଳା'ର ଆୟୋଜନ କରାଯାଉଛି।

## ଆଇଜିଏଚ୍ ଦ୍ୱାରା ଜଟିଳ ଚକ୍ଷୁ ଅସ୍ତ୍ରୋପଚାର

ରାଉରକେଲା,୧୬।୬(ସମିସ): ସେଲ୍ ଆର୍‌ଏସ୍‌ପିର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍) ପକ୍ଷରୁ ପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ଜଟିଳ ତଥା ଜରୁରିକାଳୀନ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଛି। ଏହି ଅସ୍ତ୍ରୋପଚାର ଜଣେ ଗୁରୁତର ଆହତ ଶିଳ୍ପ କର୍ମଚାରୀଙ୍କ ଜୀବନ ସହ ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଛି। ସୂଚନାଯୋଗ୍ୟ ଯେ ଏଲ୍ ଆଣ୍ଡ ଟି କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଜଣଙ୍କ ହେଲେ ଗୋବିନ୍ଦ ତନ୍ତୀ। ସେ ଡ୍ୟୁଟିରେ ଥିବା ସମୟରେ ତାଙ୍କର ଚକ୍ଷୁରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଇଏସ୍‌ଆଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ତୁରନ୍ତ ଆଇଜିଏଚ୍‌କୁ ଜଟିଳ ଚିକିତ୍ସା ପାଇଁ ପଠାଯାଇଥିଲା। ଜରୁରିକାଳୀନ ଭିତ୍ତିରେ ସ୍ୱତନ୍ତ୍ର ଯତ୍ନ ସହକାରେ, ଆଇଜିଏଚ୍‌ର ଡାକ୍ତରୀ ଦଳ ଶଲ୍ୟ ବିଶେଷଜ୍ଞଙ୍କ ସହିତ ଏକ ଉଚ୍ଚ-ସଙ୍କଟାପନ୍ନ ଆପାତକାଳୀନ ଅସ୍ତ୍ରୋପଚାର କରିଥିଲେ। ଏହି ଜଟିଳ ଅସ୍ତ୍ରୋପଚାରରେ ଚକ୍ଷୁ ଚିକିତ୍ସା ବିଭାଗର ମୁଖ୍ୟ ପରାମର୍ଶଦାତା ଡକ୍ଟର ଅନିମା ଟିଗା ନେତୃତ୍ୱ ନେଇଥିଲେ। ତାଙ୍କ ସହ ଡିଏନ୍‌ବି ଡକ୍ଟର ମୁସ୍କାନ ଜଗୱାନୀ, ଉକ୍ତ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାରରେ ସହାୟତା କରିଥିଲେ। ସେମାନଙ୍କ ପରିଶ୍ରମ ତଥା ଆଇଜିଏଚ୍‌ର ସମର୍ପିତ ନର୍ସିଂ ଷ୍ଟାଫ୍ ଏବଂ ସହାୟକ କର୍ମଚାରୀଙ୍କ କଠିନ ପ୍ରୟାସ ଯୋଗୁଁ ଏପରି ଗୁରୁତର ରୋଗୀଙ୍କ ସଫଳ ଚିକିତ୍ସା ସୁନିଶ୍ଚିତ ହୋଇ ପାରିଥିଲା ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଅସ୍ତ୍ରୋପଚାର ପରେ, ରୋଗୀଙ୍କୁ ତୁରନ୍ତ ଉନ୍ନତ ଚିକିତ୍ସା ଏବଂ ଅଧିକ ଯତ୍ନ ପାଇଁ ଜଣେ ରେଟିନା ବିଶେଷଜ୍ଞଙ୍କ ପାଖକୁ ପଠା ଯାଇଥିଲା। ଅସ୍ତ୍ରୋପଚାର ପରେ ସେ ଆରୋଗ୍ୟଲାଭ କରିଛନ୍ତି।

## ରାଜଗାଙ୍ଗପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ରାଜଗାଙ୍ଗପୁର,୧୬।୬(ସମିସ): ରାଜଗାଙ୍ଗପୁର ବ୍ଲକ୍‌ଠାରେ ଆଜି ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୬ଟି ଅଭିଯୋଗ ଆସିଥିଲା ବେଳେ ସେଥି ମଧ୍ୟରୁ ୪୧ଟି ବ୍ୟକ୍ତିଗତ ଏବଂ ୫୫ଟି ସାମୂହିକ ଅଭିଯୋଗ ରହିଥିଲା। ତାହା ମଧ୍ୟରୁ ୭ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଯେଉଁଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ଏବଂ ରେଡକ୍ରସ୍‌ରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା।ଆଜିର ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆଇଏଏସ୍ ଶିକ୍ଷାନବିଶ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

## ବଣାଇଁ ବନଖଣ୍ଡରେ ଗଡ଼ିଲା ସଚେତନତା ରଥ



ବଣାଇଁ,୧୬।୬(ସମିସ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧୀନରେ ଆଜି ବଣାଇଁ ବନଖଣ୍ଡ ପକ୍ଷରୁ କାର୍ଯ୍ୟାଳୟ ପରିସରରୁ ମା' ପାଇଁ ଗଛଟିଏ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟାଳୟ ପରିସରରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିବା ସହ ପରିବେଶ ପାଇଁ ବୃକ୍ଷର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମା' ଯେପରି ଆମ ଜୀବନର ପ୍ରମୁଖ ଅଂଶବିଶେଷ ସେହିଭଳି ବୃକ୍ଷ ମଧ୍ୟ ଆମ ଜୀବନର ପ୍ରମୁଖ ଅଂଶ। ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ, ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ବହୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଯୋଡ଼ି ହୋଇ ଏହି ଅଭିଯାନକୁ ସଫଳ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ବନଖଣ୍ଡ ଅଧିକାରୀ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ବନଖଣ୍ଡ ସହକାରୀ ବନ ସଂରକ୍ଷକ ନଳିନୀକାନ୍ତ ବେହେରା, ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଫରେଷ୍ଟର ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ ଉତ୍କଳ କେଶରୀ ରାଉତ, ସ୍କ୍ୱାର୍ଡ କର୍ମୀ ପ୍ରମୁଖ ଉପସ୍ଥିତ ରହି ଚାରା ବଣ୍ଟନ କରିଥିଲେ। ସରକାରଙ୍କ ବିକାଶ ଯୋଜନା ଭଳି 'ମାଆ ପାଇଁ ଗଛ ଟିଏ' ଯୋଜନାକୁ ସଫଳ ରୂପାୟନ ଦେବା ପାଇଁ ଆମେ ସଦା ସର୍ବଦା ଚେଷ୍ଟିତ ରହିବା ବୋଲି ଅଧିକାରୀ ମତବ୍ୟକ୍ତ କରିଥିଲେ।

## କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

# ୧୪କୋଟିର ୟୁସି ଅଣ୍ଡାଳୁଛି ଶିକ୍ଷା ବିଭାଗ

## ପ୍ରଧାନ ଶିକ୍ଷକମାନେ ୟୁସି ନଦେଲେ ଦରମା ବନ୍ଦ ଚେତାବନୀ

**ଭବାନୀପାଟଣା, ୧୬ା୬(ସମିସ):** କଳାହାଣ୍ଡି ଜିଲ୍ଲାରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକ ଅଭାବ ଜନିତ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇଛି। ଏବେ ମଧ୍ୟ ଜିଲ୍ଲାରେ ୫୭ଟି ବିଦ୍ୟାଳୟରେ ଜଣେ ଶିକ୍ଷକରେ ଚାଲିଥିବା ଜଣା ପଡ଼ିଛି। ଗ୍ରୀଷ୍ମ ଛୁଟି ଆଉ ୩/୪ ଦିନ ପରେ ସରିବ। ପୁଣି ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କ ଯିବା ଏବଂ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ଆରମ୍ଭ ହୋଇଯିବ। ଯେଉଁ ଦ୍ୱନ୍ଦ୍ୱ ଥିଲା କେବେ ସ୍କୁଲ ଖୋଲିବ ଓ ମଧ୍ୟାହ୍ନ ଭୋଜନ ଦିଆଯିବ ସେ ନେଇ ଶିକ୍ଷା ବିଭାଗ ନୂତନ ଚିଠି ଦ୍ୱାରା ଅବଗତ କରିଛନ୍ତି। ଆସନ୍ତା ୨୦ତାରିଖରେ ବିଦ୍ୟାଳୟ ଖୋଲିବ ଏବଂ ମଧ୍ୟାହ୍ନ ଭୋଜନ ନିୟମିତ ହେବ। ଶିକ୍ଷା ବିଭାଗ ବେଳେବେଳେ ଏମିତି ଚିଠି କରୁଛି ଯାହାର ମୂଳ ବିଷୟବସ୍ତୁ ବୁଝିବା ଶିକ୍ଷକଙ୍କ ପକ୍ଷେ କଷ୍ଟକର ବ୍ୟାପାର ହେଉଥିବା ଲକ୍ଷ୍ୟ କରାଯାଇଛି। କଳାହାଣ୍ଡି ଜିଲ୍ଲାରେ ଏବେ ଶିକ୍ଷା ବିଭାଗର ଆଉ ଏକ ନିର୍ଦ୍ଦେଶନାମା ଶିକ୍ଷକମାନଙ୍କୁ ଅଡୁଆରେ ପକାଇଛି। ସର୍ବଶିକ୍ଷା ଅଭିଯାନ ସମୟର ସିଭିଲ କାର୍ଯ୍ୟର ଖର୍ଚ୍ଚ ଗଣିତ ତୁଟୁନାହିଁ। ଗତ ୨୦୧୬ ସୁଦ୍ଧା ଯେତିକି ସିଭିଲ ୱାର୍କ ହୋଇଛି ସେଗୁଡ଼ିକର ୟୁସି. ବିଭାଗ ଚାହୁଁଛି। କାରଣ ମାତ୍ର କେତୋଟି ବର୍ଷ ମଧ୍ୟରେ କୋଠା ବାଡ଼ି ପାଇଖାନା ଇତ୍ୟାଦି ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବା ଅର୍ଥର ୟୁସି ପାଉନାହିଁ ଅଫିସ। ପ୍ରାୟ ୧୬କୋଟି ଟଙ୍କାର ହିସାବ ନାହିଁ କି ୟୁସି ମିଳୁନଥିଲା। ବଡ଼ କଷ୍ଟରେ ୨କୋଟି ଟଙ୍କାର ୟୁସି ଆଡଜଷ୍ଟ ହୋଇଥିବା ଜଣାପଡ଼ିଛି। ଆଉ ରହିଲା ୧୪କୋଟିର ୟୁସି. ଯୁଦ୍ଧକାଳୀନ ଭିତ୍ତିରେ ଦେବାଲାଗି ଶିକ୍ଷାକମାନଙ୍କୁ ସୂଚାଇ ଦିଆଯାଇଛି। ନଚେତ ଶିକ୍ଷକଙ୍କ ଦରମାବନ୍ଦ ମଧ୍ୟ ହୋଇପାରେ। ପଣସ ଖାଇଲା କିଏ ଅଠା କାହା ମୁଣ୍ଡରେ ବୋଳା ହେବ ସେନେଇ ଶିକ୍ଷକଗୋଷ୍ଠୀ ପ୍ରମାଦ ଗଣୁଛନ୍ତି। ଏହି ୟୁସି ଦାଖଲ ଘଟଣାକୁ ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗ ଅତ୍ୟନ୍ତ ଗୁରୁତର ସହିତ ଗ୍ରହଣ କରିଛି। ଗତ ଦେଢ଼ ମାସ ହେବ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ଓ ସିନିୟର ଟେକନିକାଲ କନସାଲଟାଣ୍ଟଙ୍କ ଦରମା ବନ୍ଦ କରାଯାଇଛି। ତେଣୁ ଶିକ୍ଷକମାନଙ୍କ ଦରମା ବନ୍ଦ ଚେତାବନୀ କିଛି ବଡ କଥା ନୁହେଁ। କେମିତି ଏତେ ପରିମାଣ ଟଙ୍କାର ୟୁସି ଆଦାୟ ହେବ, ସେ ବାଟ ଖୋଜିବାକୁ ପଡୁଛି। ପୂର୍ବ ବର୍ଷ ଗୁଡିକର ୟୁସି ପାଇବା ମୁସ୍କିଲ। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ଯୁଗ୍ମ ଦସ୍ତଖତରେ ଥିବା ଆକାଉଣ୍ଟରୁ ଟଙ୍କା ଖର୍ଚ୍ଚ ହୋଇଛି। କେଉଁଠି ଟଙ୍କା ଖର୍ଚ୍ଚ ହୋଇଛି ତ ଅନ୍ୟ କେଉଁଠି କାମ ନହେବା ଓ ଟଙ୍କା ନଆସିବା ପରିସ୍ଥିତି ମଧ୍ୟ ରହିଛି। ବର୍ତ୍ତମାନ ପୁରୁଣା ସ୍କୁଲ ପରିଚାଳନା କମିଟି ବିଭିନ୍ନ ସ୍ଥାନରେ ପରିବର୍ତ୍ତନ ହୋଇଥିବା ବେଳେ କେତେକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ହୋଇଛି ପୁଣି ଅବସର ନେଇସାରିଛନ୍ତି। କିନ୍ତୁ ଶିକ୍ଷା ବିଭାଗ କହିବା କଥା ବର୍ତ୍ତମାନ ଯେଉଁମାନେ ଯେଉଁ ସ୍କୁଲରେ କାର୍ଯ୍ୟ କରୁଛନ୍ତି ସେମାନେ ସ୍ଥିତି ପରିସ୍ଥିତିକୁ ଦେଖି ୟୁସି ପ୍ରସ୍ତୁତ କରିବାକୁ ବାଧ୍ୟ। ଅନେକ ସ୍କୁଲର ପ୍ରଧାନଶିକ୍ଷକ ୟୁ ସି ଦାଖଲ କରିବା ଆରମ୍ଭ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଯେତିକି ଭୂମିକା ରହିଛି ସେତିକି ସ୍କୁଲ ପରିଚାଳନା କମିଟିର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହୁଥିବା ଅନୁମାନ କରାଯାଉଛି। ଏହା ସତ୍ତ୍ୱେ ଜିଲ୍ଲାସ୍ତରରେ ସିଭିଲ ୱାର୍କର ସୁପରିଚାଳନା ଉଦ୍ଦେଶ୍ୟରେ ସିନିୟର ଟି.ସି. (ଟେକନିକାଲ କନସାଲଟାଣ୍ଟ) ଓ ପ୍ରତି ବ୍ଲକ ପାଇଁ ଟି.ସି ରଖାଯାଇଥିଲା। ଟିସି ମାନଙ୍କ ମଧ୍ୟରୁ ଅନେକ ବଦଳି ହୋଇ କିଏ କୁଆଡେ ଗଲେଣି ତା'ର ହିସାବ ନାହିଁ। ଏବେ ୧୩ଟି ବ୍ଲକ ପାଇଁ କେବଳ ୫ଜଣ ଟିସି ଦାୟିତ୍ୱ ସମ୍ଭାଳୁଛନ୍ତି। ସେମାନଙ୍କ ଭିତରୁ କାର୍ଯ୍ୟରେ ଅନିୟମିତତା ଲାଗି ଜଣେ ଟିସିଙ୍କ ଦରମା ଦୀର୍ଘମାସ ଧରି ବନ୍ଦ କରାଯାଇଥିବା କଥା ସମଗ୍ର ବ୍ୟବସ୍ଥା ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ସେ ସମୟରେ ଟିସିମାନେ ମେଜରମେଣ୍ଟ ବୁକ (ଏମବି) ରେ କଣ କରିଛନ୍ତି ତାହା ଜାଣିବା ଜରୁରୀ ଥିଲା। ସ୍କୁଲ ପରିଚାଳନା କମିଟିର ସହାୟତାରେ ଏକ ରେଜୁଲେସନ ମାଧ୍ୟମରେ ରିପୋର୍ଟ ଦେବାକୁ କୁହାଯାଉଛି। ଷ୍ଟେଟ ନୋଡାଲ ଆକାଉଣ୍ଟର କରିସ୍ମା କିଛି କମ ନାହିଁ। ଏଥି ପୂର୍ବରୁ ଡ଼ିଜି ଗଭେମେଣ୍ଟ ଆକାଉଣ୍ଟ ବ୍ୟବସ୍ଥା ଯାହାଥିଲା ତାହା ଟଙ୍କା ଜମା ଘଟଣାକୁ ଆଉ ଟିକେ ଜଟିଳ କରିଛି। ସେଥିରେ ଉଲ୍ଲେଖ ଥିଲା ଯେ 'ଅନସ୍ପେଣ୍ଡ ମନି' ବିଭିନ୍ନ ସ୍କିମ ବାବଦରେ ଖର୍ଚ୍ଚ ନହୋଇ ସ୍କୁଲରେ ପଡ଼ିରହିଥିବା ଟଙ୍କା ତୁରନ୍ତ ଫେରସ୍ତ କରାଯାଉ। ଦୁଇଟି ଆକାଉଣ୍ଟ ନମ୍ବର ଥିଲା। ଜିଲ୍ଲାର ବିଭିନ୍ନ ସ୍କୁଲରୁ ଟଙ୍କା ଫେରାଯାଇଥିଲା। କିନ୍ତୁ କେଉଁଟଙ୍କା କେଉଁ ସ୍କିମର ଏବଂ କେତେ ଟଙ୍କା ସେତେବେଳେ ଜାଣିବା ଦିଗରେ କେହି ଧ୍ୟାନ ଦେଇନଥିଲେ। ବାଟମାରଣା କେତେ ଟଙ୍କା ହୋଇଛି ଜାଣିବା ସମ୍ଭବ ନୁହେଁ ବୋଲି କେତେକ ପ୍ରକାଶ କରିଛନ୍ତି। ତଥାପି ସେଥିରୁ କଣ୍ଟେମଣ୍ଟେ ୟୁସି ବାବଦକୁ ୨ କୋଟି ଟଙ୍କା ଆଡ଼ଜଷ୍ଟ ହୋଇଥିବା ଶୁଣାଯାଉଛି। ଦୀର୍ଘବର୍ଷ ପରେ ଶିକ୍ଷା ବିଭାଗର ୟୁସି ଦାଖଲ ପାଇଁ କଡ଼ା ନିର୍ଦ୍ଦେଶ ଶିକ୍ଷକ ସମାଜ ପାଇଁ ଏକ ପ୍ରକାର ଝଟକା ଲାଗିଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ନୂଆପଡ଼ା/ଖଡ଼ିଆଳ, ୧୬ା୬(ସମିସ):** ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି.ଆର. ରାଘବେନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୬ଟି ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରୁ ୮୮ଟି ବ୍ୟକ୍ତିଗତ ଓ ୧୮ଟି ଗୋଷ୍ଠିଗତ ଅଭିଯୋଗ ଥିଲା। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅସହାୟ ବିଧବା ମହିଳା ସଙ୍ଗୀତା ବିଶିଙ୍କୁ ରେଡକ୍ରସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମନୋଜ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ଶେଖ ନସିମ, ବିଡିଓ ନରସିଂହ ଗଡ଼ବା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, ଖଡ଼ିଆଳ ଏନ୍‌ଏସି ଇଓ ସ୍ୱାଧୀନକେତନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱା।ସ୍ଥ୍ୟ ଶିବିର ଓ ସ୍ଥାନୀୟ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

## ମଣ୍ଡି ସମସ୍ୟା ନେଇ ବିଧାୟକଙ୍କୁ ଘେରିଲେ ଚାଷୀ




**କଲମପୁର, ୧୬ା୬(ସମିସ):** ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ କଲମପୁର ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ସେ ଧର୍ମଗଡ଼ରୁ ବାହାରି କଲମପୁର ବ୍ଲକ ଅନ୍ତର୍ଗତ ମିନଗୁର ପଞ୍ଚାୟତ ପକ୍ଷରୁ ଆୟୋଜିତ ବିକଶିତ ବାହନ ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଏଥିରେ ମିନଗୁର ସରପଞ୍ଚ ନୀହାରିକା ବେହେରା ସଭାପତିତ୍ୱ କରିଥିବା ବେଳେ ବିଧାୟକ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ବିଜୟ ପଣ୍ଡା ମୁଖ୍ୟବକ୍ତା ଓ ବିଡିଓ ବିଜୟ ମାଣ୍ଡୀଙ୍ଗି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତିରେ କେଉଁ କେଉଁ ଯୋଜନା ପ୍ରଣୟନ କରିଛନ୍ତି ଆଲୋକପାତ କରିଥିଲେ। ଏହାପରେ ବିଧାୟକ ମିନଗୁର ମଣ୍ଡି ପରିଦର୍ଶନ କରିଥିଲେ, ମିନଗୁର ମଣ୍ଡି ପରିଦର୍ଶନ ପରେ କଲମପୁର ଶିଶୁ ମନ୍ଦିର ପରିସରରେ ଆୟୋଜିତ ବିଜେପିର ଦଳୀୟ କାର୍ଯ୍ୟକ୍ରମକୁ ଯୋଗ ଦେବାକୁ ଯାଉଥିବା ବେଳେ ନିକଟରେ ଥିବା ଧାନ ମଣ୍ଡିର ଚାଷୀ ମାନେ ବିଧାୟକଙ୍କୁ ଘେରି ସେଠାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଣ୍ଡିରେ ଠିକଭାବେ ଧାନ ଉଠାଣ ହେଉନାହିଁ, ଟାର୍ଗେଟ ବାହାନାରେ ଦିନ ଦିନ ଧରି ଧାନ ମଣ୍ଡିରେ ପଡ଼ି ରହୁଛି, ଅଖା ବସ୍ତା ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ବିଧାୟକ ଚାଷୀଙ୍କୁ ବୁଝାସୁଝା କରିବା ସହିତ ମଣ୍ଡିରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଖାଦ୍ୟ ଓ ଯୋଗାଣ ଅଧିକାରୀଙ୍କୁ ଅବଗତ କରିଥିଲେ। ଶିଶୁ ମନ୍ଦିରରେ ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକଶିତ ଭାରତ, ବିକଶିତ ଓଡ଼ିଶାର ସଂକଳ୍ପ ମେଳାରେ ଯୋଗ ଦେଇ କର୍ମୀମାନଙ୍କୁ ସରକାରଙ୍କ ଖୁବ କମ ସମୟ ମଧ୍ୟରେ ପାଇଥିବା ସଫଳତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଜୟ ପଣ୍ଡା, ମହେନ୍ଦ୍ର ନାଥ ସାହୁ, ଅରୁଣ ଜଗରିଆ, ସୁଶାନ୍ତ ରାଉତ, ସୁଧିର ରଞ୍ଜନ ବାଗ, ସତ୍ୟ ନାରାୟଣ ରାଜପୁତ, ଦୟାନିଧି ବାଣୁଆ ପ୍ରମୁଖ ମଞ୍ଚାସୀନ ରହି ଥିବା ସୁଧିର ରାଉତ ମଞ୍ଚ ପରିଚାଳନା କରିଥିଲେ। ପରେ ବିଧାୟକ ନୂଆଁ ଗାଁସ୍ଥିତ ଶିଶୁ ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ।

## ଜର୍ମାନୀ ଗଲା ନୂଆପଡ଼ା ଆମ୍ବ



**ନୂଆପଡ଼ା, ୧୬ା୬(ସମିସ):** ପ୍ରଥମ ଥର ପାଇଁ ନୂଆପଡ଼ା ଜିଲ୍ଲାର ଆମ୍ବ ବିଦେଶକୁ ରପ୍ତାନୀ କରାଯାଇଛି। ଚଳିତ ବର୍ଷ ନୂଆପଡ଼ା ଜିଲ୍ଲାର ୬ ଶହ କ୍ୱିଣ୍ଟାଲ ଆମ୍ବ ଜର୍ମାନୀକୁ ଯାଇଛି। ନୂଆପଡ଼ା ଜିଲ୍ଲା ବୋଡ଼େନ ଓ ଖଡ଼ିଆଳ ବ୍ଲକର ଚାଷୀଙ୍କ ଆମ୍ରପଲ୍ଲୀ କିସମର ଆମ୍ବ ଜର୍ମାନୀ ଦେଶକୁ ରପ୍ତାନୀ କରାଯାଉଥିବା ଜଣାପଡ଼ିଛି। ପ୍ରଥମ ଥର ପାଇଁ ବିଦେଶକୁ ୬ ଶହ କ୍ୱିଣ୍ଟାଲ ଆମ୍ବ ଯାଉଥିବା ଜଣାପଡ଼ିଛି। ତେବେ ଆମ୍ବଚାଷ କରି ସ୍ଥାନୀୟ ବଜାରରେ କମ୍ ଦରରେ ବିକ୍ରି କରି ଚାଷୀ ବାରମ୍ବାର କ୍ଷତି ସହୁଥିଲେ। ଏବେ ବିଦେଶକୁ ଆମ୍ବ ପଠାଇ ଲାଭବାନ ହେବେ ବୋଲି ଆମ୍ବ ଚାଷୀ ଆଶା ରଖିଛନ୍ତି। ଖଡ଼ିଆଳ ଓ ବୋଡ଼େନ ବ୍ଲକର ୫୦ ଜଣ ଚାଷୀ ପ୍ରାୟ ୧୦୦ ଏକର ଜମିରେ ଚଳିତ ବର୍ଷ ଆମ୍ବ ଚାଷ କରିଛନ୍ତି। ଏହି ଚାଷୀମାନଙ୍କ ପାଖରୁ ୬ ଶହ କ୍ୱିଣ୍ଟାଲ ଆମ୍ବ ସଂଗ୍ରହ କରାଯାଇ ଜର୍ମାନୀ ପଠାଯାଇଥିବା ଜଣାପଡ଼ିଛି। କେବଳ ବୋଡ଼େନ ବ୍ଲକର ଡୁର୍କାମୁଣ୍ଡା ଗାଁରୁ ୧୧ କ୍ୱିଣ୍ଟାଲ ଆମ୍ବ ଜର୍ମାନୀ ଯାଇଥିବା ଜଣାପଡ଼ିଛି। ତେବେ ସମସ୍ତ ଆମ୍ବ ଡୁକ୍ରିବୁଢ଼ୀ ଫାର୍ମର ପ୍ରୋଡୁସର କମ୍ପାନୀ ଓ ମା' ଠାକୁରାଣୀ ପ୍ରୋଡୁସର କମ୍ପାନୀ ମାଧ୍ୟମରେ କଲିକତା ପଠାଯିବ। ସେଠାରୁ ବିମାନଯୋଗେ ଆମ୍ବ ଜର୍ମାନୀ ଯିବ ବୋଲି ସୂଚନାମିଳିଛି। ସୋମବାର ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ନୂଆପଡ଼ା ଜିଲ୍ଲାର ଆମ୍ବ ଚାଷୀଙ୍କ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ବିଦେଶ ମାଟିକୁ ନିଜ ଜମିର ଆମ୍ବ ରପ୍ତାନି ହେଉଥିବାରୁ ଡୁର୍କାମୁଣ୍ଡା ଗାଁର ବାସନ୍ତୀ ନିଆଲ, ସୁନା ନିଆଲ, ଦୂତିକା ନିଆଲ, ବିଶେଶ୍ୱର ନିଆଲ ପ୍ରମୁଖ ଆମ୍ବ ଚାଷୀ ଖୁସି ବ୍ୟକ୍ତ କରିଛନ୍ତି।

## ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

# ଦାଦନ ଦଲାଲ ପାଖରୁ ଅଗ୍ରୀମ ଟଙ୍କା ନ ଆଣିବାକୁ ପରାମର୍ଶ

**ନୂଆପଡ଼ା, ୧୬ା୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବରଗାଁ ପଞ୍ଚାୟତର କାଶିପଲା ଗାଁରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡିଓ ନରସିଂହ ଗଡ଼ବା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ଶିବିରର ଉଦ୍ଦେଶ୍ୟ ଉପରେ କହିଥିଲେ। ହସ୍ତଶିଳ୍ପ ଉପନିର୍ଦ୍ଦେଶକ ପୁଷ୍ପରଞ୍ଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକ ସମୀର କୁମାର ମୁଦୁଲି, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା, ପିଡି ଜଳ ଛାୟା ପ୍ରକଳ୍ପ ରଶ୍ମି ରଞ୍ଜନ ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଆରଟିଓ ମାନା ସିଂ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ ପ୍ରମୁଖ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭାଗୀୟ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ।



ଜିଲ୍ଲାପାଳ ଜିଲ୍ଲାରେ ପ୍ରତି ଶ୍ରମିକ ପରିବାରଙ୍କୁ ମନରେଗା ଯୋଜନାରେ ୩୦୦ ଦିନର କାମ ସରକାର ଯୋଗାଇଦେବା ନେଇ ସୂଚାଇବା ସହ ଦାଦନ ଦଲାଲ ପାଖରୁ କୌଣସି ପରିବାର ଅଗ୍ରୀମ ଟଙ୍କା ନ ଆଣିବାକୁ ସଚେତନ କରିଥିଲେ। ବରଗାଁ ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ଛାତ୍ର ଆଦର୍ଶ ଶବର ନିଟ୍ ପରୀକ୍ଷାରେ ଭଲ ର୍‌ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ।ପରେ ସଭାସ୍ଥଳରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ମଧୁଶ୍ରୀ ଚଲାନକୁ କୋଳରେ ଧରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କନ୍ୟା ପିତାମାତାଙ୍କୁ ଉପହାର ସହ ନୂତନ ବୃକ୍ଷ ଚାରା ରୋପଣ ପାଇଁ ପ୍ରଦାନ କରିଥିଲେ। ଗାଁର ପାଞ୍ଚ ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପକ୍ଷୀମାନଙ୍କ ପାଇଁ ବିଭିନ୍ନ ଗଛରେ ଝୁଲା ଯାଇଥିବା ମାଟି ପାତ୍ରରେ ପାଣି ଓ ଖାଦ୍ୟ ପ୍ରଦାନ କରିଥିଲେ। ଶିବିରକୁ ଖଡ଼ିଆଳ ବିଡିଓ ନରସିଂହ ଗଡ଼ବା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଖଡ଼ିଆଳ ସିଡିପିଓ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆୟୋଜନ କରିଥିଲେ। ଏହି ଅବସରରେ କାଶିପଲ୍ଲା ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା।

## ବନ ବିଭାଗ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



**କୋମନା, ୧୬ା୬(ସମିସ):** ଓଡ଼ିଶା ଅଣଗେଜେଟେଡ ବନ କର୍ମଚାରୀ ସଂଘ ଡାକରାରେ ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ବନ କର୍ମଚାରୀମାନେ ୩ ଦଫା ଦାବି ପୂରଣ ସକାଶେ କଳା ବ୍ୟାଚ ଧାରଣ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଜି ଠାରୁ ସୁନାବେଡ଼ା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର କର୍ମଚାରୀମାନେ ୨୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ଧାରଣ କରି ଆନ୍ଦୋଳନ କରିବେ। ୨୨ ତାରିଖରୁ ଭବାନୀପାଟଣା ଆରସିସିଏଫ୍ ଅଫିସ ସାମନାରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ମୃତ ବନ କର୍ମଚାରୀଙ୍କ ପରିବାରକୁ ଏକ କୋଟି ଟଙ୍କା ଅନୁକମ୍ପା ସହାୟତା, ବନ କମିଶନ ଗଠନ ଆଦି ଦାବୀରେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ତରଫରୁ କୁହାଯାଇଛି। ଆଜି ଅଣଗେଜେଟେଡ ବନ କର୍ମଚାରୀ ସଂଘ, ଭବାନୀପାଟଣା ଜୋନର ସଭାପତି ବିଶ୍ୱମୋହନ ପାଢ଼ୀ ଓ ସୁନାବେଡା ଅଭୟାରଣ୍ୟ କର୍ମଚାରୀ ସଂଘର ସଭାପତି ତୋମ ସିଂ ପୋମାରଙ୍କ ନେତୃତ୍ୱରେ ସୁନାବେଡ଼ା ଅଭୟାରଣ୍ୟର କର୍ମଚାରୀମାନେ ସୁନାବେଡ଼ା ଅଭୟାରଣ୍ୟ ଏସିଏଫ୍ ସଞ୍ଜୀବ କୁମାର ବନଗୋଲାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କର୍ମଚାରୀ ସଂଘର ହେମଲତା ନିଆଲ, ପିତାମ୍ବର ଶବର, ଫେଣ୍ଟମ କୁଳଦୀପ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

## ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନ ଦିବସ

**ଭବାନୀପାଟଣା, ୧୬ା୬(ସମିସ):** କଳାହାଣ୍ଡି ବରିଷ୍ଠ ନଗରିକ ସଂଘ ତରଫରୁ ବିଶ୍ୱ ବରିଷ୍ଟ ନାଗରିକ ନିର୍ଯାତନା ସଚେତନ ଦିବସ ପାଳିତ ହୋଇଥିଲା। ସଭାରେ ସଂଘ ସଭାପତି ବିଜୟ ହୋତା ସଭାପତି କରିଥିଲା ବେଳେ ବାରିଷ୍ଟ ଆଇନଜୀବୀ ଗଜେନ୍ଦ୍ର ପାଢ଼ୀ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦେବୀ ଦାସ ଅତିଥି ଭାବରେ ଯୋଗଦେଇ ନିଜର ମନ୍ତବ୍ୟ ରଖିଥିଲେ। ଗିରିଜା ବାବୁ ସମ୍ପାଦକ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।



## ଜାତୀୟ ରାଜପଥ ଡ୍ରେନ ନିର୍ମାଣରେ ମନ୍ଥର

# ଠିକା ସଂସ୍ଥାର ମନଇଚ୍ଛା କାମରୁ ବଢ଼ୁଛି ଅସନ୍ତୋଷ

**କୋକସରା, ୧୬ା୬(ସମିସ):** କେସିଙ୍ଗା ଏନ୍‌ଏଚ୍ ଡିଭିଜନ ଅଧିନରେ ଥିବା ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ମୋଟେରଠାରୁ କୋକସରା ପର୍ଯ୍ୟନ୍ତ ବାଇପାସ୍ ରୋଡ଼ ସହ ଡ୍ରେନେଜ୍ କାମ ଜାରି ରଖିଛି। ଡ୍ରେନ୍ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୋଟେର ଠାରେ ଡ୍ରେନେଜ ନିର୍ମାଣ ପାଇଁ ଅନେକ ଦିନ ହେଲା ମାଟି ଖୋଳାଯାଇଛି, କେତେକ ସ୍ଥାନରେ ରଡ଼ ପକାଇ ଛାଡି ଦିଆଯାଇଛି। ମୋଟେର ଏକ ଯାତ୍ରୀ ବହୁଳ ଛକ, ଏଠାରେ ଶହ ଶହ ଲୋକଙ୍କ ସମାଗମ ସହିତ ଯାନବାହାନର ଭିଡ଼ ରହିଥାଏ। ମୋଟେର ଛକ, ସ୍କୁଲ ଗେଟ୍ ଆଗରେ ଅସମ୍ପୂର୍ଣ୍ଣ ଡ୍ରେନେଜ କାମ ଯୋଗୁଁ ପାର୍ଶ୍ୱ ପରିବର୍ତ୍ତନ ପାଇଁ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମୟରେ ଛୋଟ ଛୋଟ ଦୁର୍ଘଟଣା ହେଉଥିବା ମଧ୍ୟ ନଜିର ରହିଛି। ଅଳ୍ପ ଦିନ ମଧ୍ୟରେ ସ୍କୁଲ ଖୋଲା ହେବାକୁ ଯାଉଛି। ତେଣୁ ସ୍କୁଲ ଗେଟ ସାମ୍ନାରେ ଅସମ୍ପୂର୍ଣ୍ଣ କାମ ଯୋଗୁଁ ସ୍ଥାନୀୟ ଲୋକଙ୍କ ସହ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପଟେ ପ୍ଲେଟ୍ ସେଟରିଙ୍ଗର ସମତୁଲ ନଥିବା ଓ ନିମ୍ନମାନର କାର୍ଯ୍ୟକୁ ଲୋକେ ବିରୋଧ କରୁଥିଲେ ହେଁ ଠିକାଦାର କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହେଉଛି ଏମିତି କି କାର୍ଯ୍ୟସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ କିମ୍ବା କର୍ମଚାରୀ ମଧ୍ୟ ଉପସ୍ଥିତ ରହୁ ନାହାନ୍ତି। ଯାହା ଫଳରେ ଠିକାସଂସ୍ଥା ନିଜର ମନମର୍ଜିରେ କାର୍ଯ୍ୟ ଚଳାଇ



ଆସୁଥିବାରୁ ଜ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ କେସିଙ୍ଗା ଏନ୍‌ଏଚ୍ ଡିଭିଜନର ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# ରିଷିଡ଼ାକୁ ଏନ୍‌ଏସି ମାନ୍ୟତା ଦାବି ତେଜୁଛି

**କର୍ଲାମୁଣ୍ଡା, ୧୬ା୬(ସମିସ):** କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରିଷିଡା ଗ୍ରାମକୁ ଏନ୍‌ଏସି ଘୋଷଣା କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। ବିଗତ ସରକାର ସମୟରେ ମଧ୍ୟ ପ୍ରସ୍ତାବିତ ରିଷିଡା ଏନ୍‌ଏସି ପାଇଁ ଲୋକେ ଏକାଧିକବାର ସରକାରଙ୍କୁ ଲିଖିତ ନିବେଦନ କରିଥିଲେ।ତତ୍କାଳୀନ ବିଧାୟକଙ୍କୁ ଦାବିପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ହଠାତ୍ ନିର୍ବାଚନ ତାରିଖ ଘୋଷଣା ହେବାରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ରାଜ୍ୟରେ ମୋହନ ମାଝୀଙ୍କ ସରକାର ଆସିବା ପରେ ନୂତନ ସରକାର ଏଥିପ୍ରତି ଦୃଷ୍ଟିଦେବେ ବୋଲି ଲୋକ ଆଶା କରିଛନ୍ତି। ଏ ନେଇ ଗତ ଏପ୍ରିଲ ମାସରେ ମୁଖ୍ୟମନ୍ତ୍ରୀଙ୍କୁ ଏନ୍‌ଏସି ମାନ୍ୟତା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ସିଏମ୍‌ଓ ଅଫିସରୁ ଏହାର ଆବଶ୍ୟକୀୟ ରିପୋର୍ଟ ଦେବାକୁ ଚିଠି ହେବାପରେ ବିଡିଓ ଏନେଇ ରିପୋର୍ଟ ପଠାଇଥିବା ଜଣାଯାଇଛି। ତେବେ ଅଞ୍ଚଳର ଦୀର୍ଘବର୍ଷର ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ତଥା ଅଞ୍ଚଳର ସାମଗ୍ରୀକ ବିକାଶ ନିମନ୍ତେ ରାଜ୍ୟ ସରକାର ରିଷିଡାକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି ହେଉଛି।ପ୍ରକାଶଥାଉକି, ରିଷିଡାରେ ବ୍ରିଟିଶ ଶାସନ କାଳରୁ ୧୮୯୫ ମାସରେ ଏଠାରେ ପ୍ରାଥମିକ ବିଦ୍ୟାଳୟ, ୧୮୮୩ ମସିହାରେ ପୋଲିସ ଫାଣ୍ଡି, ଡାକ ବଙ୍ଗଳା ଓ ବୃହତ୍ ସାପ୍ତାହିକ ହାଟ ପ୍ରତିଷ୍ଠା ହୋଇ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛି। ବର୍ତ୍ତମାନ ଏଠାରେ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ, ଯୁକ୍ତ ଦୁଇ କଲେଜ, ଦୁଇଟି ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇଂଲିଶ ମିଡିୟମ ସ୍କୁଲ ରହିଥିବା ବେଳେ ସରକାରୀ ଡାକ୍ତରଖାନା, ଗୋଷ୍ଠୀ ପ୍ରାଣୀଚିକିତ୍ସାଳୟ, ଜଳସେଚନ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଉପ ଡାକଘର, ବ୍ୟାଙ୍କ, ପ୍ୟାକ୍ସ, ଟେଲିଫୋନ ଅଫିସ, ରାଜସ୍ୱ ବଙ୍ଗଳା ଆଦି ସରକାରୀ ପ୍ରତିଷ୍ଠାନ ରହିଛି। ଶତାଧିକ ବ୍ୟାବସାୟିକ ଷ୍ଟଲ ସମେତ ଭୁବନେଶ୍ୱର ଠାରୁ ସିଧାସଳଖ ବସ୍ ଯୋଗାଯୋଗ ମଧ୍ୟ ରହିଛି। ଏଠାରେ ସାପ୍ତାହିକ ହାଟରେ ଲକ୍ଷାଧିକ ଟଙ୍କାର ବେପାର ସାଙ୍ଗକୁ ପଞ୍ଚାୟତର ନିଜସ୍ୱ ଆୟର ଉତ୍ସ ରହିଛି। ସମସ୍ତ ଭିତିଭୂମି ଥିବାରୁ ସରକାର ରିଷିଡା ପଞ୍ଚାୟତ ସମେତ ପଡୋଶୀ କିଛି ଗାଁକୁ ନେଇ ଏନ୍‌ଏସି କରିବା ପାଇଁ ପ୍ରସ୍ତାବିତ ଅଞ୍ଚଳର ଜନସାଧାରଣ ଦାବି ଜଣାଇଛନ୍ତି।



# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
ଅମର୍ତ୍ତ୍ୟ ସେନ୍

ସକାଳ
THE SAKALA

## ବନ୍ଧା ପଡ଼ିଛି ଓଡ଼ିଆ ଅସ୍ମିତା

ରାଜ୍ୟରେ ସରକାର ଗଠନର ଏ ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି ସରକାର। ଏହି ଅବସରରେ ନିଜର ସଫଳତା ବଖାଣିବା ପାଇଁ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯୋଜନା କରୁଛି। ଏହି ଗୋଟିଏ ବର୍ଷ ଭିତରେ ସରକାର ଅନେକ ଉଲ୍ଲେଖନୀୟ କାମ କରିଛନ୍ତି ବୋଲି ବିଜେପି ଦାବି କରିବା ସ୍ୱାଭାବିକ। କିନ୍ତୁ ଯେଉଁ ପ୍ରତିଶ୍ରୁତି ଦେଇ ଦଳ କ୍ଷମତାକୁ ଆସିଥିଲା ତାହାକୁ ପାଳନ କରିବାରେ କେତେ ସଫଳ, ତାହାର ଆକଳନ କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। କ୍ଷମତାକୁ ଆସିବା ଲାଗି ବିଜେପି ଯାହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା, ତାହା ଥିଲା ଓଡ଼ିଆ ଅସ୍ମିତା। ଏହି ଅସ୍ମିତାକୁ ବିଜେପି ସରକାର ରକ୍ଷା କରିପାରିଛନ୍ତି କି ନାହିଁ, ତାହା ଉପରେ ସମୀକ୍ଷା କରିବାର ସମୟ ଆସିଛି।

ପୋଲାଭରମ ବିବାଦଠାରୁ ଆରମ୍ଭ କରି ଛତିଶଗଡ଼ ସହ ମହାନଦୀ ବିବାଦ, ଓଡ଼ିଆ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅର ମାଡ଼, ଶ୍ରୀମନ୍ଦିର ରତ୍ନଭଣ୍ଡାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପର୍ଯ୍ୟନ୍ତ ଏଭଳି ଅନେକ ପ୍ରସଙ୍ଗ ରହିଛି, ଯାହା ସହିତ ଓଡ଼ିଆ ଅସ୍ମିତା ଯୋଡ଼ି ହୋଇରହିଛି। କିନ୍ତୁ ବିଜେପି ସରକାର ଏହାର ସୁରକ୍ଷା ପାଇଁ କ'ଣ କ'ଣ କରିଛନ୍ତି, ତାହା ଜଳ ଜଳ ହୋଇ ଦେଖାଯାଉଛି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାରେ ଶତାଧିକ ଗାଁ ବୁଡ଼ିଯିବ ଏବଂ ଏଥିରେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହାସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଭିତ୍ତିରେ ସାରିବା ଲାଗି ଆନ୍ଧ୍ର ଉପରେ ଅଜସ୍ର ପାଣ୍ଠିର ବର୍ଷା କରିଛନ୍ତି। ଏହାକୁ ବିରୋଧ କରିବା ତ ଦୂରର କଥା, ଏ ସମ୍ପର୍କରେ ମୁହଁ ବି ଫିଟାଉ ନାହାନ୍ତି ରାଜ୍ୟ ବିଜେପି ସରକାର। ସେହିଭଳି ଅନ୍ୟତମ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବନ୍ଧ ନିର୍ମାଣ କରି ଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ବନ୍ୟା ବେଳେ ପାଣି ଛାଡ଼ୁଛି ଏବଂ ଅଣବର୍ଷା ଋତୁରେ ଜଳ ପ୍ରବାହକୁ ହ୍ରାସ କରୁଛି। ଏହାଯୋଗୁଁ ଓଡ଼ିଶାର କ୍ଷତି ହିଁ କ୍ଷତି ହେଉଛି। ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। କିନ୍ତୁ ସମାଧାନ ଆଡ଼କୁ କଥା ଆଗଉନି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ଛତିଶଗଡ଼ରେ ବିଜେପି ସରକାର ରହିଛି ଏବଂ କେନ୍ଦ୍ରରେ ବି ବିଜେପି ସରକାର। ଟ୍ରିପଲ ଇଞ୍ଜିନ ସରକାର ଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ନିରବ ରହି ଓଡ଼ିଶାବାସୀଙ୍କୁ ସେମାନଙ୍କ ଭାଗ୍ୟ ସହିତ ଛାଡ଼ିଦେଇଛନ୍ତି।

ଗତ ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ପ୍ରଶାସନରେ ଅଣଓଡ଼ିଆ ଅଧିକାରୀଙ୍କ ଭୂମିକାକୁ ନେଇ ଅବାସ୍ତବ ପ୍ରସଙ୍ଗ କରିଥିଲା ବିଜେପି। ଭାରତର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥାରେ ସର୍ବଭାରତୀୟ ସେବାରେ ଗୋଟିଏ ରାଜ୍ୟର ବ୍ୟକ୍ତି ଅନ୍ୟ ରାଜ୍ୟରେ ଅଧିକାରୀ ହୋଇପାରିବେ। ଏହା ହେଉଛି ମଧ୍ୟ। ଓଡ଼ିଶାର କେତେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଅନ୍ୟ ରାଜ୍ୟରେ ମୁଖ୍ୟ ସଚିବ ଓ ପୁଲିସ ଡିଜି ହେବାର ମଧ୍ୟ ଉଦାହରଣ ରହିଛି। ସେହିଭଳି ଅନ୍ୟ ରାଜ୍ୟର ଅଧିକାରୀ ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କଲେ ଅସୁବିଧା କେଉଁଠି ରହିଲା? ବର୍ତ୍ତମାନ ପ୍ରଶ୍ନ ଉଠୁଛି କ୍ଷମତାକୁ ଆସିଲା ପରେ ସେହି ବ୍ୟବସ୍ଥାରୁ ଓଡ଼ିଶା ପ୍ରଶାସନକୁ ମୁକ୍ତ କରିପାରିଛି କି ବିଜେପି? ଏହା ସମ୍ଭବ ନୁହେଁ। ତା'ହେଲେ ନିର୍ବାଚନ ପ୍ରଚାର ବେଳେ ଅସ୍ମିତା ନାମରେ ଏଭଳି ବିଭ୍ରାନ୍ତି କାହିଁକି ପ୍ରଚାର କରୁଥିଲା ବିଜେପି?

ଗତବର୍ଷ ରଥଯାତ୍ରା ବେଳେ ଓଡ଼ିଶାରେ ଜଣେ ଓଡ଼ିଆ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିଲେ ତତ୍କାଳୀନ ରାଜ୍ୟପାଳ ତଥା ଝାଡ଼ଖଣ୍ଡ ବିଜେପି ନେତା ରଘୁବର ଦାସଙ୍କ ପୁଅ ଲଳିତ ଦାସ। ନ୍ୟାୟ ପାଇଁ ଅଧିକାରୀ ଓ ତାଙ୍କ ପରିବାର ଦୌଡ଼ି ଦୌଡ଼ି ଥକିଗଲେଣି। ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ପୁଲିସ ଏଫ୍‌ଆଇଆରକୁ ନେଇ ମଧ୍ୟ ଖେଳୁଛି। ରାଜ୍ୟ ସୀମାରେ ଏବଂ ରାଜ୍ୟ ଭିତରେ ଅଣଓଡ଼ିଆଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ସରକାର ନିରବ ରହିବା କେଉଁପ୍ରକାର ଅସ୍ମିତା? କେବଳ ନାଁ ଓ ରଙ୍ଗ ବଦଳାଇବାରେ ବ୍ୟସ୍ତ ରାଜ୍ୟ ବିଜେପି ସରକାର ରାଜ୍ୟର ଅସ୍ମିତାକୁ ଡବଲ ଇଞ୍ଜିନ ଆଗରେ ବନ୍ଧା ପକାଇଦେଇଛନ୍ତି।

ରାଜ୍ୟରେ ଗରିବ ଲୋକମାନଙ୍କର ସାହା ଭରସା ପାଲଟିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ବନ୍ଦ କରି ଦେଇ ନବଗଠିତ ସରକାର ରାଜ୍ୟବାସୀଙ୍କୁ ତଳିତଳାନ୍ତ କରିଛନ୍ତି। ବିଏସ୍‌କେୱାଇ ସହିତ କେନ୍ଦ୍ର ପ୍ରାୟୋଜିତ ଆୟୁଷ୍ମାନ ଯୋଜନାକୁ ଯୋଡ଼ାଯାଇଛି ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଯୋଜନାର ମିଶ୍ରଣ ପରେ ଲୋକମାନଙ୍କୁ ଆଗଭଳି ଚିକିତ୍ସା ସୁବିଧା ଆଉ ମିଳୁନାହିଁ। ଏହାକୁ ନେଇ ରୋଗୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସେହିଭଳି ନିର୍ବାଚନ ପ୍ରଚାର ବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ନେଇ ଦୁନିଆ ତମ୍ବିତୋଫାନ କଲେ। ସବୁ ସଭାମଞ୍ଚରେ ଏହି ପ୍ରସଙ୍ଗ ଉଠାଇଥିଲେ ବିଜେପି ନେତା। ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଦେଇ ଭୋଟରମାନଙ୍କୁ ପ୍ରଭାବିତ କଲେ। ନିର୍ବାଚନରେ ବିଜୟୀ ହେଲେ ଚାବି ଖୋଜି ଆଣି ରତ୍ନଭଣ୍ଡାର ଖୋଲିବେ ବୋଲି କହିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ବଦଳିଗଲା ସରକାରଙ୍କ ସ୍ୱର। ଚାବି ଖୋଜିବା ପାଇଁ ଗଠିତ କମିସନ ଯେଉଁ ରିପୋର୍ଟ ଦେଇଛନ୍ତି, ତାହାକୁ ସାର୍ବଜନୀନ କରିବାକୁ ମନା କରିଦେଲେ ସରକାର। ହାଇକୋର୍ଟରେ ଏ ସମ୍ପର୍କରେ ଆଗତ ପିଟିସନକୁ ମଧ୍ୟ ସରକାର ବିରୋଧ କଲେ। ଶେଷରେ ରତ୍ନଭଣ୍ଡାର ଖୋଲା ହେଲା। କିନ୍ତୁ କେତେ ଅଳଙ୍କାର ରହିଛି ତାହାର ଏପର୍ଯ୍ୟନ୍ତ ଗଣତି ମଣତି ହୋଇପାରିଲା ନାହିଁ। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମୀତାର ପ୍ରତୀକ। ତାଙ୍କୁ ନେଇ ଏଭଳି ରାଜନୀତି କାହିଁକି? ଏ ସମ୍ପର୍କରେ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ।

## ଆଖି ଦେଖା ମିଛ

ଅନୁଭବ-ଅନୁଭୂତି

ମାନସ ମଙ୍ଗରାଜ

ଥରେ ସମ୍ରାଟ ଆକବର ରାଜସଭାରେ କୌଣସି ପ୍ରସଙ୍ଗକୁ ନେଇ ନିଜ ପାରିଷଦମାନଙ୍କୁ ପଚାରିଲେ- 'ଆଖି ଦେଖା କଥା କ'ଣ ମିଛ ହୋଇପାରେ?' ସମ୍ରାଟଙ୍କ ପ୍ରଶ୍ନ ଶୁଣି ସମସ୍ତେ ସ୍ତବ୍ଧ। ଆଖିରେ ଦେଖିଥିବା କଥା କ'ଣ ସତ ନୁହେଁ? କେହି କିଛି ଉତ୍ତର ଦେବା ପୂର୍ବରୁ 'ଆକବରନାମା'ର ଲେଖକ ପଣ୍ଡିତ ଅବୁଲ ଫଜଲ କହିଲେ- 'ଜାହାଁପନା, ଆଖି ଦେଖିଥିବା କଥା କେବେ ଅସତ୍ୟ ହୋଇ ପାରିବ ନାହିଁ।' ଅନ୍ୟ ମନ୍ତ୍ରୀ ଓ ପାରିଷଦମାନେ ମଧ୍ୟ ଅବୁଲ ଫଜଲଙ୍କ କଥା ସହ ସହମତି ପ୍ରକାଶ କଲେ। ସେଠାରେ ଉପସ୍ଥିତ ଥିଲେ ବୀରବଲ। ନିଜର ଉପସ୍ଥିତ ବୁଦ୍ଧି ଓ ପାଣ୍ଡିତ୍ୟ ପାଇଁ ପ୍ରସିଦ୍ଧ ବୀରବଲ କହିଲେ- 'ଆଖି ଦେଖା କଥା ସବୁବେଳେ ସତ୍ୟ ନୁହେଁ। ସ୍ୱଚକ୍ଷୁରେ ଦେଖିଥିବା ଅନେକ କଥା ଅନେକ ସମୟରେ ଅସତ୍ୟ ହୋଇପାରେ।' ବୀରବଲଙ୍କ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା। ସେମାନେ ଏହାର ପ୍ରମାଣ ଦେବା ନିମନ୍ତେ ବୀରବଲଙ୍କୁ ଆହ୍ୱାନ ଦେଲେ। ଆକବର ମଧ୍ୟ ବୀରବଲଙ୍କୁ ଏହା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଲେ। ୨୪ ଘଣ୍ଟା ମଧ୍ୟରେ ଏହା ପ୍ରମାଣ କରିଦେବେ ବୋଲି କହି ବୀରବଲ ରାଜସଭାରୁ ବିଦାୟ ନେଲେ।

ଦରବାର ତ୍ୟାଗ କରି ବୀରବଲ ନିଜ ଘର ପରିବର୍ତ୍ତେ ସମ୍ରାଟ ଆକବରଙ୍କ ବାସଭବନକୁ ଗଲେ। ସେଠାରେ କାର୍ଯ୍ୟ କରୁଥିବା ଜଣେ ପରିଚାରିକାକୁ ପାଖକୁ ଡାକି ରାତିରେ ଆକବରଙ୍କ ଶଯ୍ୟାରେ ଶୟନ କରିବାକୁ ନିର୍ଦ୍ଦେଶ ଦେଲେ। ଏଥିପାଇଁ ତାକୁ ୧୦ ସ୍ୱର୍ଣ୍ଣମୁଦ୍ରା ଦେବାକୁ ପ୍ରଲୋଭନ ବି ଦେଖାଇଲେ। ଏପରି ଧୃଷ୍ଟତା ନିମନ୍ତେ ତା'ର ଜୀବନ ଯିବାର ଭୟ ଥିବାରୁ ପରିଚାରିକା ପ୍ରଥମେ ବୀରବଲଙ୍କ ପ୍ରସ୍ତାବରେ ସମ୍ମତ ହେଲା ନାହିଁ। ମାତ୍ର ବୀରବଲ ତାକୁ ଅଭୟ ଆଶ୍ୱାସନା ଦେବା ପରେ ସେ ସମ୍ରାଟଙ୍କ ଶୟନକକ୍ଷରେ ତାଙ୍କ ବିଛଣାରେ ଶୋଇବା ନିମନ୍ତେ ରାଜି ହେଲା। ଆକବର ଶୟନକକ୍ଷକୁ ଆସିବା ବେଳକୁ ପରିଚାରିକା ଜଣକ ଘୋଡ଼ି ହୋଇ ତାଙ୍କ ଶେଯ ଉପରେ ଶୋଇଥିଲା; ମାତ୍ର ଏ କଥା ଆକବର ଜାଣିବେ କିପରି? ସେ ଭାବିଲେ ବେଗମ୍ ହୁଏତ କ୍ଳାନ୍ତ ହୋଇ ନିଦ୍ରା ଯାଇଛନ୍ତି। ତେଣୁ ସେ ନିଦ୍ରିତା ରମଣୀଙ୍କ ସହ କୌଣସି ବାକ୍ୟବ୍ୟୟ ନ କରି ନିଜ ବିଛଣାରେ ବିଶ୍ରାମ ନେଲେ। କିଛିସମୟ ପରେ କାହାର ଚିତ୍କାରରେ ଆକବରଙ୍କ ନିଦ ଭାଙ୍ଗିଗଲା। ସେ ଦେଖିବା ବେଳକୁ କକ୍ଷ ମଧ୍ୟରେ ବେଗମ୍ ଠିଆ ହୋଇ କ୍ରୋଧରେ ଚିତ୍କାର କରୁଛନ୍ତି ଏବଂ ତାଙ୍କ ଶଯ୍ୟାରେ ପରିଚାରିକା ଶୋଇଛନ୍ତି। ସମ୍ରାଟ ଆକବର ହଠାତ୍ କିଛି ବୁଝି ପାରିଲେ ନାହିଁ।

ଜଣେ ପରିଚାରିକାକୁ ଶଯ୍ୟାସଙ୍ଗିନୀ କରିଥିବା ଯୋଗୁଁ ବେଗମ୍ କ୍ରୋଧାନ୍ୱିତ ହୋଇ ସମ୍ରାଟ ଆକବରଙ୍କୁ ଭର୍ତ୍ସନା କରି ଚାଲିଥା'ନ୍ତି। ଆକବର ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ବେଗମ୍ କିଛି ବୁଝୁ ନ ଥା'ନ୍ତି। ସେ ଆଖିରେ ଦେଖିଥିବା କଥା କେବେ ମିଛ ହୋଇ ନ ପାରେ ବୋଲି କହୁଥା'ନ୍ତି। ଏହି ସମୟରେ ବୀରବଲଙ୍କର ଆବିର୍ଭାବ ଘଟେ। ଉଭୟ ବେଗମ୍ ଓ ଆକବରଙ୍କୁ ସେ ସବୁ ଘଟଣା ବୁଝାଇ ଦିଅନ୍ତି। ସମ୍ରାଟଙ୍କ ସହ ପରିଚାରିକାର କୌଣସି ସମ୍ପର୍କ ନାହିଁ। ଆକବର ଯେପରି ପରିଚାରିକାକୁ ବେଗମ୍ ମନେକରି ତାଙ୍କ ସହ ବିଶ୍ରାମ ନେଇଥିଲେ, ସେହିପରି ସମ୍ପୂର୍ଣ୍ଣ ଘଟଣା ନ ଜାଣି କେବଳ ଆଖିରେ ଦେଖିଥିବା କଥାକୁ ବେଗମ ସତ୍ୟ ମନେ କରିବା ଅସତ୍ୟ ବୋଲି ବୀରବଲ ପ୍ରମାଣ କରିଦିଅନ୍ତି। ଅର୍ଥାତ୍ ଅନେକ ସମୟରେ ପ୍ରାୟୋଜିତ ମିଛ ବି ସତ୍ୟ ପରି ମନେ ହୁଏ। ଆକବର-ବୀରବଲଙ୍କ କଥା କେବଳ ଗୋଟିଏ ଉଦାହରଣ। ମାତ୍ର ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଆମ ସାମ୍ନାରେ ଏମିତି ଅନେକ ଘଟଣା ଘଟେ, ଯାହା ମିଛ ହୋଇଥିଲେ ବି ସତ ପରି ଲାଗେ। ସିଧା ଭାଷାରେ କହିଲେ -'ଆଖି ଦେଖା ମିଛ'। ମହାଭାରତର 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତଃ'ଠାରୁ ବଡ଼ ଉଦାହରଣ ବୋଧହୁଏ ଆଉ କିଛି ନାହିଁ। ବିଡ଼ମ୍ବନା ହେଉଛି ସତ୍ୟ ସାବ୍ୟସ୍ତ କରିବାକୁ ପ୍ରମାଣ ଲୋଡ଼ାପଡ଼େ, ମାତ୍ର ମିଥ୍ୟା ପାଇଁ କେବେ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ।

ସାମ୍ବାଦିକତା କେବେ ଯେ ସମ୍ପୂର୍ଣ୍ଣ ନିରପେକ୍ଷ ଥିଲା, ଏ ଉଲ୍ଲେଖ କରିବା ଧୃଷ୍ଟତା ହେବ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ସାମ୍ବାଦିକତାକୁ ସବୁବେଳେ ବିବଦମାନ ଓ ସାମ୍ବାଦିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସିଛି। ଯେଉଁ ଖବରରେ ଯାହାର ସ୍ୱାର୍ଥହାନି ହୁଏ, ସେ ସର୍ବଦା ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତି ସ୍ୱାଭାବିକ ଅଙ୍ଗୁଳି ଉଠାଇଥାଏ। ମାତ୍ର ନିଜକୁ ଚର୍ଚ୍ଚିତ ଓ ପ୍ରସିଦ୍ଧ କରିବା ପାଇଁ ସାମ୍ବାଦିକଟି କେବେ ନିଜ ବୃତ୍ତିର ଅସମ୍ମାନ କରିବା ପୂର୍ବରୁ ଦେଖିବାକୁ ମିଳୁ ନ ଥିଲା। ଅନେକ ନୀତିନିଷ୍ଠ ଗଣମାଧ୍ୟମ କର୍ତ୍ତୃପକ୍ଷ ଏପରି ଆଚରଣକୁ ସହ୍ୟ କରୁ ନ ଥିଲେ। ରାଜନୀତିରେ ପ୍ରବେଶ ପୂର୍ବରୁ ପାଖାପାଖି ଦୁଇ ଦଶନ୍ଧି ଧରି ସାମ୍ବାଦିକତା କରିଛି। ବୃତ୍ତି ଦାୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛି। ମୋର ସମସାମୟିକ ଅନେକ ସାମ୍ବାଦିକ ବନ୍ଧୁ ଏବେ ବି ଅନେକ ଗଣମାଧ୍ୟମରେ ସକ୍ରିୟ। ଅନେକ ବନ୍ଧୁ ତ ବିଭିନ୍ନ ଗଣମାଧ୍ୟମରେ ବେଶ୍ ଉଚ୍ଚପଦରେ ଅବସ୍ଥାପିତ। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବରେ ଗଣମାଧ୍ୟମ ସହ ଜଡ଼ିତ ଅନେକ ବନ୍ଧୁମାନଙ୍କ ସହ ମୋର ସମ୍ପର୍କ ରହିଛି। ତିନି ଦଶନ୍ଧି ତଳର ସାମ୍ବାଦିକତା ସହ ବର୍ତ୍ତମାନ ସମୟର ସାମ୍ବାଦିକତାକୁ ତୁଳନା କଲେ ଅନେକ ସମୟରେ କଷ୍ଟ ଲାଗେ, ନିରାଶ ହେବାକୁ ପଡ଼େ; ମାତ୍ର ଏଥିରେ ସମ୍ପୃକ୍ତ ସାମ୍ବାଦିକଟିକୁ ବି କିପରି ଦୋଷ ଦିଆଯିବ? ନିଜ ପରିବାର ପ୍ରତିପୋଷଣ ପାଇଁ ତା'କୁ ମାଲିକର ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ତ ପଡ଼ିବ। ଚାବି ଦିଆ କଣ୍ଢେଇ ପରି ସେ ନିଜ ମାଲିକର ନିର୍ଦ୍ଦେଶ ଅନୁସାରେ ନାଚିବାକୁ ବାଧ୍ୟ। ମାଲିକ ଚାହୁଁଥିବା ଅନୁସାରେ ଖବର ପ୍ରସ୍ତୁତ କରିବାକୁ ପଡ଼ିବ, ସେଠାରେ ବିବେକର ସ୍ଥାନ କାହିଁ? ସେହିପରି କିଛି ସାମ୍ବାଦିକ ନିଜ ବର୍ହିଃ ପ୍ରାୟୋଜକଙ୍କ ତୁଷ୍ଟୀକରଣ ଓ ସ୍ୱାର୍ଥ ସାଧନ ନିମନ୍ତେ ନିଜ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ବ୍ୟବହାର କରିବାକୁ ସକ୍ଷମ ହୋଇଥା'ନ୍ତି, ମାତ୍ର ଏପରି ଉଦାହରଣ ଅତ୍ୟନ୍ତ ନଗଣ୍ୟ।

ମନ ସତ୍ୟ ବା ମିଥ୍ୟା ସୃଷ୍ଟି କରେ ନାହିଁ। ସେଥିପାଇଁ ନିଜ ସ୍ୱାର୍ଥ ପାଇଁ ଚତୁର ବ୍ୟକ୍ତି ମିଛକୁ ସତ ଓ ସତକୁ ମିଛ ରୂପେ ପ୍ରମାଣିତ କରିବାକୁ ସମର୍ଥ ହୁଅନ୍ତି। ଦୁର୍ବଳମନା ମଣିଷର ମସ୍ତିଷ୍କରେ ଏହାକୁ ଭର୍ତ୍ତି କରିବାକୁ ଏହି ଚତୁର ବ୍ୟକ୍ତିମାନଙ୍କୁ ଆଦୌ କଷ୍ଟ କରିବାକୁ ପଡ଼େ ନାହିଁ। ମନ କେବଳ ବିଶ୍ୱାସ ସୃଷ୍ଟି କରେ ଓ ଚତୁର ଲୋକମାନେ ତାହାର ସୁଯୋଗ ନେଇ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରମାଣ କରିବାକୁ ସକ୍ଷମ ହୋଇଥା'ନ୍ତି। ଯେମିତି ମ୍ୟାଜିସିଆନ ଓ ମାଇଣ୍ଡରିଡରମାନେ ଆଜିକାଲି ଲୋକର ମନ ଓ ମସ୍ତିଷ୍କକୁ ପ୍ରଭାବିତ କରିପାରୁଛନ୍ତି, ସେମିତି ମିଛକୁ ସତ୍ୟରେ ପରିଣତ କରିବାକୁ ଚତୁର ଲୋକମାନେ ଅନୁରୂପ ଡାଙ୍ଗ ପ୍ରୟୋଗ କରିଥା'ନ୍ତି। ଏହି ବ୍ୟକ୍ତି ବା ବ୍ୟକ୍ତିସମୂହ ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡାକୁ ଏବେ ନିଜର ନୀତିରେ ପରିଣତ କରିଛନ୍ତି। ଏପରିକି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଏପ୍ରକାର ଦୁଷ୍ପ୍ରଚାରକୁ ପ୍ରୋତ୍ସାହିତ କରାଯାଉଛି। ଭୁଲ ସୂଚନା, ଭୁଲ ତଥ୍ୟ, ମିଛ ଖବର ଜରିଆରେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରାଯାଉଛି। ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି। ଭୁଲ ନ୍ୟାରେଟିଭ ପ୍ରସ୍ତୁତ ହେଉଛି। ଘଟୁଥିବା ଘଟଣାର ଭୁଲ ତର୍ଜମା କରିବା ଓ ବାସ୍ତବତାକୁ ଗୋପନ ରଖି ମିଛ ପ୍ରଚାର କରିବାକୁ କୁହାଯାଉଛି। ସେଠାରେ ନୀତି ନୈତିକତା ନାହିଁ, ତଥ୍ୟ ଓ ତର୍କର ସ୍ଥାନ ନାହିଁ। ଗତ ନିର୍ବାଚନ ସମୟରେ ଏପରି କିଛି ଘଟଣାରେ ମିଛର ରଙ୍ଗ ମାଖି ଏଥିରୁ ଫାଇଦା ଉଠାଇବାକୁ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମ ମାଲିକ ଦୁଷ୍ପ୍ରଚାର ଜରିଆରେ ନିଜ ଫାଇଦା ବି ଉଠାଇଛନ୍ତି। ପରିଣତିସ୍ୱରୂପ ବୌଦ୍ଧିକତା ଉପହସିତ ହେଉଛି, ଖବର ଗୁରୁତ୍ୱ ହରାଉଛି ଓ ଗଣମାଧ୍ୟମ ନିଜର ସମ୍ମାନ। ଗଣମାଧ୍ୟମ ପ୍ରତିନିଧି ବା ସାମ୍ବାଦିକଙ୍କୁ ଏବେ ଲୋକମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ମିଛ ଏଜେଣ୍ଡା, ପ୍ରୋପାଗଣ୍ଡା ଖବର ପରିବେଷଣ ଯୋଗୁଁ ପାରମ୍ପରିକ ଗଣମାଧ୍ୟମ ସାମାଜିକ ଗଣମାଧ୍ୟମଠାରୁ ପଛରେ ପଡ଼ି ଯାଇଛି। ଦୃଶ୍ୟ ଗଣମାଧ୍ୟମଗୁଡ଼ିକ କ୍ରମାଗତ ଭାବରେ ଦର୍ଶକଙ୍କ ଦ୍ୱାରା ଅଗ୍ରହଣୀୟ ହେବାରେ ଲାଗିଛି। ମୁଦ୍ରିତ ଗଣମାଧ୍ୟମ ବି ପାଠକଙ୍କ ଆଦର ହରାଉଛି। ପରିଣାମ ସ୍ୱରୂପ ଖବର ଶିଳ୍ପ ଏବେ ନିମ୍ନଗାମୀ ହେବାରେ ଲାଗିଛି। ତଥାକଥିତ ଟିଆରପିରେ ଓଡ଼ିଶାରେ ଏକଦା ଶୀର୍ଷ ସ୍ଥାନ ଅଧିକାର କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ସ୍ଥିତି ଆଜି କେଉଁ ସ୍ଥାନରେ ଅଛି, ତାହା କାହାକୁ ଅଜଣା ନାହିଁ। ଏହି କଥିତ ବଡ଼ ବୈଦ୍ୟୁତିକ ଗଣମାଧ୍ୟମର ଟିଆରପି କେଇମାସ ମଧ୍ୟରେ ଦୁଇ-ତୃତୀୟାଂଶ ଖସି ୩୦ରୁ ୪୦ ମଧ୍ୟରେ ଅଟକି ଯାଇଛି। ସେହିପରି ନିଜକୁ ବଡ଼ ତଥା ଅଗ୍ରଣୀ ଗଣମାଧ୍ୟମ ଦାବି କରୁଥିବା ଖବରକାଗଜର ବାସ୍ତବ ପ୍ରସାର ସଂଖ୍ୟା ନିଜ ଦାବିର କେଉଁଠି ଅଧେ ତ କେଉଁଠି ଚଉଠେ। କେଉଁଠି କେଉଁଠି ଏହି ସଂଖ୍ୟା ଏକ-ଦଶମାଂଶ, କେଉଁଠି ପୁଣି ୨୫ ଭାଗରୁ ଭାଗେ।

ବାସ୍ତବତା, ବାସ୍ତବଧର୍ମୀ ଖବର ପରିବର୍ତ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ଖବରକୁ ମୋଡ଼ି ମକଚି ପରଷିବାର ପରିଣାମ ଏବେ ଉଭୟ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଭୟଙ୍କର ପ୍ରଭାବିତ କରିଛି। ଅଧିକାଂଶ ସାଧାରଣ ଲୋକଙ୍କ ଘରେ ଏବେ ଟିଭିରେ ଖବର ଚ୍ୟାନେଲ ଦେଖାଯାଉ ନାହିଁ। ଏପରିକି ଅନେକ ବ୍ୟକ୍ତିଙ୍କ ଘରେ ଟେଲିଭିଜନ କେବଳ ସୋ ପିସ୍ ଭାବରେ ରଖାଯାଇଥିବା ଦେଖାଯାଉଛି। ଅନେକ ସଚେତନ ପାଠକ ଖବରକାଗଜରୁ ମୁହଁ ମୋଡ଼ିଛନ୍ତି, ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ଖବରକାଗଜ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଡ଼ମ୍ବନା ହେଉଛି ଏଥିରୁ ଖବରକାଗଜ ଓ ଟିଭିର ମାଲିକମାନେ କିଛି ଶିକ୍ଷାଲାଭ କରୁନାହାନ୍ତି। ଏହା କେବଳ ଓଡ଼ିଶାର କଥା ନୁହେଁ, ସାରା ଦେଶରେ ସ୍ଥିତି ଏକା ପରି। ଯେଉଁଥିପାଇଁ ଏବେ ଖବର ଶିଳ୍ପ ଡିଜିଟାଲମୁହାଁ ହୋଇଛି। ଅନେକ ବୈଦ୍ୟୁତିକ ଗଣମାଧ୍ୟମ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଛି। ଆଉ ଏ ଦଶନ୍ଧି ଶେଷ ବେଳକୁ ସମ୍ବାଦପତ୍ର ଶିଳ୍ପ କେଉଁଠି ପହଞ୍ଚି ଥିବ, ତାହା ଚିନ୍ତା କରିବା ବେଳକୁ ଭୟ ଲାଗୁଛି।

କ୍ଷତିକାରକ ଗଣମାଧ୍ୟମ ବିଷୟବସ୍ତୁଗୁଡ଼ିକ ଏକ ଷଡ଼ଯନ୍ତ୍ରକାରୀ ମାନସିକତାକୁ ଇନ୍ଧନ ଯୋଗାଏ, ଯାହା ସମାଜର ବିପୁଳ କ୍ଷତିସାଧନ କରିଥାଏ। ସାମଗ୍ରିକ ଓ ସାମାଜିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପୃଷ୍ଟପୋଷକତା ଯୋଗାଇଥାଏ। ମାତ୍ର ଅଧୋପତନ ବ୍ୟତୀତ ଏଥିରୁ କାହାକୁ ଅଧିକ କିଛି ମିଳେ ନାହିଁ। ପ୍ରସିଦ୍ଧ ମାର୍କିନ ଚିନ୍ତାନାୟକ ଓ ଦାର୍ଶନିକ ଫ୍ରେଡ଼ରିକ୍ ଜେମସନ ଯଥାର୍ଥରେ କହିଥିଲେ- ଦୁଷ୍ପ୍ରଚାର ବା ଷଡ଼ଯନ୍ତ୍ର ତତ୍ତ୍ୱ ହେଉଛି ଉତ୍ତର ଆଧୁନିକ ଯୁଗରେ ବୌଦ୍ଧିକ ଦରିଦ୍ର ବ୍ୟକ୍ତିଙ୍କ ଜ୍ଞାନାତ୍ମକ ମାନଚିତ୍ର। ଏହା ସେମାନଙ୍କର ଶେଷ ପୁଞ୍ଜି ଓ ସାମଗ୍ରିକ ଯୁକ୍ତିର ଅବନତ ଚିତ୍ର। ପରବର୍ତ୍ତୀ ବ୍ୟବସ୍ଥା ଓ ସମୟକୁ ପ୍ରତିନିଧିତ୍ୱ କରିବାର ଏକ ହତାଶାଜନକ ପ୍ରୟାସ। ଗଣମାଧ୍ୟମର ମାଲିକ ବା କର୍ତ୍ତୃପକ୍ଷମାନେ ଏହାକୁ ବୁଝିବା ଓ ଆତ୍ମସମୀକ୍ଷା କରିବା ଦରକାର। (କ୍ରମଶଃ...)

(ସାଂସଦ, ରାଜ୍ୟସଭା)

## ଜନଜାତିଙ୍କ ହସ୍ତକଳା

କମଳଲୋଚନ ପଣ୍ଡା

ଓଡ଼ିଶାରେ ୬୪ ପ୍ରକାର ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଜଙ୍ଗଲ ସହିତ ଆଦିବାସୀଙ୍କ ଐତିହ୍ୟ, ସଂସ୍କୃତି, ପ୍ରଥା ଓ ପରମ୍ପରା ଜଡ଼ିତ। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ମୁକ୍ତ ଜୀବନଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ଆଗ୍ରହୀ। ବନଜାତ ସାମଗ୍ରୀକୁ ନେଇ ସେମାନେ ସୁନ୍ଦର ହସ୍ତକଳା ପ୍ରଦର୍ଶନ କରି ଆସୁଛନ୍ତି। ଏହି ପୁରାତନ କଳାର ନବୀକରଣ ପରେ ସବୁଠି ବଢ଼ିଛି ଏହାର ଆଦୃତି ଓ ମହକ।

ବାଲେଶ୍ୱର ଜିଲା ନୀଳଗିରି ଏବଂ ମହିଷାପଟା ପଞ୍ଚାୟତ ଶାଳବଣି ଗ୍ରାମର ଭୂମିଜ ଜନଜାତିମାନେ ଶିଆଳି, ଖଜୁରି ଓ ଅନ୍ୟ ବନଜାତ ଦ୍ରବ୍ୟରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଏବେ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ସେହିଭଳି କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଗାଦବା ଜନଜାତି ସମ୍ପ୍ରଦାୟ ଗଛରୁ ସୁତା ଓ ରଂଗ ତିଆରି ଏବଂ ପ୍ରକିୟାକରଣ କରି ରଙ୍ଗୀନ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ସେମାନେ କେରଙ୍ଗ ଗଛର ତନ୍ତୁରୁ ଧଳା ସୁତା ବାହାର କରିବା ପରେ ସେଗୁଡ଼ିକୁ ରଙ୍ଗୀନ କରିବା ପାଇଁ ଜାଫରା, ସିନ୍ଦୂର ଗଛରୁ ଲାଲ ରଙ୍ଗ, ସିଉନା ଓ ହରିଡ଼ା ଗଛରୁ ନୀଳ ରଙ୍ଗ ବ୍ୟବହାର କରନ୍ତି। ଏତଦ୍‌ବ୍ୟତୀତ କଦଳୀ ଗଛର ମଞ୍ଜାକୁ ସିଝାଇ ସେହି ପାଣିରୁ ମଧ୍ୟ ରଙ୍ଗ ପ୍ରସ୍ତୁତ କରନ୍ତି। ଏସବୁର ପ୍ରକ୍ରିୟାକରଣ କରି ସୂତାରେ ରଙ୍ଗ ଦେଇ ତନ୍ତରେ ବୁଣି ୩ଟି ରଙ୍ଗ ଥିବା ସ୍ୱତନ୍ତ୍ର ବସ୍ତ୍ର ପ୍ରସ୍ତୁତ କରନ୍ତି। ଏହି କେରଙ୍ଗ ବସ୍ତ୍ରକୁ ଯେତେ ଧୋଇଲେ ମଧ୍ୟ ରଙ୍ଗ ଛାଡ଼େ ନାହିଁ। ବିବାହ, ବ୍ରତ, ପୂଜା ପାର୍ବଣରେ ଏହି ବସ୍ତ୍ରକୁ ଗାଦବା ସମ୍ପ୍ରଦାୟର ମହିଳାମାନେ ବ୍ୟବହାର କରିଥା'ନ୍ତି।

ଇଡିତାଲ ଓଡ଼ିଶାର ଆଦିବାସୀ ସମାଜରେ ବହୁଳ ପ୍ରଚଳିତ ଚିତ୍ରକଳା। ଏହା ମୁଖ୍ୟତଃ ଜନଜାତିର ଝୋଟିଚିତ୍ର ଭାବେ ଜଣାଶୁଣା। ଏହି ଝୋଟିଚିତ୍ରକୁ ସେମାନେ ଘରର କାନ୍ଥରେ ବିଭିନ୍ନ ପର୍ବପର୍ବାଣି ପାଳନ ଅବସରରେ ଆଙ୍କିଥା'ନ୍ତି, ଯାହାର ମୂଳଲକ୍ଷ୍ୟ ବିଭିନ୍ନ ଆଦ୍ୟାଶ୍ରୀ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଏହି ନିଆରା କାନ୍ଥଚିତ୍ରକୁ ଲାଞ୍ଜିଆ ସଉରାମାନେ 'ଇଡିତାଲ' ବୋଲି କୁହନ୍ତି। ସଉରା ଭାଷାରେ 'ଇଡି'ର ଅର୍ଥ ଚିତ୍ର ଓ 'ତାଲ'ର ଅର୍ଥ କାନ୍ଥ। କାନ୍ଥ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ 'ଇଡିତାଲ' ରହିଛି। 'ଇଡିତାଲ'କୁ ଭୌଗୋଳିକ ସଂକେତ ବା ଜିଆଇ ଟ୍ୟାଗ ମିଳିବା ପରେ ଦେଶବିଦେଶରେ ଆଦୃତ ହୋଇଛି। ଏପରିକି ବଡ଼ବଡ଼ ମହାନଗରୀର ପଞ୍ଚତାରକା ହୋଟେଲ୍ ଓ କର୍ପୋରେଟ୍ କାର୍ଯ୍ୟାଳୟମାନଙ୍କରେ ଶୋଭା ପାଉଛି।

ବଣ୍ଡା ଜନଜାତିର ମହିଳାମାନେ ସେମାନଙ୍କ ଅନନ୍ୟ ସାଜସଜ୍ଜା ପାଇଁ ବେଶ୍ ଜଣାଶୁଣା। ଏକ ଛୋଟ ବହୁରଙ୍ଗ ଥିବା ସ୍କାର୍ଟ ବଣ୍ଡା ମହିଳାମାନେ ପରିଧାନ କରନ୍ତି, ଯାହାକୁ 'ରିଙ୍ଗା' କୁହାଯାଏ। ଏହା ପାରମ୍ପରିକ ଭାବେ କେରଙ୍ଗ ତନ୍ତୁ ବ୍ୟବହାର କରାଯାଇ ବୁଣାଯାଏ। ସେମାନଙ୍କ ଲୁଗାବୁଣା ତନ୍ତ କାଠରେ ତିଆରି ହୋଇଥାଏ। ଏହା ଏକ ସରଳ ଯନ୍ତ୍ର ହୋଇଥିବାରୁ ତାହାକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସହଜରେ ନିଆଯାଇପାରେ। ପୂର୍ବରୁ ବଣ୍ଡା ମହିଳାମାନେ ଜଙ୍ଗଲରୁ କେରଙ୍ଗ ଶାଖା ସଂଗ୍ରହ କରୁଥିଲେ। ଏହାକୁ ପ୍ରକ୍ରିୟାକରଣ କରି ତନ୍ତୁ ପ୍ରସ୍ତୁତ କରୁଥିଲେ। ତନ୍ତୁ ବା ସୂତାକୁ ଜୈବିକ ରଙ୍ଗରେ ରଙ୍ଗୀନ କରୁଥିଲେ। ସଂପ୍ରତି ଏହି ପାରମ୍ପରିକ ବସ୍ତ୍ର ନିମନ୍ତେ ରଙ୍ଗୀନ ସୂତା ବ୍ୟବହାର କରାଯାଉଛି।

ଓଡ଼ିଶାର ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଗୋଣ୍ଡ ଜନଜାତି ମାନେ ବାସ କରିଥାନ୍ତି। ସେମାନଙ୍କ ଭାଷା ଗୋଣ୍ଡି ଓ ଓଡ଼ିଆ ଅଟେ। କୃଷି ଓ ଶ୍ରମଜୀବୀ ଏମାନଙ୍କ ମୁଖ୍ୟ ପେସା। ଗୋଣ୍ଡ ଜନଜାତିମାନଙ୍କର ଘରର ତିନି ପାର୍ଶ୍ୱରେ ବାରଣ୍ଡା ଥାଏ ଏବଂ କାନ୍ଥଗୁଡ଼ିକ ସୁନ୍ଦର ପାରମ୍ପରିକ ଗୋଣ୍ଡ ଚିତ୍ରକଳାରେ ଚିତ୍ରିତ ହୋଇଥାଏ। ଅନାଦିକାଳରୁ କାନ୍ଥ ଓ ଚଟାଣରେ ଚିତ୍ର କରିବା ଗୋଣ୍ଡମାନଙ୍କର ଏକ ପରମ୍ପରା। ସମ୍ପ୍ରତି ଏହି ଚିତ୍ରକଳା ସେମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଆଣିଦେଇଛି।

ଆଧୁନିକତାର ଛାପରେ ଧୀରେ ଧୀରେ ଜନଜାତିଙ୍କ କଳା, ସଂସ୍କୃତି, ସମୃଦ୍ଧି ଓ ପରମ୍ପରା ବିଲୁପ୍ତ ହେବାରେ ଲାଗିଛି। ଯଦି ସରକାରୀ ଓ ବେସରକାରୀ ସଂସ୍ଥାମାନେ ସହଯୋଗର ହାତ ବଢ଼ାନ୍ତି, ତେବେ ଏହି କଳାକୁ ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ ତଥା ନମୁନା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ଅଧିକ ବିକଶିତ କରି ଅର୍ଥକରୀ କରିପାରନ୍ତା। ଏହାଫଳରେ ଏହି ମୌଳିକ କଳାର ସଂରକ୍ଷଣ ସହ ଜନଜାତିଙ୍କୁ ଆୟବୃଦ୍ଧିରେ ସହାୟକ ହୁଅନ୍ତା।

ବାଲେଶ୍ୱର, ମୋ: ୭୩୨୭୦୨୮ ୯୭୮

## ପ୍ରକୃତ 'ବିଜୁଳି କନ୍ୟା'

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

କଂସ କରାଗାରରେ ଯଶୋଦାଙ୍କଠାରୁ ନବଜାତ ଶିଶୁକନ୍ୟାଟିକୁ ଛଡ଼ାଇ ନେଇ ଶିଳାଖଣ୍ଡରେ ପିଟି ହତ୍ୟା କରିବାକୁ ପ୍ରୟାସ କଲାବେଳେ ସେ ତା' ହାତରୁ ଆସିଯାଇ ଆକାଶରେ 'ବିଜୁଳି କନ୍ୟା' ରୂପରେ ଆତ୍ମପ୍ରକାଶ କରିବା କଥା ଆମେ ଜାଣୁ। ତେବେ ପ୍ରକୃତରେ ଏପରି ଏକ ଜୀବାଣୁ ଏବେ ଆବିଷ୍କାର ହୋଇଛି, ଯାହାଙ୍କ ନିଃଶ୍ୱାସରୁ ବିଦ୍ୟୁତ୍ ନିର୍ଗତ ହେଉଛି।

ଧରାପୃଷ୍ଠରେ ବାସ କରୁଥିବା ଅଧିକାଂଶ ଜୀବ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ତ୍ୟାଗ କରନ୍ତି। ତେବେ କେତେକ ଜୀବାଣୁଙ୍କଠାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରିଛନ୍ତି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କ୍ୟାରୋଲିନ୍ ଆଜୋ-ଫ୍ରାଙ୍କ୍ଲିନ୍ ଏବଂ ତାଙ୍କ ସହଯୋଗୀମାନେ। ଗବେଷଣା ପତ୍ରିକା 'ସେଲ୍‌ଫ'ର ମେ ୨୦୨୫ ସଂଖ୍ୟାରେ ଏ ସମ୍ପର୍କରେ ଏକ ନିବନ୍ଧ ପ୍ରକାଶ ପାଇଛି। ସେହି ଜୀବାଣୁମାନେ ଅମ୍ଳଜାନ ବିନା ବଞ୍ଚିପାରନ୍ତି ଏବଂ ଶ୍ୱାସକ୍ରିୟାରେ ପରିତ୍ୟାଗ କରନ୍ତି ବିଦ୍ୟୁତ୍ ପ୍ରବାହ। ନାପ୍‌ଥୋକ୍ୱିଇନନସ୍ ନାମକ ଏକ ପ୍ରାକୃତିକ ଅଣୁ ଏଥିରେ ସେମାନଙ୍କୁ ସାହାଯ୍ୟ କରନ୍ତି। ଫଳରେ ଉତ୍ପନ୍ନ ହୁଏ ବିଦ୍ୟୁତ୍ ପ୍ରବାହ। ଏ ପ୍ରକ୍ରିୟାକୁ 'ବାହ୍ୟ ଜୀବକୋଷୀୟ ଶ୍ୱାସକ୍ରିୟା' ବୋଲି କୁହାଯାଏ। ତାଙ୍କୁ ଏହା ସୁଗଭୀର ସମୁଦ୍ରତଳର ଫାଟ ଏବଂ ମଣିଷର ଅନ୍ତ୍ରନାଳୀର ଅମ୍ଳଜାନବିମୁକ୍ତ ପରିବେଶ ମଧ୍ୟରେ ବଞ୍ଚିବାକୁ ସମର୍ଥ କରେ। ଏହି ଜୀବାଣୁମାନଙ୍କ ମଧ୍ୟରେ ଅଛନ୍ତି ଶେୱାନେଲ୍ଲା ଓ ଜିଓବ୍ୟାକ୍ଟର। ବ୍ୟାଟେରୀରେ ଗଚ୍ଛିତ ଶକ୍ତି ନିର୍ଗତ ହେଲା ଭଳି ଏହା ଘଟେ। ଏହି ସରଳ କିନ୍ତୁ ପ୍ରଭାବଶାଳୀ ପ୍ରକ୍ରିୟା ଅମ୍ଳଜାନର ବିନା ବ୍ୟବହାରରେ ଖାଦ୍ୟକୁ ବିଶ୍ଳେଷିତ ତଥା ତହିଁରୁ ଶକ୍ତି ଉତ୍ପନ୍ନ ହେବାରେ ସହାୟତା କରେ ଏବଂ 'ନାପ୍ଥୋକ୍ୱିଇନନସ୍'ଗୁଡ଼ିକ ଜୀବନ୍ତ ବ୍ୟାଟେରୀ ରୂପେ କାର୍ଯ୍ୟ କରନ୍ତି।

ଉପରୋକ୍ତ ପ୍ରକ୍ରିୟାକୁ ଅଧିକ ନିଶ୍ଚିତ କରିବା ଲାଗି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସହଯୋଗ ଲୋଡ଼ିଥିଲେ। ସେମାନେ ମିଳିତଭାବେ ଅମ୍ଳଜାନ ମୁକ୍ତ ପରିବେଶ ମଧ୍ୟରେ ଜୀବାଣୁମାନଙ୍କ ଜୀବନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କମ୍ପ୍ୟୁଟର ମଡେଲମାନ ପ୍ରସ୍ତୁତ କଲେ। ଜୀବାଣୁଗୁଡ଼ିକୁ ଏକ ସୁପରିବାହୀ ପୃଷ୍ଠଭୂମି ଉପରେ ରଖି ବଢ଼ିବାକୁ ଦେଲେ ଏବଂ ବିଦ୍ୟୁତ୍ ଉତ୍ପାଦନରେ ନିୟୋଜିତ କଲେ। ଫଳରେ ବିଜ୍ଞାନାଗାରର ନିୟନ୍ତ୍ରିତ ଅବସ୍ଥା ମଧ୍ୟରେ ଜୀବାଣୁଗୁଡିକ ବଞ୍ଚି ରହି ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲାଗିଲେ।

ଏହି ଆବିଷ୍କାର ବହୁ ସହନୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ଧରଣର ଅଗ୍ରଗତି ଘଟାଇବାର ସମ୍ଭାବନା ରହିଛି। ଆବର୍ଜନା ଜଳ ବିଶୋଧନ ଏବଂ ବିବିଧ ଜୈବିକ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ଇଲୋକ୍ଟ୍ରୋନ୍‌ମାନଙ୍କ ସନ୍ତୁଳନ ରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏହି ବିଦ୍ୟୁତ୍ ଉତ୍ପାଦନକାରୀ ଜୀବାଣୁମାନେ ଅଧିକ ଦକ୍ଷତାର ସହିତ ଇଲେକ୍ଟ୍ରୋନ୍ ପ୍ରବାହର ସୁପରିବାହୀ ମାଧ୍ୟମରେ ଏହା ସମ୍ଭବ କରାଇ ପାରିବେ। ପୁନଶ୍ଚ ଗଛମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଆଲୋକ ସଂଶ୍ଳେଷଣ କଲା ଭଳି ସେଗୁଡ଼ିକ ପୁନଃନବୀକରଣକ୍ଷମ ବିଦ୍ୟୁତ ଉତ୍ପାଦନ ଏବଂ ବ୍ୟବହାର କରି ଅଙ୍ଗାରକାମ୍ଳକୁ ଧରି ରଖିବା ଏବଂ ଅନ୍ୟ ପଦାର୍ଥରେ ପରିଣତ କରିବାକୁ ସକ୍ଷମ ହେବେ। ଏହାବ୍ୟତୀତ ଏହି ଜୀବାଣୁମାନେ ଅମ୍ଳଜାନରହିତ ପରିବେଶ ମଧ୍ୟରେ କାର୍ଯ୍ୟ କରିପାରୁଥିବାରୁ ଏଗୁଡ଼ିକୁ ଜୈବ ବୈଦ୍ୟୁତିକ ସଂବେଦକମାନ ପ୍ରସ୍ତୁତି ଏବଂ ବିକାଶର ସମ୍ଭାବନା ସୃଷ୍ଟି କରିଛନ୍ତି।

ଏପ୍ରକାର ସଂବେଦକ ରୋଗ ନିରୂପଣ, ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ ଏବଂ ଅମ୍ଳଜାନ ନଥିବା କିମ୍ବା ସ୍ୱଳ୍ପ ଥିବା ମହାକାଶକୁ ଯାଉଥିବା ମିଶନଗୁଡ଼ିକରେ ନାନାରୂପେ ବ୍ୟବହାର କରାଯାଇପାରିବ। ଏହି ଯୁଗାନ୍ତକାରୀ ଆବିଷ୍କାର ଜୀବନ କିପରି ଅତ୍ୟନ୍ତ ନିର୍ମମ ପରିବେଶ ମଧ୍ୟରେ ତିଷ୍ଠି ରହିପାରିବ ସେ ବିଷୟରେ ମଧ୍ୟ ଆମ ଧାରଣାକୁ ନୂତନ ରୂପ ଦେଇଛି ଏବଂ ତ' ଦ୍ୱାରା ଏକ୍ଷେତ୍ରରେ ବହୁ ବଡ଼ ବଡ଼ ଆହ୍ୱାନର ସମ୍ମୁଖୀନ ହେବା ଲାଗି ପଥ ଉନ୍ମୁକ୍ତ କରିଛି। ଆଶା କରାଯାଏ ଯେ ଏ କ୍ଷେତ୍ରରେ ଅଧିକ ଗବେଷଣା ଏ ଶ୍ରେଣୀର ବିଦ୍ୟୁତ୍ ଶ୍ୱାସକ୍ରିୟା ସମ୍ପାଦନକାରୀ ଜୀବାଣୁମାନଙ୍କୁ ଅଧିକରୁ ଅଧିକ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରିବାର ବାଟ ଫିଟାଇବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୫ ବିଭାଗରେ ନିଯୁକ୍ତି ପାଇଲେ ୯୭୪

## ନବ ନିଯୁକ୍ତ ଅଧିକାରୀମାନେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୬।୬(ସମିସ): ୫ଟି ବିଭାଗର ୯୭୪ ଜଣଙ୍କୁ ସୋମବାର ନିଯୁକ୍ତିପତ୍ର ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତନ୍ମଧ୍ୟରେ ପୂର୍ତ୍ତ ବିଭାଗର ୫୬୩ ଜଣ ଥିବାବେଳେ ଜଳ ସମ୍ପଦ ବିଭାଗରେ ୭୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ ଜଣ ନିଯୁକ୍ତି ପାଇଛନ୍ତି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି ଯେ ନବ ନିଯୁକ୍ତ ଅଧିକାରୀମାନେ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜକୁ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରନ୍ତୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଆଜି ସୁଦ୍ଧା ୨୮,୩୪୬ ପଦରେ ନିଯୁକ୍ତି ଦିଆଯାଇଛି। ସେହିପରି ବେସରକାରୀ ସ୍ତରରେ ମଧ୍ୟ ପ୍ରଥମ ବର୍ଷରେ ୪୫ ହଜାର ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣ ନିଯୁକ୍ତି ପାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ପ୍ରାର୍ଥୀମାନେ ସରକାରଙ୍କ ପ୍ରତିଟି ଯୋଜନାକୁ ତ୍ୱରିତ ଓ ସଫଳତା ପୂର୍ବକ କାର୍ଯ୍ୟାନ୍ୱୟନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ୨୦ରୁ ସ୍କୁଲରେ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୧୬।୬(ସମିସ): ୧୧ ଜୁନ୍ ୨୦୨୫। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି । ଏହି ବିଜ୍ଞପ୍ତି ଅନୁସାରେ ଜୁନ୍ ୧୮ ତାରିଖରେ ବିଦ୍ୟାଳୟ ଖୋଲିବ ଓ ପ୍ରଥମ ଦିନରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ। ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏହି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଖାଦ୍ୟର ମାନ ପରଖିବା ସହ ସଫାସୁତୁରା ଯାଞ୍ଚ କରିବା ପାଇଁ ସିଆର୍‌ସିସି ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ୧୬ ଜୁନ୍ ୨୦୨୫। ମାତ୍ର ୫ଦିନରେ ପୂର୍ବ ଚିଠିକୁ ପରିବର୍ତ୍ତନ କରାଯାଇ ୧୮ ନୁହେଁ, ଆସନ୍ତା ୨୦ ତାରିଖରେ ବିଦ୍ୟାଳୟ ଖୋଲିବ ଏବଂ ସେହି ଦିନଠାରୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ମଧ୍ୟରେ ସମନ୍ୱୟ ନାହିଁ। ବିଦ୍ୟାଳୟ ଆସନ୍ତା ୨୦ ତାରିଖରେ ସ୍କୁଲ୍ ଖୋଲିବା ନେଇ ବହୁ ପୂର୍ବରୁ ଶୈକ୍ଷିକ କ୍ୟାଲେଣ୍ଡରରେ ଦର୍ଶାଯାଇଛି। ବିଭାଗ ପକ୍ଷରୁ ଆଗୁଆ ସ୍କୁଲ୍ ଖୋଲିବାକୁ କୌଣସି ନିର୍ଦ୍ଦେଶନାମା ହୋଇ ନ ଥିବାବେଳେ ପିଏମ୍ ପୋଷଣ ପରିଚାଳନା ରାଜ୍ୟ ୟୁନିଟ୍ ବିଭ୍ରାନ୍ତିକର ଚିଠି ଜାରି କରିଥିଲା। ଅର୍ଥାତ୍ ବିଭାଗ ଅଧୀନରେ ଥିବା ଏହି ୟୁନିଟ୍‌ର ଅଧିକାରୀଙ୍କୁ ବିଭାଗର ନିଷ୍ପତ୍ତି ସମ୍ପର୍କରେ କିପରି ଧାରଣା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲା ଅତିଥି ଭବନ ପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ

ଭୁବନେଶ୍ୱର, ୧୬।୬(ସମିସ): ୟୁନିଟ୍-୨ ଏବଂ ଅଶୋକ ନଗର ଅଞ୍ଚଳରେ ରାଜ୍ୟ ଅତିଥି ଭବନ ନିର୍ମାଣର ଅନୁମତି ପ୍ରଦାନ କରାଯାଇଛି। ଏଥିପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ ହୋଇଛି ଓ ୨୬ଟି ପ୍ଲଟ୍‌ର ଏକ ତାଲିକା ଜାରି କରାଯାଇଛି। ଏହି ପ୍ଲଟ୍ ଗୁଡିକରେ ୨୪ପ୍ଲଟ୍ ଘରବାରୀ କିସମର ଥିଲା ବେଳେ ୨ଟି ପ୍ଲଟ୍ ସଡ଼କ କିସମର ରହିଛି। ସରକାରଙ୍କ ସାଧାରଣ ପ୍ରସାଶନ ବିଭାଗ ପକ୍ଷରୁ ଏଠାରେ ଅତିଥି ଭବନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାସହିତ ସହରାଞ୍ଚଳ ପ୍ରଶାସନ ବିଡ଼ିଏ ଉପାଧ୍ୟକ୍ଷ, ବିଏମ୍‌ସି କମିସନରଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରେଣ୍ଟ ଅଫିସର ସାଧରଣ ପ୍ରସାଶନ ବିଭାଗ, ଅତିରିକ୍ତ ନିର୍ଦ୍ଦେଶକ ଇଷ୍ଟେଟ୍‌ଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଯେଉଁଠି ଆବଶ୍ୟକ ପଡ଼ିବ ସେଠାରୁ ସରକାରୀ କ୍ୱାଟର୍ସ ଖାଲି କରାଯିବ। ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବାକୁ ହେଲେ ଯଦି ଆବଶ୍ୟକ ପଡେ ତେବେ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠରି ବିଶିଷ୍ଟ ଗେଷ୍ଟ ହାଉସ୍ ହେବ। ପ୍ରତି ଜିଲ୍ଲା ନୂଆରେ ଏହାକୁ ନାମିତ କରାଯିବ।

# ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି ବନ କର୍ମଚାରୀ

■ ଜୀବନ ବୀମା କରିବାକୁ ଅମଙ୍ଗ ବିଭାଗୀୟ ଅଧିକାରୀ
■ ବିନା ପ୍ରିମିୟମରେ ବୀମା ସୁବିଧା ଥାଇ ବି ମିଳୁନି ସୁବିଧା

ଭୁବନେଶ୍ୱର,୧୬।୬(ସମିସ): ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କୁ ମିଳିପାରୁନି ଜୀବନ ବୀମା। ରାଜ୍ୟରେ ଗତ କିଛି ବର୍ଷ ହେବ ନିୟମିତ ଭାବେ ବନ କର୍ମଚାରୀମାନେ ଶିକାରି ଗୁଳିରେ ପ୍ରାଣ ହରାଇବାରେ ଲାଗିଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ହାତୀ ଆକ୍ରମଣରେ ମଧ୍ୟ ବନକର୍ମଚାରୀଙ୍କ ଜୀବନ ଯାଉଛି। ମୃତକଙ୍କ ମଧ୍ୟରେ ମୁଖ୍ୟତଃ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜର ପଦରେ କାର୍ଯ୍ୟରତ କର୍ମଚାରୀ ରହୁଛନ୍ତି। ତେଣୁ ଏହି କର୍ମଚାରୀମାନେ ନିଜ ପାଇଁ ଜୀବନ ବୀମା ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଆଖିବୁଜି ଦେଇଛି। ଯାହାକୁ ନେଇ ବନ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ବଡ଼ କଥା ହେଉଛି ଯେ ଏହି ବୀମା ବାବଦକୁ ରାଜ୍ୟ ସରକାର କିମ୍ବା ବନ ବିଭାଗ ହାତରୁ ଟଙ୍କାଟେ ଖର୍ଚ୍ଚ ପଡ଼ିବ ନାହିଁ। ଏହା ସତ୍ତ୍ୱେ ଏପରି ବୀମା ପ୍ରତି ଅନାଗ୍ରହ ଯୋଗୁଁ ହଜାର ହଜାର ବନ କର୍ମଚାରୀଙ୍କ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟରେ ବର୍ତ୍ତମାନ ପୁଲିସ ଓ ଜେଲ୍ ବିଭାଗର କର୍ମଚାରୀମାନଙ୍କୁ ଏହି ବୀମା ସୁବିଧା ପ୍ରଦାନ କରାଯାଇଛି। ହେଲେ ବନ ବିଭାଗ କର୍ମଚାରୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି ତାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବିଭିନ୍ନ ଜାତୀୟବ୍ୟାଙ୍କ ଜରିଆରେ 'ସାଲେରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାର ବ୍ୟବସ୍ଥା ଉପଲବ୍ଧ ରହିଛି। ଏ ବାବଦକୁ ପ୍ରିମିୟମ ଅର୍ଥରାଶି ମଧ୍ୟ ପୈଠ କରିବାର ଆବଶ୍ୟକତା ରହୁନାହିଁ। ଏହାକୁ ଆଧାର କରି ରାଜ୍ୟ ପୁଲିସ ବିଭାଗ ଓ ଜେଲ୍ ବିଭାଗ ନିଜ କର୍ମଚାରୀଙ୍କ ପାଇଁ ୧ କୋଟି ଟଙ୍କାର ବୀମା ଉପଲବ୍ଧ କରାଇଛନ୍ତି। ଯଦି କୌଣସି କର୍ମଚାରୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାରକୁ ବ୍ୟବସ୍ଥା ଅନୁଯାୟୀ ୧ କୋଟି ଟଙ୍କାର ବୀମା ରାଶି ମିଳିବାର ବ୍ୟବସ୍ଥା ହୋଇଛି। ତେଣୁ ବନ କର୍ମଚାରୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ, ସେମାନଙ୍କୁ ଏହି ସୁବିଧା ଉପଲବ୍ଧ କରାଇ ଦେବାକୁ ବାରମ୍ବାର ବନ କର୍ମଚାରୀମାନେ ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

## ଅବଶିଷ୍ଟାଂଶ

### ଲାଗୁହେଲା ନୂଆ...

ଏହି ସଫ୍ଟୱେର୍ ସିଷ୍ଟମ୍ ପେମେଣ୍ଟକୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ସ୍ଥାନାନ୍ତର କରିଥାଏ। ନୂଆ ୟୁପିଆଇ ପେମେଣ୍ଟ ନିୟମ ଲାଗୁ ହେବା ପରେ କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ଶପିଂ ସମୟରେ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିବା ସବୁକିଛି ପୂର୍ବ ଅପେକ୍ଷା ଦ୍ରୁତ ହେବ। ଏଥିରେ ବିଶେଷ କଥା ହେଉଛି ଯେ, ଭୁଲ ଦେୟ ଯୋଗୁ କାରବାର ବାବଦ ଅର୍ଥ ରିଫଣ୍ଡ ପାଇବା ଏବଂ ଷ୍ଟାଟସ୍ ଯାଞ୍ଚ କରିବା ପାଇଁ ସମୟ ମଧ୍ୟ ୩୦ ସେକେଣ୍ଡରୁ ୧୦ ସେକେଣ୍ଡକୁ ହ୍ରାସ କରାଯାଇଛି। ତେଣୁ ଏବେ ପେମେଣ୍ଟ ହେଲା କି ନାହିଁ ତାହାକୁ ନେଇ କମ୍ ଚିନ୍ତା ରହିବ। ପୂର୍ବରୁ, ଏକ କାରବାର ସଫଳ ହୋଇଛି କି ନାହିଁ ଯାଞ୍ଚ କରିବା ପାଇଁ ୯୦ ସେକେଣ୍ଡ ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ, କାରବାର ଆରମ୍ଭ ହେବା ପରେ କେବଳ ୪୫ ରୁ ୬୦ ସେକେଣ୍ଡ ପରେ ଏହାକୁ ଯାଞ୍ଚ କରିପାରିବେ।

### ଥମୁନି ଝାଡ଼ାବାନ୍ତି...

ଆଜି ସୁକିନ୍ଦା ବୈରୀମାଳ ଏବଂ ସାରଙ୍ଗପୁର ଗାଁରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲ୍ଲାରେ ମୋଟ ୧୬ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପ୍ରଶାସନ କିମ୍ବା ସରକାର ଏହାକୁ ମାନିବାକୁ ନାରାଜ। ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବା ମାନଙ୍କରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ସେହିପରି ବରୀ, ବିଞ୍ଝାରପୁର, ଧର୍ମଶାଳା ତହସିଲ ଅଞ୍ଚଳ ସମେତ ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳରେ ସମସ୍ତ ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍, ଗୁପୁଚୁପ୍, ଦହିବରା, ଆଇସକ୍ରୀମ୍ ଦୋକାନ ଆସନ୍ତା ଦୁଇ ସପ୍ତାହ ଧରି ବନ୍ଦ କରିବାକୁ ତହସିଲଦାର ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱଥି ଧର୍ମଶାଳା ଓ ଯାଜପୁର ମେଡିକାଲର ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ସ୍ଥିତିର ସମୀକ୍ଷା କରିଛନ୍ତି। ଆଜି ଜିଲ୍ଲାରେ ମୋଟ ୧୫ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସୁଦ୍ଧା ମୋଟାମୋଟି ୧୭୮୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୧୫୨୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ବି କଟକ, ଭୁବନେଶ୍ୱରରେ ୩୦ରୁ ଊର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି।

### ପୁରୁଷ ବନ୍ଧୁକୁ...

ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ପୁଲିସକୁ କହିଥିଲେ। ପୁଲିସ ତୁରନ୍ତ ପୁରୁଷ ବନ୍ଧୁଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଖୋଜାଖୋଜି କରିଥିଲା। ଏହିକ୍ରମରେ ଡୁରା ଓଭରବ୍ରିଜ ନିକଟରେ ଥିବା ୪ଜଣ ପୁଲିସ ଗାଡ଼ିକୁ ଦେଖି ଦୌଡିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଯୁବତୀଙ୍କ ପୁରୁଷ ବନ୍ଧୁ ଚିହ୍ନଟ କରିଥିଲେ। ସେଠାରୁ ୨ ଜଣଙ୍କୁ କାବୁ କରାଯାଇଥିଲେ ହେଁ ଅନ୍ୟ ଦୁଇଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ। କାବୁ କରାଯାଇଥିବା ୨ ଜଣ ଯୁବକଙ୍କୁ ଥାନାରେ ଜେରା ପରେ ଅନ୍ୟ ୮ ଜଣ ହିଞ୍ଜିଳିକାଟୁ ତଥା ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା।

ମିଳିଥିବା ତଥ୍ୟ ଆଧାରରେ ପୁଲିସର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସେଠାରୁ ଘଟଣାରେ ସମ୍ପୃକ୍ତ ୫ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି, ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବ୍ରହ୍ମପୁର ଏସ୍‌ଡିପିଓ ପ୍ରମୁଖ ଗୋପାଳପୁର ଥାନାରେ ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

### ଜଳପ୍ରପାତ ସ୍ରୋତରେ...

ସ୍ରୋତରେ ଭାସି ଯାଇଥିଲେ। ସାଙ୍ଗମାନେ ବହୁ ଖୋଜାଖୋଜି କଲା ପରେ ହତାଶ ହୋଇ ପରେ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ସେମାନଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ଗତକାଲି ବନ୍ଦ ରହିଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବାବେଳେ ଆଲୋକଙ୍କ ମୃତଦେହ ମିଳିଛି। ନିଖୋଜ ଜଣକ ହେଲେ କିରଣ ମିର୍ଗାନ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଅଛି।

### ମଧ୍ୟପ୍ରାଚ୍ୟରେ ବଢୁଛି...

ଦେଖିବାକୁ ମିଳିଛି। ଇରାନର କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ଇସ୍ରାଏଲ ଉତ୍କ୍ଷେପଣ କରିଥିବା କ୍ଷେପଣାସ୍ତ୍ର ମିସଫାୟର ହୋଇଛି। ଏହି କ୍ଷେପଣାସ୍ତ୍ର ବିପରୀତ ଦିଗକୁ ଫେରି ନିଜର ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦେଇଛି। ଏହାକୁ ଇସ୍ରାଏଲ ଡିଫେନ୍ସ ସିଷ୍ଟମର ସବୁଠାରୁ ବଡ଼ ବିଫଳତା ବୋଲି କୁହାଯାଉଛି। ଇସ୍ରାଏଲର ଡିଫେନ୍ସ ସିଷ୍ଟମକୁ ବିଭ୍ରାନ୍ତ ଓ ବିପର୍ଯ୍ୟସ୍ତ କରିବା ଲାଗି ଇରାନ ପକ୍ଷରୁ ନୂଆ ଇଲୋକଟ୍ରୋନିକ ୱରଫେୟାର ରଣନୀତି ଗ୍ରହଣ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ରେ ଆମେରିକାର ଦୂତାବାସ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଇରାନ ଦାବି କରିଛି ଯେ ଇସ୍ରାଏଲର ଆଇରନ୍ ଡୋମକୁ ମାତ୍ ଦେଇ ଏହାର କ୍ଷେପଣାସ୍ତ୍ର ବ୍ୟାପକ କ୍ଷତି ଘଟାଇଛନ୍ତି।

ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ଆଜି ଇରାନ ରାଜଧାନୀ ତେହରାନ ଉପରେ ଘନ ଘନ କ୍ଷେପଣାସ୍ତ୍ର ଓ ବୋମା ମାଡ଼ କରିଛି। ଏଥିରେ ଆଜି ଆଉ ୪୫ ଜଣ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଇସ୍ରାଏଲ ଆକ୍ରମଣରେ ଇରାନରେ ମୃତ୍ୟୁସଂଖ୍ୟା ୨୨୪କୁ ବୃଦ୍ଧି ପାଇଛି। ଇସ୍ରାଏଲ ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ, ସେନା ମୁଖ୍ୟାଳୟ ଓ ତୈଳ ବିଶୋଧନାଗାର ଧ୍ୱଂସ ହୋଇଯାଇଛି। ଇସ୍ରାଏଲ ଦାବି କରିଛି ଯେ ଇରାନର ଏୟାର ଡିଫେନ୍ସ ସିଷ୍ଟମ ପଙ୍ଗୁ ହୋଇଯାଇଛି। ଇସ୍ରାଏଲର ଲଢୁଆ ବିମାନ ଏବେ ଇରାନ ଆକାଶରେ ଉଡ଼ି ମନଇଚ୍ଛା ଆକ୍ରମଣ କରିପାରିବେ। ଇରାନର ଏକ ତୃତୀୟାଂଶ କ୍ଷେପଣାସ୍ତ୍ର ଲଞ୍ଚରଗୁଡ଼ିକୁ ମଧ୍ୟ ଧ୍ୱଂସ କରି ଦିଆଯାଇଥିବା ଇସ୍ରାଏଲ କହିଛି। ସୂଚନାଯୋଗ୍ୟ ଯେ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଇରାନର ସମସ୍ତ ପରମାଣୁ କେନ୍ଦ୍ର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଯୋଜନା କରିଛି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି ଯେ ଆୟୋତଲ୍ଲା ଖାମେନି ସମେତ ଇରାନର ଶୀର୍ଷ ନେତୃତ୍ୱକୁ ହତ୍ୟା କରିବା ଲାଗି ଇସ୍ରାଏଲ ଯୋଜନା କରିଥିବା ବେଳେ ସେ ଏହାର ବିରୋଧ କରିଛନ୍ତି। ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ଏହା ପରମାଣୁ ନିରସ୍ତ୍ରୀକରଣ ଚୁକ୍ତିରୁ ଓହରିଯିବ ଏବଂ ପ୍ରତିରକ୍ଷା ପାଇଁ ପରମାଣୁ ଅସ୍ତ୍ର ତିଆରି କରିବ।

ଇତିମଧ୍ୟରେ ଇରାନରେ ଥିବା ଭାରତୀୟ ଛାତ୍ରମାନଙ୍କର ନିରାପତ୍ତା ନେଇ ଭାରତ ଚିନ୍ତା ପ୍ରକଟ କରିବା ସହିତ ଇରାନ ସରକାରର ସହାୟତା ଲୋଡ଼ିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ସୀମା ଖୋଲା ରହିଛି ଏବଂ ଛାତ୍ରମାନେ ନିରାପଦ ସ୍ଥାନ ଦେଇ ବାହାରକୁ ଯାଇପାରିବେ। ଇରାନରେ ଏବେ ୧୫୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଆକାଶ ସୀମା ବନ୍ଦ ରହିଥିବାରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷିତ ପ୍ରସ୍ଥାନ ପାଇଁ ଇରାନ ସବୁ ପ୍ରକାର ସହାଯ୍ୟ କରିବ ବୋଲି ଜଣାଇଛି। ଭାରତୀୟ ଛାତ୍ରଛାତ୍ରୀ ଆର୍ମେନିଆ ଦେଇ ଫେରିପାରନ୍ତି। ଭାରତ ପକ୍ଷରୁ ମଧ୍ୟ ଏଥିଲାଗି ପ୍ରୟାସ ଜାରି ରହିଛି। ଅନେକ ଭାରତୀୟଙ୍କୁ ତେହରାନର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସବୁ ପ୍ରକାର ବିକଳ୍ପ ଉପାୟରେ ବିଚାର କରାଯାଉଛି। ତେହରାନରେ ଥିବା ଭାରତୀୟ ଦୂତାବାସ ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛି ଓ ଇରାନରେ ଥିବା ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛି। ଇରାନରେ ଥିବା ଭାରତୀୟଙ୍କୁ ଦୂତାବାସ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କିନ୍ତୁ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି।

### ଦୁଇ ପର୍ଯ୍ୟାୟରେ...

ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା। ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ। ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ। ୧୯୭୧ରୁ ସୀମା ପୁନଃନିର୍ଦ୍ଧାରଣ ଅଟକି ରହିଛି। ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଲାଗି ଏହି ଜନଗଣନା ପଥ ପରିଷ୍କାର କରିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା। ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ।

**NOTICE (for Minor)**
By virtue of an affidavit sworn before The Executive Magistrate, Baripada, Mayurbhanj, dated 12-06-2025 I, Basanti Mahapatra Address Village/PO.- Balidiha, PS.- Khunta, Dist Mayurbhanj, Odisha, PIN-757019 declare that I have changed the name of my daughter **Ipasita Mohapatra** to **Ipsita Mohapatra**. Henceforth, she shall be known as **Ipsita Mohapatra** for all purposes.
Basanti Mahapatra

**AFFIDAVIT**
By virtue of an affidavit before Executive Magistrate, Kujanga, No.1684 dtd.19.04.2025 I, **Sisir Mallik** S/o- Daitari Mallik, resident of Kothi, Po.- Jhimani, Ps.- Paradeep lock, Dist.- Jagatsinghpur, Pin-754141, Odisha state that, I have changed my minor daughter's name from **Soyang Sampurna** to **Swayam Sampurna**. Henceforth she shall be known as **Swayam Sampurna** for all purposes.

**AFFIDAVIT**
BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE SOHELA, I SRI PITABASA SAHU S/O- GOPAL SAHU, RESIDENT OF VILL.- PADHANPALI, PO.- TABADA, PS- SOHELA, DIST-BARGARH, ODISHA, STATE THAT IN MY ADHAR CARD MY NAME HAS BEEN MENTIONED AS **PITABAS SAHU** WHERE AS IN MY RESIDENT CERTIFICATE MY NAME HAS BEEN REFLECTED AS **PITABASA SAHU**. MY ACTUAL NAME IS **PITABASA SAHU**.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Parsuram Pangi S/o- Biknu Pangi, Village - Panasput, Post- Anduruguda, PS- Padua, Dist- KORAPUT declare that I have changed my name from **Parasu Pangi** to **Parsuram Pangi**. Henceforth, I shall be known as **Parsuram Pangi** for all purposes.
Sd/- Parsuram Pangi

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Ramachandra Aleibir, S/o- Late Samara Aleibir, Village - Balda, Post - Balda, PS- Padua, Dist - KORAPUT declare that I have changed my name from **Ramachandra Hantal** to **Ramachandra Aleibir**. Henceforth, I shall be known as **Ramachandra Aleibir** for all purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Smt Danumati Pangi, W/o- Krushna Pangi, Village - Jadaput, Post- Banamaliput , PS- Nandapur, Dist - KORAPUT declare that I have changed my name from **Danumati Pangi** to **Dhanamati Pangi**. Henceforth, I shall be known as **Dhanamati Pangi** for all purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 09/06/2025 I Sri Sunil Kumar Hantal, S/o- Sashidhar Hantal, Village - Hatibari, Post- Hatibari, PS- Padua, Dist - KORAPUT declare that, I have changed my name from **Ishak Hantal** to **Sunil Kumar Hantal**. Henceforth, I shall be known as **Sunil Kumar Hantal** for all purposes.

**AFFIDAVIT**
By virtue of an affidavit before Executive Magistrate, Bhubaneswar, No.32 dtd.09/06/2025, I, **Krushna Chandra Das,** S/o- Kampa Das, resident of Vill.- Phasi, near Gramadebati, Kodala, Po.- Phasi, Dist.- Ganjam, Odisha, Pin- 761032 state that, I have changed my minor daughter's name from **PRAGNYA DAS** to **PRAGYANSMITA DAS**. Henceforth she will be known as **PRAGYANSMITA DAS** for all purposes.

**AFFIDAVIT**
By virtue of an affidavit before Executive Magistrate, Ambabhona, No.228 dtd.13/06/2025, I, **Surendra Singh Thakur,** S/o- Late Ananda Singh Thakur, resident of Vill.- Satidarha, Po.- Kapasira, Tah.- Ambabhona, Dist.- Bargarh, Odisha state that, my actual and correct name is **Surendra Singh Thakur** but in my Adhar Card my name has been mentioned as **Suren Singh Thakur**. Both the names **Surendra Singh Thakur** and **Suren Singh Thakur** belongs to one and same person.

**AFFIDAVIT**
By Virtue of an affidavit No.658 , Dated: 15.06.2025, before the Notary Public, Balimela, Dist: Malkangiri, I, Deba Padiami have changed my minor son's name from **Jaleswara Padiami** to **Jaleswar Padiami.** Henceforth he will be known as **Jaleswar Padiami** for all purposes.
Sd/- Deba Padiami

**AFFIDAVIT**
I, SK Qutubuddin, S/o. Sk Kamiruddin, resident of Sabalanga Kanipara, Kanipada, Mahakalapada, Dist.- Kendrapara, Odisha-754208 declare by this affidavit no. CF-45, dated-12.06.2025 that now onwards I shall be known as **Sk Kutubuddin** for all future purposes.

**AFFIDAVIT**
By the virtue of an affidavit in the court of executive magistrate, Jajpur no 5365 dtd 02/05/2025 that My son name have changed from **Sai Samartha Dikshit** to **Sai Pratik Dikshit**. Henceforth he shall be known as **Sai Pratik Dikshit** for all purposes.
Sd/- Chintamani Dikshit

**NOTICE (for Minor)**
By virtue of an affidavit sworn before Notary Public Udala, Mayurbhanj, dated 09-06-2025 I, Durga Hansdah Address Village/PO.- Bahubandh, PS.- Udala, Dist Mayurbhanj, Odisha, PIN-757041 declare that I have changed the name of my daughter **Sarma Hansdha** to **Salma Hansdah**. Henceforth, she shall be known as **Salma Hansdah** for all purposes.
Durga Hansdah

**AFFIDAVIT**
By Virtue of an affidavit No.659 , Dated: 15.06.2025, before the Notary Public, Balimela, Dist: Malkangiri, I, Muke Padiami have changed my minor son's surname and his father's name from Dipak Podiami, S/O- **Kasa Podiami** to **Dipak Padiami** S/O- **Kasha Padiami** respectively. Hence forth he will be known as **Dipak Padiami**, S/O- Kasha Padiami for all purposes.
Sd/- Muke Padiami

**AFFIDAVIT**
I, Mahamud Ali Lathia, aged about 41 years, S/o- Isha Lathia, resident of Gandhi Chowk, Umerkote, Po- Umerkote, Ps- Umerkote, Dist- Nabarangpur, Odisha, Pin- 764073 declare by this affidavit No-1191, dtd. 14/06/2025, that now onwards I shall be known as **MOHAMED ALI LATHIA** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Jajpur on dated- 19/05/2025. I, **Sushanta Kumar Rout** (Applicant name), S/o Gokulananda Rout, permanent resident of Vill: Kuanrpur, PO: Aunri, PS: Alakund, Dist: Jajpur, PIN: 755013, Odisha declare that I have changed my minor son's name from **Sidhant Rout** (old name) To **Sidhanta Kumar Rout** (new name). Henceforth, he shall be known as **SIDHANTA KUMAR ROUT** for all future purposes.
Sushanta Kumar Rout

**LOST**
By this time one person namely **Sri Bisikeshan Lima,** aged about 46 years, S/o.: Sri Erana Lima, of Village: Jagannathpur, PO.: Kujasingh, P.S.: Serango, Dist.: Gajapati, At/Pre: Krishna Nagar, Near Ranipenta, PO.: Jeeba, P.S.: Paralakhemundi, Tahasil: Gumma, District: Gajapati, Aadhar No.: 7549 0979 2479 appeared at PS and presented a written report that, He own a piece of Land situated in the revenue Village/Mouza: Upalasing which is bearing new RoR vide Khata No.: 85/927, Plot No.: 359/903 for Ac.0041 Dec, Kissam: Gharabari, being purchased by me vide RSD No.: 10552002524 Dt.01.10.2020 from one Sri Korada Dandasi, that the above Sri Korada Dandasi purchased the said land from one Sri Sankar Prasad Boxi vide RSD No.: 10551602338 Dt.07.09.2016, which has been, given by Sri Korada Dandasi to him at the time of registration of his sale deed. But the said original link Sale Deed bearing RSD No.: 10551602338 Dt.07.09.2016 has been misplaced at our home at Krishna Nagar, Near Ranipenta i.e. on 04.05.2025 and in spite of their best efforts, the same could not be traced out. Hence, he reported at PS. Noted the fact in GD for future references.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Rashimi Rekha Maharana, aged about 42 years, W/o- Manoj Maharana, resident of At- Plot No. 310 (P), Maitri Nagar, PO- Nayabazar, PS- Chauliaganj, Dist- Cuttack, PIN- 753004, Odisha declared by this affidavit No. 1336, dated- 14/06/2025, that now onwards I shall be known as **RASHMIREKHA MAHARANA** for all future purposes.

**Raghunath Samabaya Mahavidyalaya, Odagaon**
ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡଗାଁ
Banavihar, At/Po- Odagaon, Dist- Nayagarh, 752081, Odisha
Ph.No. 06753-296505
Email.: rsmodagaon@gmail.com, Website.: rsmodagaon.org.in
**QUOTATION CALL**
No. RSM196/25 Dt. 17/06/2023
Sealed Quotations are invited from reputed and registered farms/authorised suppliers/dealers having valid and up-to-date GST registration/IT clearance, PAN, TIN and ISO, Dealers Certificate for the supply of the materials of IT infrastructure, i.e.:(1) Desktop (i3 and above). (2). UPS (Digital) (3). MFM Printers (4). LED Android Smart TV (65 inch) (5). Wireless Microphone & Camera For Virtual Meetings with LAN Connectivity.
The supplier should quote the unit price inclusive of all taxes, installation and transportation cost. The related quotation should reach the undersigned on or before **23/06/2025**, 5 p.m. by Regd./Speed post. For more details contact the office of the principal from **10:30 a.m. - 2:30 p.m.** on all working days and refer letter No: 202469785168/ Dt.05/03/2025 of DHE, Govt. of Odisha.
N.B: The undersigned reserves the rights to cancel fully or partially the quotation process without citing any reason thereof.
Sd/- Principal
R.S. Mahavidyalaya, Odagaon

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO: BARINIPUT, DIST: KORAPUT – 764006, ODISHA
PHONE: - (06854)242001 (O), FAX: - (06854) 242038
E-mail: sgmel.ukhep@gmail.com
**TENDER CALL NOTICE NO UKHEP-11/25-26, DATED 11/06/25**
Sealed tenders are invited in sealed envelopes from the Authorized dealers/Reputed Suppliers for "Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput".

| Description of work | Cost of tender paper in Rs (Non-Refundable) | EMD in Rs. (Refundable) |
|---|---|---|
| Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput | 4720/- (Non- refundable) (Rs.4000/-+18% GST) | 9000/- |

The sale of Tender Paper will be from : 17/06/25 to 11.00 Hrs of 03/07/25
The last date & time of receipt of Tender : 12.00 Hrs of 03/07/2025
The date and time of opening of Tender : 12.30 Hrs of 03/07/2025
For details of tender documents, Terms & conditions, downloading, please visit our website www.ohpcltd.com.
C & P Head,
Upper Kolab H.E.Project,
Bariniput
CAD-788 OIPR - 04002/11/0095/2526

# କଣ୍ଟାମାଳରେ ଯୁଗ୍ମ ଜନଶୁଣାଣି ଶିବିର



**ଶଗଡ଼ା, ୧୬।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସମ୍ମିଳନୀ କକ୍ଷରେ ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଏସପି ରାହୁଲ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ର, କଣ୍ଟାମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରି ଲୋକମାନଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୬୮ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୬୧ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ମାମଲା ପଞ୍ଜୀକୃତ ହୋଇଥିଲା। ଶିବିରରେ ୭ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରା ଯାଇଥିଲା। ଅଭିଯୋଗ ଶୁଣାଣି ଶିବିର ପ୍ରଥମ କରି ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ବର୍ଦ୍ଧିତ ସମୟ ବାବଦରେ ଲୋକ ଅବଗତ ନ ଥିବାରୁ ଅପରାହ୍ନ ପର୍ଯ୍ୟୟରେ କୌଣସି ଅଭିଯୋଗ ପଞ୍ଜିକୃତ ହୋଇ ନ ଥିବା ଦେଖିବାକୁ ମିଳିଛି।

**୬୮ଟି ମାମଲା ପଞ୍ଜିକୃତ**

# ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ପ୍ରସ୍ତୁତି



ସୁବଳୟା/ଉଲୁଣ୍ଡା, ୧୬।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସ୍ଥିତ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଓ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଣ୍ଡ ଯୋଗ ସମିତି ସଂଯୋଜକ ତଥା ଯୋଗ ଗୁରୁ ଡ. ହୃଷୀକେଶ ଦେହେରି ମତ ରଖିଥିଲେ। ପ୍ରତି ଖଣ୍ଡ ନଗର ପଞ୍ଚାୟତରେ ଯୋଗ ଦିବସ ପାଳନ ନେଇ ଯୋଗ ଗୁରୁଙ୍କ ଆବଶ୍ୟକତା ରହିଛି। ଏହି ପ୍ରଶିକ୍ଷଣରେ ଯୋଗ ପ୍ରଶିକ୍ଷକ ଧବଳେଶ୍ୱର ଭୁକ୍ତା ପ୍ରୋଟୋକଲ୍ ଆଧାରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଗାମୀ ଦିନରେ କିପରି ପ୍ରତି ଗ୍ରାମରେ, ଶିକ୍ଷାନୁଷ୍ଠାନ, ସ୍କୁଲ, କଲେଜ, ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ କର୍ମଚାରୀ, ସାଧାରଣ ନାଗରିକମାନଙ୍କୁ ସାମିଲ ହେବାକୁ ନିବେଦନ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ରାମେଶ୍ୱର ପଧାନ ପରିଚାଳନା କରିଥିବାବେଳେ ଯୋଗ ଗୁରୁ ଶମ୍ଭୁରାଜ କର୍ଣ୍ଣ ଧନ୍ୟବାଦ ଦେଇଥିଲେ।

## ନାହିଁ ଡ୍ରେନେଜ ବ୍ୟବସ୍ଥା

# ଜଳବନ୍ଦୀ ଜୀବନ ବିତାଉଛନ୍ତି ସୁବଳୟା ମଠସାହିବାସିନ୍ଦା

**ବୀରମହାରାଜପୁର, ୧୬।୬(ସମିସ):**



ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସ୍ୱଳ୍ପ ବର୍ଷାରେ ଜଳବନ୍ଦୀ ଜୀବନ ବିତାଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତସଦର ମଠସାହିବାସିନ୍ଦା। ଏନେଇ ଜିଲ୍ଲାପାଳଙ୍କ ନିକଟରେ ସାହିବାସିନ୍ଦା ଅଭିଯୋଗ କରିବା ପରେ ଜିଲ୍ଲାପାଳ ବିଡିଓଙ୍କ ତ୍ୱରିତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଏଯାଏଁ କାର୍ଯ୍ୟକାରୀ ହୋଇନଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପଟରେ ପୁଣି ରବିବାର ସନ୍ଧ୍ୟାରେ ହୋଇଥିବା ବର୍ଷାରେ ଜଳ ଘେରରେ ରହିଛନ୍ତି ମଠସାହିବାସିନ୍ଦା।

ସୁବଳୟା ପଞ୍ଚାୟତସଦରର ମଠସାହିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଏହି ବସ୍ତି ଆଗ ଦେଇ ନୂତନ ରାସ୍ତା ନିର୍ମାଣ ହେବା ଫଳରେ ବସ୍ତିଟି ଖାଲ ସ୍ଥାନରେ ରହିଯାଇଛି। ଯାହାଦ୍ୱାରା ବସ୍ତି ଅଞ୍ଚଳରୁ ଜଳ ନିଷ୍କାସନ ହୋଇ ନପାରି ଚାରିପାଖରେ ଜମି ରହୁଛି। ବିଶେଷ କରି ବର୍ଷାଦିନେ ବସ୍ତିବାସୀନ୍ଦାମାନେ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଘରୁ ରାସ୍ତାକୁ ବାହାରିବାକୁ ହେଲେ ଆଣ୍ଠୁଏ ପାଣି ଦେଇ ଯିବା ଆସିବା କରିବାକୁ ପଡୁଛି। ଏଥିସହ ବର୍ଷାଜଳ ନିଷ୍କାସନ ହୋଇ ନପାରି ଜମି ରହି ପଚିବା ଯୋଗୁଁ ବସ୍ତିବାସୀନ୍ଦା ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁଁ ସୋମବାର ବସ୍ତିବାସିନ୍ଦା ପାଣି ଘେରରେ ରହିଛନ୍ତି। ଏବାବଦରେ ବସ୍ତି ବାସିନ୍ଦାମାନେ ଅନେକ ଥର ସୁବଳୟା ସରପଞ୍ଚ, ବୀରମହାରାଜପୁର ବିଡିଓ, ବ୍ଲକ ଚେୟାରମ୍ୟାନ୍ ଓ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାର ସମାଧାନ

## କାର୍ଯ୍ୟକାରୀ ହେଉନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ, ଆଜି ପର୍ଯ୍ୟନ୍ତ ବର୍ଷାଜଳ ନିଷ୍କାସନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ଆସରାଏ ବର୍ଷାରେ ପୁଣି ବସ୍ତି ଅଞ୍ଚଳବାସୀ ସୋମବାର ଜଳବନ୍ଦୀ ଜୀବନ ବିତାଉଥିବା କହିଛନ୍ତି। ଜିଲ୍ଲାପାଳ ତୁରନ୍ତ ସୁବଳୟା ମାଠାସହି ବସ୍ତି ଅଞ୍ଚଳରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ସବୁଦିନିଆ ଏକ ଡ୍ରେନେଜର ବ୍ୟବସ୍ଥା କରିବାକୁ ବସ୍ତିବାସିନ୍ଦା ଦାବି କରିଛନ୍ତି।

## ଯୁବତୀଙ୍କଠାରୁ ମୋବାଇଲ ଲୁଟ୍

# ବାଇକ୍ ଛାଡ଼ି ପଳାଇଲେ ଲୁଟେରା



**ବୌଦ୍ଧ, ୧୬।୬(ସମିସ):** ବୌଦ୍ଧ ସହର ଜାମ୍ବୁ ଛକ ନିକଟବର୍ତ୍ତୀ ଓ ରାଜନ ପାଲି ଛକ ମଧ୍ୟରେ ଜଣେ ଯୁବତୀଙ୍କ ଠାରୁ ମୋବାଇଲ ଲୁଟ୍ ହୋଇଥିବା ଯୁବତୀ ଜଣକ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ୪.୩୦ ମିନିଟ ସମୟରେ ରାଜନପାଲି ନିକଟ ପୁରୁଣା ଟାଉନ ଫାଣ୍ଡି ନିକଟରେ ଜଣେ ଯୁବତୀଙ୍କ ନିକଟରୁ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ମୋବାଇଲ ଲୁଟ୍ କରିଥିଲେ। ସ୍ଥାନୀୟ ଲୋକେ ହୋହାଲ୍ଲା କରି ଆସିବାରୁ ଲୁଟେରାମାନେ ବାଇକ୍ ଛାଡି ଘଟଣାସ୍ଥଳରୁ ଖସି ଯାଇଥିଲେ। ଖବର ପାଇ ବୌଦ୍ଧ ଥାନା ପୁଲିସ୍ ବାଇକକୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି। ମୋବାଇଲ୍ ଚୋରକୁ ସରସରା ଗ୍ରାମରେ ଲୋକେ ଅଟକ ରଖିଥିବା ସୂଚନା ମିଳିଛି।

# ପାନୀୟଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା

**ବୌଦ୍ଧ, ୧୬।୬(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟଜଳ ସମସ୍ୟା ନେଇ ମହିଳାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏଲଏଣ୍ଡଟି ପରିଚାଳିତ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ ପଡ଼ି ଷ୍ଟାଣ୍ଡପୋଷ୍ଟ ଲାଗିଥିଲେ ମଧ୍ୟ ୧୫ ଦିନ ହେଲା ଆଦୌ ପାଣି ଆସୁନାହିଁ ଫଳରେ ଖୁଣ୍ଟବନ୍ଧ ପଞ୍ଚାୟତର ଶରଧାପୁର, ବେନ୍ଦିରିପାଲି ଓ ବାଲି ଦୋହଲି ଗ୍ରାମର ଜନସାଧାରଣ ପାନୀୟଜଳ ନପାଇ ହନ୍ତସନ୍ତ ହେଉଛନ୍ତି। ଉକ୍ତ ଗ୍ରାମାନଙ୍କରେ ଥିବା ପୋଖରୀ ଶୁଖିଯାଇଥିବା ବେଳେ ଅନ୍ୟ ଜଳଉତ୍ସ ଗୁଡିକ ଅଚଳ ରହିଛି। ତେଣୁ ପାନୀୟ ଜଳଯୋଗାଣ କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳ କଣ୍ଟାମାଳ ବ୍ଲକ ଜନଶୁଣାଣି କାର୍ଯ୍ୟକ୍ରମରେ ଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ, ସମୟରେ କାମାକ୍ଷା ପ୍ରଧାନ, ଶ୍ରାବଣୀ ପ୍ରଧାନ, ସାବିତ୍ରୀ ପ୍ରଧାନ, ଚତୁରୀ ପ୍ରଧାନ, ବୃନ୍ଦାବତୀ ମହାକୁଡ, ନରେନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଅବ୍ୟବସ୍ଥା ଘେରରେ ପରିସଂଖ୍ୟାନ କାର୍ଯ୍ୟାଳୟ

# ନାହାନ୍ତି କର୍ମଚାରୀ; ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା



**ବୀରମହାରାଜପୁର, ୧୬।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ଏହା ବ୍ଲକ କାର୍ଯ୍ୟାଳୟ ପାଖକୁ ଲାଗି ରହିଥିଲେ ମଧ୍ୟ ଏହି କାର୍ଯ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀ କି ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ଅଫିସ୍, କମ୍ପ୍ୟୁଟର ଗୃହ, ଅଭ୍ୟର୍ଥନାକକ୍ଷରେ କାର୍ଯ୍ୟାଳୟ ସୀମିତ ରହିଛି। ଅଭ୍ୟର୍ଥନାକକ୍ଷ ଗୃହର କାନ୍ଥ ନକରି ବ୍ଲକ ପାଚେରୀ କାନ୍ଥ ସହ ଯୋଡ଼ି ଠିକା ସଂସ୍ଥା କାର୍ଯ୍ୟ ସାରି ଦେଇଥିଲେ। ଫଳରେ ସାମାନ୍ୟ ବର୍ଷା ହେଲେ ଅଭ୍ୟର୍ଥନାକକ୍ଷରେ ପାଣି ଜମିରହୁଥିବାରୁ ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଏଥିସହ କାର୍ଯ୍ୟାଳୟ କୋଠାରେ ଜଳ ଯୋଗାଣର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହାବ୍ୟତିତ ପରିସଂଖ୍ୟାନ କାର୍ଯ୍ୟାଳୟରେ ନାହାଁନ୍ତି ଆବଶ୍ୟକ କର୍ମଚାରୀ। ଅଫିସରେ ଜଣେ ଅଧିକାରୀ ଓ ତିନି ଜଣ ଅମିନ ରହିବାର ନିୟମ ଥିଲେ ହେଁ, ଏଠାରେ ଜଣେ ଅଫିସର୍ ଓ ଜଣେ ଅମିନ ରହିଛନ୍ତି। ଅଧିକାରୀ ଜଣଙ୍କ ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ଭଳି ୩ଟି ବ୍ଲକ ଦାୟୀତ୍ୱରେ ରହିଛନ୍ତି। ଜଣେ ମାତ୍ର ଅମିନକୁ ନେଇ ସେ କିପରି କାର୍ଯ୍ୟ କରୁଥିବେ ତାହା ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି। ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ କାର୍ଯ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧି କରାଇବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପରିସଂଖ୍ୟାନ ବିଭାଗ ଅଧିକାରୀ ରାଜେନ୍ଦ୍ର କୁମାର ରଥଙ୍କୁ ପଚାରିବାରୁ, ସେ ୩ଟି ବ୍ଲକ ଦାୟୀତ୍ୱରେ ରହିଥିବା କହିବା ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତ ହେଲେ କାର୍ଯ୍ୟ କରିବାରେ ଅଧିକ ସୁବିଧା ହେବ ବୋଲି ସେ କହିଛନ୍ତି।

**୩ ବ୍ଲକ୍ ଦାୟିତ୍ୱରେ ଜଣେ ଅଧିକାରୀ**

# ବିକଶିତ ବାହନ ଯାତ୍ରା ରଥକୁ ଭବ୍ୟ ସ୍ୱାଗତ

**ଶଗଡ଼ା, ୧୬।୬(ସମିସ):** ରୁଣ୍ଡି ମହୁଲ ପଞ୍ଚାୟତ ପକ୍ଷରୁ ଆଜି ବିକାଶ ବାହନ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁ, ସରପଞ୍ଚ ପଞ୍ଚାନନ ସାହୁ, , ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ବନ ବିଭାଗ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ବିକାଶ ବାହନ ଯାତ୍ରା ରଥକୁ ସ୍ୱାଗତ କରିଥିଲେ। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ହୋଇଥିବା ବିକାଶ ଲୋକଙ୍କ ନିକଟକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ରଥ ପ୍ରତ୍ୟେକ ପଞ୍ଚାୟତ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।



# ସର୍ବୋଦୟ ସଂକଳ୍ପ ଶିବିର



ବୌଦ୍ଧ, ୧୬।୬(ସମିସ):ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ବୌଦ୍ଧ ଜିଲ୍ଲା ଶାଖା ତରଫରୁ ଦୁଇ ଦିନିଆ ସର୍ବୋଦୟ ସଂକଳ୍ପ ଶିବିରକୁ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଏବଂ ବୌଦ୍ଧ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ସମ୍ପାଦକ ବିଜୟ କୁମାର ପ୍ରଧାନ, ଲବ କୁମାର ସାହୁ, ପାଣ୍ଡବ କର୍ଣ୍ଣ, ଉଦୟନାଥ ଶର୍ମା, ଜିଲ୍ଲା ସଂଯୋଜକ ସମରେନ୍ଦ୍ର ମହାକୁଲ, ଜିଲ୍ଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ଆଡଭୋକେଟ ତାରିଣୀ ଜେନା, ବିଶ୍ୱଜିତ୍ ମିଶ୍ର, ଦେବେନ୍ଦ୍ର ନାଏକ, ଏସଟି ସେଲ ସଭାପତି ପ୍ରଦୀପ ମଲ୍ଲିକ, ସୁନୀଲ ପ୍ରଧାନ, ରମାକାନ୍ତ ଭୁକ୍ତଷ, ଗଣେଶ ଲୌରିଆ, କିଶାନସେଲ୍‌ଫ ର ସଂଯୋଜକ ରୋହିତାସ୍ୱ ବେହେରା, କଣ୍ଟାମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କହଁର, ବିଶ୍ୱାମିତ୍ର ପାଢ଼ୀ, ନିତ୍ୟାନନ୍ଦ କର୍ମୀ, ଛାତ୍ର କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ମହାନନ୍ଦ, ଆଶିଷ ଜେନା, ସ୍ମୃତି ରଞ୍ଜନ ପାତ୍ର, ଆଶୁତୋଷ ସେଠୀ, ବିଶ୍ୱାମିତ୍ର ପାଢ଼ୀ, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ ବୁଦ୍ଧଦେବ ପ୍ରଧାନ, ସୁଦାମ ସାହୁ, ଅଭିଳାଷ ସ୍ୱାଇଁ, ମହିଳା କଂଗ୍ରେସର ସନ୍ଧ୍ୟାରାଣୀ ସିଂହ, ଅମୃତି ମହାନନ୍ଦିଆ, ଗୀତାଞ୍ଜଳି ବେହେରା, ବାସନ୍ତୀ ଦେହୁରୀ, ଜାହ୍ନବୀ ମହାନନ୍ଦିଆ, ଦେବକୀ ମହାନନ୍ଦିଆ, ଅଶେଷ ଦେହୁରୀ, ରୀଙ୍କୁ ପ୍ରଧାନ, ବିଭୁ ବେହେରା, ଜିତେନ୍ଦ୍ର ଦେହୁରୀ, ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନ ଅଧିବେଶନରେ ସୁପ୍ରିମକୋର୍ଟ ଆଡଭୋକେଟ ବିରଜା ମହାପାତ୍ର ଶିବିରରେ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ଭୂମିକା ଉପରେ ଉପସ୍ଥିତ ଶିବିରାର୍ଥିଙ୍କୁ ବୁଝାଇଥିଲେ। ଅପରାହ୍ନ ଅଧିବେଶନରେ 'ଭାରତ ନିର୍ମାଣରେ କଂଗ୍ରେସର ଭୂମିକା' ସମ୍ପର୍କରେ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଏବଂ 'ଦେଶର ସମ୍ବିଧାନର ସୁରକ୍ଷା ଓ ଆମ ଦାୟିତ୍ୱ' ଉପରେ ଡାକ୍ତର ମନିଷା ଦାସ ପଟ୍ଟନାୟକ ଆଲୋଚନା କରିଥିଲେ। ଶେଷରେ ଶିବିରରେ ରାତ୍ରିଯାପନ କରୁଥିବା ଶିବିରାର୍ଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ■ ନାହାନ୍ତି କନିଷ୍ଠ ଯନ୍ତ୍ରୀ; ଉନ୍ନୟନ କାର୍ଯ୍ୟ ବ୍ୟାହତ

# ୭ ଦିନରେ ସମାଧାନ ନ ହେଲେ ଧାରଣାରେ ବସିବେ କାଉନସିଲର୍



ବିନିକା, ୧୬।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ କନିଷ୍ଠ ଯନ୍ତ୍ରୀ ନଥିବାରୁ ବର୍ଷେ ହେଲା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଛି। ଏନେଇ ସୋମବାର ଉପାଧ୍ୟକ୍ଷାଙ୍କ ସମେତ କାଉନସିଲରମାନେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନ୍‌ଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେରଙ୍କ ନେତୃତ୍ୱରେ ବୈରାଗୀ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ଗୋପାଳ କୃଷ୍ଣ ମହାଲିଂ, ଆଶାରାଣୀ ପଣ୍ଡା, ବୈଜନ୍ତୀ କଟୁଆଲ, ରେଣୁକା ବରାଇ, କଳ୍ପନା ଦୀପ, କୁନି ଚିର୍ଗୁନି ପ୍ରମୁଖ କାଉନସିଲର ବିନିକା ଏନ୍‌ଏସିରେ ପହଞ୍ଚି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏନ୍‌ଏସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡ଼ିଥିବାରୁ ନିର୍ମାଣ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଯାହାଦ୍ୱାରା ବିକାଶ କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ଆକ୍ରୋସର ଶିକାର ହେଉଥିବା କାଉନସିଲରମାନେ କହିଛନ୍ତି। ତୁରନ୍ତ ଖାଲିଥିବା କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ସହ ବିକାଶ କାର୍ଯ୍ୟର ଅଗ୍ରଗତି ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ସାତ ଦିନ ମଧ୍ୟରେ ଏଦିଗରେ ପଦକ୍ଷେପ ଗ୍ରହଣ କରା ନଗଲେ ଏନଏଏସିର ମୁଖ୍ୟ ଫାଟକରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି କାଉନସିଲରମାନେ ଚେତାବନୀ ଶୁଣାଇଛନ୍ତି।

## ଗ୍ରାମବାସୀଙ୍କ ଅଜାଣତରେ କମ୍ପାନୀକୁ ଜମି ହସ୍ତାନ୍ତର

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଶତାଧିକ ମହିଳା

**ଶଗଡ଼ା/ପଲଶାଗୋରା, ୧୬।୬(ସମିସ):**



ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ପରା ରାଜସ୍ୱ ସର୍କଲ ଅନ୍ତର୍ଗତ ଘୁଲୁଘୁଲାପଦର ମୌଜାରୁ ଗ୍ରାମବାସୀଙ୍କ ଅଜାଣତରେ ୫୯.୬୦ ଏକର ପତିତ କିସମ ଜମିକୁ ସରକାର ପରିଚାଳନା ନିର୍ଦ୍ଦେଶକ ଓଡ଼ିଶା ଶିଳ୍ପ ଭିତ୍ତି ଭୂମି ଉନ୍ନୟନ ନିଗମ ଭୁବନେଶ୍ୱରଙ୍କ ନାମରେ କରି ନିଆଯାଇଛି। ଘଟଣା ଜଣାପଡ଼ିବା ପରେ ସୋମବାର ଜିଲ୍ଲାପାଳଙ୍କ କଣ୍ଟାମାଳ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଗ୍ରାମର ଜମିକୁ ଆଉ କାହାରିକୁ ନଦେବା ପାଇଁ ଲିଖିତ ଭାବରେ ଜଣାଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁସାରେ ଘୁଲୁଘୁଲାପଦର ମୌଜାରୁ ପୂର୍ବରୁ ସରକାର ଉଦ୍ୟାନ ବିଭାଗକୁ ୫ଏକର, ବିଦ୍ୟୁତ୍ ବିଭାଗ, ମହିଳା ମହାବିଦ୍ୟାଳୟ ପଲଶାଗୋରାକୁ ଜମି ଦେଇଥିବା ବେଳେ ଆଉ ଯାହା ବଳକା ଥିଲା ସେତକ ବି ସରକାର ଶେଷରେ କମ୍ପାନୀ ହାତକୁ ଟେକି ଦେଇ ଗ୍ରାମବାସୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବିତ କରୁଥିବା ମହିଳାମାନେ ଅଭିଯୋଗ ଆଣିଛନ୍ତି। ମହିଳାଙ୍କ କହିବା ଅନୁସାରେ ଉକ୍ତ ଜମିରେ ଗ୍ରାମର ମହିଳା ମାନେ କେନ୍ଦୁପତ୍ର ତୋଳି, ଝାଡୁ ତିଆରି କଞ୍ଚାମାଲ ସଂଗ୍ରହ କରି ନିଜର ପରିବାର ପ୍ରତିପୋଷଣ କରିବା ସହ ଗ୍ରାମର ଦୁଇ ଶହରୁ ଅଧିକ ଗୋରୁ ଗାଇ ଚରିଥାନ୍ତି। ଉକ୍ତ ସ୍ଥାନରୁ ପାଣି ଆସି ପୋଖରୀରେ ବର୍ଷା ଦିନେ ଜମା ହୋଇ ଖରାଦିନ ପର୍ଯ୍ୟନ୍ତ ଜଳ ରହୁଥିବାରୁ ଗ୍ରାମବାସୀ ସ୍ନାନ ଶୌଚ ପାଇଁ ବ୍ୟବହାର କରିଥାନ୍ତି। ଏହି ସ୍ଥାନରେ ଗ୍ରାମର ଯୁବକମାନେ ଖେଳ ପଡ଼ିଆ କରିଥିଲେ। ଆମ ଗ୍ରାମରେ ଅନେକ ଭୂମିହୀନ ଥିବା ବେଳେ ସେମାନେ ମାଗଣା ୪ ଡେସିମିଲ ଘରଡ଼ିହ ପାଇଁ ଆବେଦନ କରିବାର ୧୫ ବର୍ଷ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ଘର ଡିହ ପ୍ରଦାନ ନ କରି କମ୍ପାନୀକୁ ଜମି ଦେବା କେତେ ଦୂର ସଠିକ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଉକ୍ତ ଜମିକୁ ତୁରନ୍ତ କମ୍ପାନୀକୁ ନଦେଇ ଉକ୍ତ ସ୍ଥାନରେ କୌଣସି ସୋଲାର କିମ୍ବା ଅନ୍ୟ କୌଣସି କାର୍ଯ୍ୟ ନକରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଯଦି ଏହାକୁ ବାତିଲ କରାଯାଇ ପୁନର୍ବାର ଗ୍ରାମବାସୀଙ୍କୁ ହସ୍ତାନ୍ତର କରାନଯାଏ ତେବେ ଗ୍ରାମବାସୀ ଜୀବନ ଦେବେ ପଛେ ନିଜର ଜମି ପାଇଁ ଜୋରଦାର ଆନ୍ଦୋଳନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି।

## ଲୁଲକିଡିହି ପଞ୍ଚାୟତରେ ବିକାଶ ବାହନ ମେଳା



ବାଲିଶଙ୍କରା, ୧୬।୬(ସମିସ): ନୂଆ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲିଶଙ୍କରା ବ୍ଲକ ଲୁଲକିଡିହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ମେଳା ଆୟୋଜିତ ହୋଇଛି। ଏହି ମେଳାରେ ତଲସରା ନିର୍ବାଚନମଣ୍ଡଳୀ ତଥା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ଭୋଇ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ହ୍ବିଲ ଚେୟାର, ରାସନ କାର୍ଡ, ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଆଦି ବଣ୍ଟନ କରିଥିଲେ। ଲୁଲକିଡିହି ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଦୀପକ ତିର୍କୀ ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ସରପଞ୍ଚ ଜୋସପା ତିର୍କୀ, ବିଜେପି ଲୁଲକିଡିହି ମଣ୍ଡଳ ଜସନ୍ତି ଏକ୍କା, ସମିତିସଭ୍ୟା ସିଆପତି ମୁଣ୍ଡା ପ୍ରମୁଖ ଯୋଗଦେଇ ଏକ ବର୍ଷରେ ନୂତନ ସରକାରଙ୍କ ବିକାଶ ବାହନ ଉପରେ ଗୁରୁତ୍ୱାରୋପ କରିଥିଲେ। ଲୁଲକିଡିହି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁଣ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ବିକାଶ ବାହନ ମେଳାରେ ବ୍ଲକର ସମସ୍ତ ଲାଇନ୍ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ସମାଜସେବୀ ଅରୁଣ କୁମାର ସାହୁ, ବିଜେପି ଲୁଲକିଡିହି ପଞ୍ଚାୟତ ସଭାପତି ତପନ ରାଏ, ବଳରାମ ଓହୋଦା, ମୁକେଶ ଗୁପ୍ତା, ନାଏବ ସରପଞ୍ଚ ବୀରେନ୍ଦ୍ର ମାଝୀ, ଲକ୍ଷ୍ମୀ ନାରାୟଣ ରାଏ, ବେନେଦିକ ରାଏ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିଲେ। ଜିପିଇଓ ପାସ୍କାଲ ଲାକଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଧାୟକଙ୍କ ବିରୋଧରେ ସଭାକୁ ନେଇ ଗ୍ରାମବାସୀଙ୍କ ପ୍ରତିବାଦ

# ରେଲୱେ ସାଇଡିଂ ବିରୋଧରେ ତୀବ୍ର ହେବ ଆନ୍ଦୋଳନ





ସୁନ୍ଦରଗଡ଼, ୧୬।୬(ସମିସ)

ଗତ ୧୧ ତାରିଖରେ ମା' ମାଣିକେଶ୍ୱରୀ ବିକାଶ ପରିଷଦ ବ୍ୟାନର୍‌ରେ ସୁନ୍ଦରଗଡ଼ ବିଧାୟକଙ୍କ ବିରୋଧରେ ଆୟୋଜିତ ସଭାକୁ ବରପାଲି ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏହା ବିରୋଧରେ ବରପାଲି ମିନି ଷ୍ଟାଡିୟମଠାରେ ସୋମବାର ପ୍ରତିବାଦ ସଭା କରାଯାଇଛି। ଏହି ପ୍ରତିବାଦ ସଭାରେ ମା' ମାଣିକେଶ୍ୱରୀ ବିକାଶ ପରିଷଦ ବ୍ୟାନର୍‌ରେ ହେମଗିରିରେ ଆୟୋଜିତ ସଭାରେ ବରପାଲି ଗ୍ରାମବାସୀଙ୍କୁ ସାମିଲ୍ ନ କରି ବାହାର ପଞ୍ଚାୟତ ଲୋକଙ୍କୁ ଆଣି ସଭା କରାଯାଇଥିଲା ବୋଲି ଅଭିଯାଗ କରାଯାଇଥିଲା। ବରପାଲି ବେଆଇନ ରେଲୱେ ସାଇଡିଂ ବିରୋଧରେ ଦୀର୍ଘ ୫ ମାସ ହେବ ଧାରଣାରେ ବସିଥିବା ସ୍ଥାନୀୟ ଗ୍ରାମବାସୀଙ୍କୁ ସହଯୋଗ କରୁଥିବା ବିଧାୟକ ଶ୍ରୀ ସିଂହଙ୍କ ବିରୋଧରେ ସଭା ଆୟୋଜନ କରି ବକ୍ତାମାନେ ବିଭିନ୍ନ ପ୍ରଶ୍ନ କରିବା ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ବେଆଇନ ରେଲୱେ ସାଇଡିଂ ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ପ୍ରତିବାଦ ସଭାରେ ବିଧାୟକ ଶ୍ରୀ ସିଂହଙ୍କ ସମେତ ହେମଗିରି ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି, ଜିଲ୍ଲା ପରିଷଦ ସଭ୍ୟା ମହିମା ସେଠ୍, ପ୍ରକାଶ ବହିଦାର, ସିପିଆଇ ନେତା ରାଜେନ୍ଦ୍ର ନାଏକ ଗଣ୍ଡ ସମାଜ ବ୍ଲକ ସଭାପତି ବୈଦେଶ୍ୱର ମାଝୀ, ବ୍ଲକ ଯୁବ ବିଜେଡି ସଭାପତି କଳାକାହ୍ନୁ ମେହେର, ସଚୀନ୍ଦ୍ର ମାଝୀ, ଭୂପେନ୍ଦ୍ର ନାଏକ, ସନ୍ତୋଷ ଭୈସାଲ, ମୁରଲୀ ପଞ୍ଚଭାୟା, ଘନ କୁଆ, ଚକ୍ରଧର ନାୟକ, ଅନାଦି ଭୈସାଲ, କିଶୋର ରାଏ, ସୁବର୍ଣ୍ଣ କାଲୋ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମା' ମାଣିକେଶ୍ୱରୀ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ବରପାଲି ରେଲୱେ ସାଇଡିଂକୁ ସମର୍ଥନ କରାଯାଇଥିବା ବିଧାୟକଙ୍କୁ ବିରୋଧ କରାଯାଇଥିବାବେଳେ ଏକ ଲିଫ୍‌ଲେଟ୍ ମଧ୍ୟ ଜାରି କରାଯାଇ ତାଙ୍କ ମନୋଭାବ ଉପରେ ପ୍ରଶ୍ନ କରା ଯାଇଥିଲା।

## ବାର୍ଷିକ ଖଣି ସୁରକ୍ଷା ସପ୍ତାହରେ ଏନ୍‌ଟିପିସି ଡୁଲଙ୍ଗା ପୁରସ୍କୃତ




ସୁନ୍ଦରଗଡ଼, ୧୬।୬(ସମିସ): ତାଳଚେର ଏମ୍‌ସିଏଲ୍ ଲିଙ୍ଗରାଜ ଏରିଆରେ ଗ୍ରୁପ୍ ଡି ଏମ୍‌ଡିଓ ମୋଡ୍‌ରେ ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ସପ୍ତାହରେ ଏନ୍‌ଟିପିସି ଡୁଲଙ୍ଗା ଭାଗ ନେଇ ବିଭିନ୍ନ ବର୍ଗରେ ପୁରସ୍କାର ଲାଭ କରିଛି। ଖୋଲାମୁହଁ ଖଣିରେ ସାମୂହିକ ବିଜେତା ହୋଇଥିବାବେଳେ ଖଣି ପରିଚାଳନା ଓ ଆଲୋକ ତଥା ଆଲୋକୀକରେ ମଧ୍ୟ ବିଜେତା ହୋଇଛି। ସେହିପରି ରାସ୍ତା ଏବଂ ବିଦ୍ୟୁତ୍ ସଂସ୍ଥାପନରେ ଉପ ବିଜେତା ତଥା ଶ୍ରେଷ୍ଠ ଷ୍ଟଲ୍ ଓ ବୈଷୟିକ ତାଲିମ କେନ୍ଦ୍ରରେ ତୃତୀୟ ପୁରସ୍କାର ଲାଭ କରିଛି। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରକଳ୍ପ ମୁଖ୍ୟ ବ୍ରିଜଲାଲ ପ୍ରସୂନ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା



ସୁନ୍ଦରଗଡ଼, ୧୬।୬(ସମିସ): ସୁନ୍ଦରଗଡ଼ ଲକ୍ଷେ ଘର ଉନ୍ନୟନ ଫୋରମ୍ ପକ୍ଷରୁ ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଲକ୍ଷେ ଘର ସମାଜର ଗରିବ ଓ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ବିକାଶ ଭବନରେ ଆୟୋଜିତ ସମାରୋହରେ ଅବସରପ୍ରାପ୍ତ ଓଏଫଏସ ଅଧିକାରୀ ବିଦ୍ୟା ଭୂଷଣ ଶାସନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୁଳ ବିଇଡି କଲେଜର ପ୍ରଫେସର ବନମାଳୀ ବାଗ, ବୈଜ୍ଞାନିକ ଏକାମ୍ର କରାଳି, ବୀରମିତ୍ରପୁର ମାଇନ୍ସର ପୂର୍ବତନ ନିର୍ଦ୍ଦେଶକ ମୁନା ତାଣ୍ଡି ଯୋଗ ଦେଇ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଲକ୍ଷେ ଘର ସମାଜର ଦଶମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ୧୩ ଜଣ ଓ ଦ୍ୱାଦଶ ଶ୍ରେଣୀର ୭ ଜଣ ଛାତ୍ର ଛାତ୍ରୀଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ବଣ୍ଟନ କରା ଯାଇଥିଲା।

ସେହିପରି ୧୦ ଶ୍ରେଣୀରେ ୯୬ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀ ପ୍ରଗତି ପ୍ରଣିତା ବୁଡା ଓ ୯୦.୮୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ର ଅର୍ପିତ କୁମାର ଗୋଖୁରା ଏବଂ ୱେଟ ଲିଫ୍ଟ ର କଲ୍ୟାଣୀ ସିଂ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ସଙ୍ଗଠନର ସଭାପତି ଚନ୍ଦ୍ରଭାନୁ ମହାନନ୍ଦିଆ ସଭା ପରିଚାଳନା କରିଥିବା ବେଳେ ଉପ ସଭାପତି ଭୋଜରାଜ ସିଂ, ଉପ ସଭାପତି ନନ୍ଦିତା ଜୟପୁରିଆ, ସାଧାରଣ ସମ୍ପାଦକ ଶିବ ପ୍ରସାଦ କୁମ୍ଭାର, ସହ ସମ୍ପାଦକ ଅଭିନ ସିଂ, ଝରଣା ତନ୍ତୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେସନ, ମଞ୍ଜୁଲତା ମଙ୍ଗର, ପୂର୍ବତନ ସମ୍ପାଦକ ବିପିନ ବିହାରୀ ମହାନନ୍ଦ ପ୍ରମୁଖ ସହାୟତା କରିଥିଲେ।

## କର୍କଟ ରୋଗ ପୀଡ଼ିତଙ୍କୁ ସହାୟତା



ସୁନ୍ଦରଗଡ଼, ୧୬।୬(ସମିସ): ସ୍ଥାନୀୟ ବିଜେଡି ନେତା ଜୟନାରାୟଣ ତ୍ରିପାଠୀଙ୍କ ଉଦ୍ୟମକ୍ରମେ ଅର୍ଥାଭାବରୁ ଘରେ ପଡ଼ିରହିଥିବା ଜଣେ କର୍କଟ ରୋଗୀଙ୍କ ଉଚ୍ଚତର ଚିକିତ୍ସା ପାଇଁ ପଠାଯାଇଛି। ସୁନ୍ଦରଗଡ଼ ପୌରାଞ୍ଚଳ ୧୩ ନମ୍ବର ୱାର୍ଡର ସ୍ୱର୍ଗତ ସୁରେନ୍ଦ୍ର ନାଥ ସ୍ୱାଇଁ ଓ ଶ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁଙ୍କ ବଡ଼ପୁଅ ରାଜେଶ କୁମାର ସ୍ୱାଇଁ ବର୍ଷକ ତଳୁ ମୁଖ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ରାଜେଶଙ୍କ ଚିକିତ୍ସାରେ ପରିବାର ସର୍ବସ୍ୱାନ୍ତ ହୋଇସାରିଛନ୍ତି। ଶେଷରେ ଆଉ ସମ୍ବଳ ନ ଥିବାରୁ ଚିକିତ୍ସା ବିନା ଘରେ ପକାଇ ରଖିଛନ୍ତି। ତାଙ୍କ ପଡ଼ାର ଦୀପକ ଉର୍ମା ଏ ନେଇ ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କୁ ଜଣାଇବା ପରେ ସେ ସହଯୋଗର ହାତ ବଢ଼ାଇଛନ୍ତି। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ସହିତ ସେ ଜିଲ୍ଲା ରେଡ୍‌କ୍ରସ୍‌ଠାରୁ କିଛି ଆର୍ଥିକ ସହାୟତାର ବ୍ୟବସ୍ଥା କରିଛନ୍ତି। ସେହିପରି ଟ୍ରାନ୍ସପୋର୍ଟର ସଞ୍ଜୟ ନନ୍ଦ ଏବଂ ରିତେଶ କୁମାର ପଟେଲଙ୍କ ଠାରୁ ମଧ୍ୟ କିଛି ସହଯୋଗ ରାଶିର ବ୍ୟବସ୍ଥା କରିବା ପରେ ଆଜି ରାଜେଶଙ୍କ ଉଚ୍ଚତର ଚିକିତ୍ସା ପାଇଁ ତାଙ୍କ ମା'ଙ୍କ ସହିତ ଏକ ସରକାରୀ ଆମ୍ବୁଲାନ୍ସରେ କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲକୁ ପଠାଇଛନ୍ତି। ଏହି ଅବସରରେ ବିଧାୟକ ପ୍ରତିନିଧି ଶ୍ରୀ ତ୍ରିପାଠୀ ଏବଂ ପୂର୍ବତନ ନଗରପାଳ ଶ୍ରୀ ତାଣ୍ଡିଆଙ୍କ ସମେତ ଦୀପକ ଉର୍ମା, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ବୀରେନ୍ଦ୍ର କଲସେର, ଦେବାଶିଷ ସରାଫ, ହେମନ୍ତ ମହାନନ୍ଦିଆ, ସଞ୍ଜୟ ମିଶ୍ର, ମନୋଜ ନାଏକ, ପିଣ୍ଟୁ ସେଠ, ତାପସ ସିଂ ପ୍ରମୁଖ ତାଙ୍କ ଆରୋଗ୍ୟ କମନା କରିଥିଲେ।

## ଟ୍ରାନ୍ସଫର୍ମର ପୋଡ଼ି, ଅନ୍ଧାରରେ ଲେଲେପଡ଼ା

ସୁନ୍ଦରଗଡ଼, ୧୬।୬(ସମିସ) : ଗତ ମାସ ୨୮ ତାରିଖରୁ ବଡ଼ଗାଁ ବ୍ଲକ ପାଣ୍ଡେରପାଲି ଲେଲେପଡ଼ା ଗ୍ରାମର ଟ୍ରାନ୍ସଫର୍ମର ପୋଡି ଯାଇଥିଲେ ହେଁ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଅନ୍ଧାରରେ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଟ୍ରାନ୍ସଫର୍ମର ପୋଡି ପରେ ସ୍ଥାନୀୟ ଗ୍ରାମବାସୀ ମାନେ ଗତ ୧୦ ତାରିଖ ରେ ବଡ଼ଗାଁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ କୁ ଆସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନୂତନ ଟ୍ରାନସଫରମର ଲଗାଇବାକୁ ଦାବି କରିଥିଲେ। ତେବେ ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଇନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।



## ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ସୁନ୍ଦରଗଡ଼, ୧୬।୬(ସମିସ): ରଜ ପର୍ବ ଉପଲକ୍ଷେ ବଡ଼ଗାଁ ବ୍ଲକର ପାମରା ଠାରେ ଦୁଇ ଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗୀତାରେ ବ୍ଲକର ୮ଟି କ୍ରିକେଟ୍ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଏକମା ଦଳ ଓ ପାମରା ଏକାଦଶ ମଧ୍ୟରେ ହୋଇଥିଲା ଏଥିରେ ଏକମା ଦଳ ଚାମ୍ପିଅନ ହୋଇ ଥିଲା। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଗ୍ରାମବାସୀ ରାମ ବାଡ଼ା ଓ ଦିଲ୍ଲୀପ କମାର ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଚମ୍ପିୟାନ ଦଳକୁ ୫ ହଜାର ଓ ଟ୍ରଫି ଉପ ବିଜେତା ଦଳକୁ ୩ ହଜାର ଓ ଟ୍ରଫି ପ୍ରଦାନ କରାଯାଇଛି। ବିଶ୍ୱଜିତ ବାରିକ ବେଷ୍ଟ ବୋଲର, ଦିଲିପ କିଷାନ ବେଷ୍ଟ ଫିଲଡର, ବିକାଶ ଖିଲାରୀ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହେଇଛନ୍ତି। ରିଙ୍କୁ କାଲୋ ଓ ଜଗନ୍ନାଥ ମହାକୁଡ଼ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

### ନିମ୍ନମାନର ରାସ୍ତା ଅଭିଯୋଗ

# ମାସେ ନଯାଉଣୁ ରାସ୍ତାରୁ ଉଠିଗଲା ପିଚୁ

ବାଲିଶଙ୍କରା, ୧୬।୬(ସମିସ)

ସରକାର ଗମନାଗମନ ସୁଗମ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚକରୁଥିବାବେଳେ ଅନେକ ସ୍ଥାନରେ ନିମ୍ନମାନର କାମ ଯୋଗୁଁ ରାସ୍ତା ଅବସ୍ଥା ଖୁବ୍ କମ୍ ଦିନରେ ଯଥା ପୂର୍ବଂ ତଥା ପରଂ ହୋଇଯାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ସମସ୍ୟାରେ ପଡ଼ିବା ସହ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟର ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ଲୁଲକିଡିହି ପଞ୍ଚାୟତର ନୂଆପଡ଼ାରେ ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି। ରାଞ୍ଚି ଛକ ଠାରୁ ସିମଡେଗା ଝାଡ଼ଖଣ୍ଡ ରାଜ୍ୟକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତା ଅତି ନିମ୍ନମାନର କାର୍ଯ୍ୟ କାରଣରୁ ନିର୍ମାଣର ମାସେ ନଯାଉଣୁ ରାସ୍ତାରୁ ପିଚୁ ଉଠିଗଲାଣି। ଏହି ଅଞ୍ଚଳରେ ୮୦ ପ୍ରତିଶତ ଲୋକେ ଆଦିବାସୀ ସମ୍ପ୍ରଦାୟର ହୋଇଥିବାବେଳେ ଏହାର ସୁଯୋଗ ନେଇ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ଠିକାଦାର ମନମୁଖୀ ଭାବେ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଯାହା ଫଳରେ ଅଳ୍ପ ଦିନରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡୁଛି ବୋଲି ପୂର୍ବତନ ଭାରତୀୟ ହକି ଅଧିନାୟକ ପ୍ରବୋଧ ତିର୍କୀ ପ୍ରକାଶ କରିଛନ୍ତି। ଆର୍‌ଡି ବିଭାଗ ପକ୍ଷରୁ ଏହି ରାସ୍ତା କାର୍ଯ୍ୟ ହୋଇଥିବାବେଳେ ଏ ସମ୍ପର୍କିତ ବିଷୟ ନେଇ ଜେଇ ମଧୁସୂଦନ ସୋରେନଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ନିମ୍ନମାନର ରାସ୍ତା କାର୍ଯ୍ୟ କରିଥିବା ଠିକାଦାର ଓ ଜେଇଙ୍କ ବିରୋଧରେ ଜିଲ୍ଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲୁଲକିଡିହି ନୂଆପଡ଼ାବାସୀ ଦାବି କରିଛନ୍ତି।



### ସ୍ଥାନୀୟ ଲୋକେ ଯାହା କୁହନ୍ତି...



ଏହି ରାସ୍ତା କାମ ଆରମ୍ଭରୁ କେବେ ବି ଜେଇ କିମ୍ବା ଉପରିସ୍ଥ ଅଧିକାରୀ ତଦାରଖ କରିବା ପାଇଁ ଆସିନାହାନ୍ତି। ଠିକାଦାର ମନଇଚ୍ଛା କାର୍ଯ୍ୟ କରି ଚାଲିଗଲା। ଫଳରେ ଅଞ୍ଚଳବାସୀ ଏବେ ରାସ୍ତା ସମସ୍ୟା ଯୋଗୁଁ ହଇରାଣ ହେଉଛୁ।

**ଜେରମ କୁଜୁର**



ଆମ୍ଭେମାନେ ବ୍ଲକର ସୀମାନ୍ତ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟର ସୀମାରେ ଅଛୁ ବୋଲି ଆମର କଥାକୁ କେହି ଶୁଣୁନାହାନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଠିକାଦାର ଶୁଣିନଥିଲେ। ଅତି ଦୁଃଖର କଥା ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଥିବାରୁ କାମ ଅତି ନିମ୍ନମାନର ହୋଇଛି।

**ରିଜିନ ଏକ୍କା**



ଏହି ରାସ୍ତା ପ୍ରତି କାହାର ଧ୍ୟାନ ନାହିଁ। ଉଚିତମାନର ରାସ୍ତା ନିର୍ମାଣ ପାଇଁ ଗୁହାରି କଲେ ମଧ୍ୟ କେହି ଶୁଣିଲେନି। ପ୍ରବୋଧ ତିର୍କୀ ମଧ୍ୟ ବାରମ୍ବାର ଫୋନ୍ କରିଥିଲେ। କିନ୍ତୁ କେହି ଶୁଣିନଥିଲେ।

**ରାମେଶ୍ୱରାୟ କୁଜୁର**

## ଦୁଇଦିନ ହେଲା ଅନ୍ଧାରରେ ଟୁଙ୍ଗରିପଡ଼ାବାସୀ

ସୁନ୍ଦରଗଡ଼, ୧୬।୬(ସମିସ): ଗତକାଲି କାଳ ବୈଶାଖୀ ଯୋଗୁଁ ବଡ଼ଗାଁ ବ୍ଲକ ଅନ୍ତର୍ଗତ ଗଡ଼ଗଡ଼ବାହାଲ ଟୁଙ୍ଗୁରିପଡ଼ାରେ ବିଦ୍ୟୁତ୍ ତାର ଛିଣ୍ଡିଯାଇଛି। ଫଳରେ ଦୁଇଦିନ ହେଲା ଏହି ଅଞ୍ଚଳର ଲୋକେ ଅନ୍ଧାରରେ ରହିଛନ୍ତି। କବନରେ ଗଛ ପଡ଼ି ଯାଇଥିବାରୁ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ଗ୍ରାମବାସୀ ବିଦ୍ୟୁତ୍ ଗ୍ରାହକ କେନ୍ଦ୍ର, ସ୍ଥାନୀୟ ସରପଞ୍ଚ ଏବଂ ଲାଇନ୍‌ମ୍ୟାନଙ୍କୁ ଜଣାଇ ଥିଲେ ବି କୌଣସି ସୁଫଳ ମିଳିନାହିଁ। ଫଳରେ ଏହି ପଡ଼ାର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିନା ଜଳ ଯୋଗାଣ ହୋଇ ପାରୁ ନଥିବାରୁ ଘୋର ଅସୁବିଧା ଭୋଗୁଛନ୍ତି। ରାତିରେ ଘନ ଅନ୍ଧାର ଯୋଗୁଁ ହିଂସ୍ର ବନ୍ୟ ଜନ୍ତୁ, ସାପ ଆଦି ବିଷାକ୍ତ ସରିସୃପଙ୍କ ଭୟ ଘାରିଛି। ତେଣୁ ବିଦ୍ୟୁତ୍ ତୁରନ୍ତ ସଜାଡ଼ିବାକୁ ଦାବି ହେଉଛି।

## ଶ୍ରମିକମାନେ ରାଷ୍ଟ୍ର ନିର୍ମାଣର ମୂଳପିଣ୍ଡ

### ● ଶ୍ରମିକଙ୍କ ସମସ୍ୟା ଓ ମୌଳିକ କର୍ତ୍ତବ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୧୬।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷା ଦୁର୍ନୀତି ନିବାରଣ ତଥା ଅତିରିକ୍ତ ଜିଲ୍ଲା ଜଜ୍ ସସ୍ମିତା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ପକ୍ଷରୁ ଭଷ୍ମା ଗ୍ରାମ ପଞ୍ଚାୟତଠାରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଓ ମୌଳିକ କର୍ତ୍ତବ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣର ସଚିବ ଡକ୍ଟର ରୀନତି ମିଶ୍ର ଯୋଗ ଦେଇ ଶ୍ରମିକମାନେ ରାଷ୍ଟ୍ର ନିର୍ମାଣର ମୂଳପିଣ୍ଡ। ସେମାନଙ୍କର ସହଯୋଗ ବିନା କୌଣସି ସ୍ଥାୟୀ ଅସ୍ଥାୟୀ ନିର୍ମାଣ ଅସମ୍ଭବ।




ଶ୍ରମିକମାନଙ୍କୁ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଯୋଗାଇ ଦେବା ଏବଂ ରାଷ୍ଟ୍ରରୁ ଗରିବୀ ହଟାଇବାରେ ସାମର୍ଥ୍ୟ ଅନୁସାରେ ଯଥୋଚିତ ସହଯୋଗ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏଥିସହ ଆମ ସମ୍ବିଧାନରେ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟ ଉପରେ ବିଷଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି କାଦମ୍ବିନୀ ସାମଲ, ନ୍ୟାୟ ରକ୍ଷକ କମଳ ସେନ, ଅନିଶା ପୃଷ୍ଟି, ଅଧିକାର ମିତ୍ର ଯଶୋଦା ବାଗୁଆର, ଶିବ ଲାଲ୍ ବାଗୁଆର, ଜୟଦେବ ଗର୍ଡ଼ିଆ, ଭଷ୍ମା ନାଏବ ସରପଞ୍ଚ କ୍ରିଷ୍ଣା ନାଏକ ପ୍ରମୁଖ ଆଲୋଚନା କରିଥିଲେ। ଜାତୀୟ ଆଇନ୍ ସେବା ପ୍ରାଧିକରଣଙ୍କ ପ୍ରଦତ୍ତ ୧୫୧୦୦ ଟୋଲ୍ ଫ୍ରି ନମ୍ବର ତଥା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ଶେଷରେ ନାଲସାର ଥିମ୍ ସଙ୍ଗୀତ ଗାନ କରାଯାଇଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଯୁକ୍ତା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ବିମାନ ଅଘଟଣ; ବର୍ତ୍ତିଲେ ୨୫୦ ଯାତ୍ରୀ

## ଅବତରଣ ସମୟରେ ବାହାରିଲା ନିଆଁ



ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନବନ୍ଦରରେ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି। ୨୫୦ ହଜ୍ ଯାତ୍ରୀଙ୍କ ଜୀବନ ବର୍ତ୍ତି ଯାଇଛି। ଅବତରଣ ସମୟରେ ସାଉଦି ଆରବିୟା ଏୟାରଲାଇନ୍ସର ବିମାନ ଏସ୍‌ଭି-୩୧୧୨ର ଚକରୁ ନିଆଁ ଏବଂ ଧୂଆଁ ବାହାରିଛି। ଏହା ଜାଣିବା ପରେ ପାଇଲଟ ବିମାନକୁ ତୁରନ୍ତ ଅଟକାଇ ଦେଇଛନ୍ତି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ସୂଚନା ଦେଇଛନ୍ତି। ପରେ ଦମକଳ ଟିମ୍ ପହଞ୍ଚି ଫୋମ୍ ଏବଂ ପାଣି ପକାଇ ଥିଲା। ପ୍ରାୟ ୨୦ ମିନିଟ ପରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଥିଲା। ରବିବାର ସକାଳ ୬ଟା୩୦ରେ ଏହି ଘଟଣା ଘଟିଥିଲା। ମାତ୍ର ଏହାର ଭିଡିଓ ଆଜି ସାମ୍ନାକୁ ଆସିଛି। ଏହି ବିମାନରେ ୨୪୨ ହଜ୍ ଯାତ୍ରୀ ବସିଥିଲେ। ବିମାନଟି ଶନିବାର ରାତି ୧୧ଟା୩୦ରେ ଜେଦା ବିମାନବନ୍ଦରରୁ ହଜ୍ ଯାତ୍ରୀଙ୍କୁ ଧରି ଭାରତ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥଇଲା। ଏହା ରବିବାର ସକାଳେ ଲକ୍ଷ୍ନୌରେ ପହଞ୍ଚି ଥିଲା। ରନ୍‌ୱେରେ ଅବତରଣ କରି ବିମାନ ଟ୍ୟାକ୍ସି-ୱେକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଏହି ସମୟରେ ସବୁ ଯାତ୍ରୀ ବିମାନ ଭିତରେ ଥିଲେ। ପରେ ବିମାନକୁ ଟ୍ୟାକ୍ସି-ୱେକୁ ନିଆଯାଇଥିଲା। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଇଞ୍ଜିନିୟରିଂ ଟିମ୍ ବିମାନର ତ୍ରୁଟି ସୁଧାରିବାକୁ ଯାଞ୍ଚ କରୁଛନ୍ତି, କିନ୍ତୁ ସୋମବାର ଦ୍ୱିପହର ସୁଦ୍ଧା ଏହାକୁ ଠିକ୍ କରାଯାଇପାରି ନାହିଁ। କାରଣ ବିମାନର ବାମ ଚକ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି।

## ଏୟାର ଇଣ୍ଡିଆର ପିଛା ଛାଡୁନି ଯାନ୍ତ୍ରିକ ତ୍ରୁଟି




■ ହଂକଂ ଫେରିଲା ବିମାନ

■ ରବିବାର ଫେରିଥିଲା ଦୁଇଟି ବିମାନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁ ନାହିଁ। ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (ଏଆଇ-୩୧୫) ସୋମବାର ଅଧାବାଟରୁ ଫେରି ଯାଇଛି। ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡିଛି। ଏହି ବିମାନଟି ମଧ ବୋଇଂ ୭୮୭-୮ ଡ୍ରିମଲାଇନର ଥିଲା। ଏହା ପୂର୍ବରୁ ରବିବାର ମଧ ସମାନ ଘଟଣା ଘଟିଥିଲା। ବୋଇଂର ଦୁଇଟି ଡ୍ରିମଲାଇନର ବିମାନ ଅଧାରାସ୍ତାରୁ ଫେରି ଯାଇଥିଲା। ଏହା ମଧ୍ୟରୁ ଗୋଟିଏ ଲଣ୍ଡନରୁ ଚେନ୍ନାଇ ଏବଂ ଅନ୍ୟଟି ଜର୍ମାନୀର ଫ୍ରାଙ୍କଫ୍ରଟରୁ ହାଇଦରାବାଦ ଆସୁଥିଲା। ଉଭୟେ ସୋମବାର ଅବତରଣ କରିଥାନ୍ତେ।

ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜର ବୋଇଂ ୭୮୭-୮ ଡ୍ରିମଲାଇନରକୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫେରିବାକୁ ପଡିଥିଲା। ଲୁଫ୍ଥହଂସା ଏୟାରଲାଇନ୍ସ (ଜର୍ମାନୀ)ର ବୋଇଂ ୭୮୭-୯ ଡ୍ରିମଲାଇନରକୁ ବୋମା ଧମକ ମିଳିଥିଲା। ଏହି କାରଣରୁ ବିମାନକୁ ଅବତରଣ କରିବାକୁ ଅନୁମତି ଦିଆଯାଇ ନ ଥିଲା ଏବଂ ଫେରିବାକୁ ପଡିଲା। ଗତ ୧୨ ତାରିଖରେ ଅହମଦାବାଦରୁ ଉଡ଼ାଣ କରିବାର ଦୁଇ ମିନିଟ୍ ମଧ୍ୟରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଯାତ୍ରା କରୁଥିବା ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଜଣେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ ଲଣ୍ଡନରୁ ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜ୍ ବିମାନ ବିଏ-୩୫ ଡ୍ରିମଲାଇନର୍ ୭୮୭-୮ ଯାନ୍ତ୍ରିକ ତ୍ରୁଟି (ଫ୍ଲାପ୍ ବିଫଳତା) ଯୋଗୁଁ ଡୋଭର ଚାରିପାଖରେ ବୁଲି ପରେ ହିଥ୍ରୋକୁ ଫେରି ଯାଇଥିଲା। ତେବେ ଏହାର ଉଡ଼ାଣ ସମୟ,କେତେ ଯାତ୍ରୀ ଏବଂ କର୍ମଚାରୀଙ୍କ ଥିଲେ, କେତେ ସମୟ ପର୍ଯ୍ୟନ୍ତ ବିମାନ ଆକାଶରେ ଘୂରି ବୁଲିଥିଲା ତାହା କମ୍ପାନୀ ପକ୍ଷରୁ କୁହାଯାଇ ନାହିଁ। ଲାଇଭ୍ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଅନୁଯାୟୀ ଏହି ବିମାନ ରବିବାର ୧୨ଟା୪୦ ରେ ଉଡ଼ାଣ କରି ଭୋର ୩ଟା୩୦ ରେ ଚେନ୍ନାଇରେ ପହଞ୍ଚିବାର ଥିଲା। ବିମାନଟି ଅପରାହ୍ନ ୧ଟା ୧୬ରେ ଉଡ଼ାଣ ଆରମ୍ଭ କରିଥିଲା। ବିମାନବନ୍ଦରକୁ ଫେରିବା ପୂର୍ବରୁ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଘୂରି ବୁଲିଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଇପ୍ରସ ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲିଡେସ ଦେଶର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡର ଅଫ ମକାରିୟୋସ ୩' ପ୍ରଦାନ କରୁଛନ୍ତି।

## ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୮ ମୃତ



ତେଲ ଆଭିଭ, ୧୬।୬ (ଏଜେନ୍ସି): ଇରାନ ସହ ସଂଘର୍ଷ ମଧ୍ୟରେ ଇସ୍ରାଏଲ ପୁଣି ଗାଜାରେ ଆକ୍ରମଣ କରିଛି। ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ନିଶାଣ କରି ଇସ୍ରାଏଲ ସେନା ସୋମବାର ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଅତିକମରେ ୩୮ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହଯାଇଛି। ମାନବିକ ସହାୟତା କେନ୍ଦ୍ରକୁ ନିଶାଣ କରି ହୋଇଥିବା ଏହା ସବୁଠୁ ଭୟଙ୍କର ଆକ୍ରମଣ ଥିଲା। ବଣ୍ଟନ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଇସ୍ରାଏଲ ଏଭଳି ହୀନ କାର୍ଯ୍ୟ କରିଥିଲା। ସଂଘର୍ଷ ଯୋଗୁଁ ଘର ହରାଇଥିବା ହଜାର ହଜାର ପାଲେଷ୍ଟିନୀୟ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏମାନେ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଖାଦ୍ୟ ଆଣିବା ଲାଗି ଇସ୍ରାଏଲ ନିୟନ୍ତ୍ରଣାଧୀନ ରିଲିଫ କେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ଲୋକଙ୍କୁ ଘଉଡାଇବା ପାଇଁ ଇସ୍ରାଏଲ ସେନା ଗୁଳିମାଡ଼ କରିଥିଲା।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର



ଅହମଦାବାଦ, ୧୬।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଲିସ ସୁରକ୍ଷା ମଧ୍ୟରେ ରୁପାଣୀଙ୍କ ପାର୍ଥିବ ଶରୀରକୁ ରାଜକୋଟ ସ୍ଥିତ ଘର ପ୍ରକାଶ ସୋସାଇଟିକୁ ନିଆଯାଇଥିଲା। ଏଠାରେ ଅନ୍ତିମ ଦର୍ଶନ ପାଇଁ ମୃତଦେହକୁ ରଖାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଗୁଜରାଟ ରାଜ୍ୟପାଳ ଦେବବ୍ରତ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ରମନ୍ତ୍ରୀ ସିଆର ପଟେଲ ସମେତ ଅନେକ ନେତା ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ରାମନାଥ ପରା ଶ୍ମଶାନ ଘାଟକୁ ନିଆଯାଇଥିଲା। ଏହି ଶେଷ ଯାତ୍ରା ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ବର୍ଷକୁ ଶହେ ପରମାଣୁ ଅସ୍ତ୍ର ନିର୍ମାଣ କରୁଛି ଚୀନ୍

ବେଜିଂ, ୧୬।୬ (ଏଜେନ୍ସି): ବିଶ୍ୱରେ ପରମାଣୁ ଅସ୍ତ୍ରଶସ୍ତ୍ରକୁ ନେଇ ପ୍ରତିଯୋଗିତା ଲାଗି ରହିଛି। ପରମାଣୁ ଶକ୍ତି ସମ୍ପନ୍ନ ୯ ରାଷ୍ଟ୍ର କ୍ରମାଗତ ଭାବେ ନିଜ ଆଣବିକ ଶକ୍ତି ବୃଦ୍ଧି କରି ଚାଲିଛନ୍ତି। ଏହି କ୍ଷେତ୍ରରେ ଚୀନ୍ ସବୁଠୁ ଆଗରେ ରହିଛି। ଏହି ଦେଶ ବର୍ଷକୁ ହାରହାରି ଶହେ ନୂଆ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଏହା ସହିତ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟା ୬୦୦ରେ ପହଞ୍ଚି ଯାଇଛି। ସ୍ୱିଡେନ ସ୍ଥିତ ଥିଙ୍କଟାଙ୍କ ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିପ୍ରି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ବ୍ୟତୀତ ଆମେରିକା, ରୁଷ, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ଭଳି ଦେଶ ମଧ୍ୟ ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆଧୁନିକୀକରଣ କରୁଛନ୍ତି।

ଭାରତ ପାଖରେ ଏବେ ୧୮୦ ପରମାଣୁ ଅସ୍ତ୍ରଶସ୍ତ୍ର ଅଛି। ୨୦୨୩ରେ ଏହି ସଂଖ୍ୟା ୧୭୨ ଥିଲା। ଅର୍ଥାତ ଭାରତ ନିଜ କ୍ଷମତାକୁ ମଧ୍ୟ ସାମାନ୍ୟ ବୃଦ୍ଧି କରିଛି। ସିପ୍ରି ଅନୁଯାୟୀ ଭାରତ ଏବେ କ୍ୟାନିଷ୍ଟରାଇଜଡ୍ ମିସାଇଲ୍ ପ୍ରଯୁକ୍ତିବିଦ୍ୟା ବିକଶିତ କରୁଛି। ଏହା ସାହାଯ୍ୟରେ ଯୁଦ୍ଧ ପରିସ୍ଥିତି ପୂର୍ବରୁ ମଧ୍ୟ କ୍ଷେପଣାସ୍ତ୍ର ନିୟୋଜିତ କରାଯାଇପାରିବ।

# ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଇଥିଲା କିଏ?



■ ପ୍ରଶ୍ନ ଉଠାଇଲା ଏଫ୍ଏଟିଏଫ

■ ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ପହଲଗାମ ଆକ୍ରମଣକୁ ନେଇ ବଡ଼ ଟିପ୍ପଣୀ ଦେଇଛି। ଏପ୍ରିଲ ୨୨ରେ ହୋଇଥିବା ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଆତଙ୍କବାଦକୁ ଦମନ କରିବା ପାଇଁ ଦେଶଗୁଡିକ କି ପଦକ୍ଷେପ ନେଉଛନ୍ତି ତାହାର ଯାଞ୍ଚକୁ ଆହୁରି ଜୋରଦାର କରାଯିବ ବୋଲି ଏଫ୍ଏଟିଏଫ୍ ଘୋଷଣା କରିଛି। ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ସମର୍ଥନ ବିନା ପହଲଗାମ ଭଳି ଆକ୍ରମଣ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଣ ମଧ କରାଯାଇଛି। ଆତଙ୍କବାଦୀ ଲୋକଙ୍କୁ ମାରୁଛନ୍ତି ଏବଂ ଆହତ କରୁଛନ୍ତି। ଏହା ମାଧ୍ୟମରେ ସାରା ବିଶ୍ୱରେ ଭୟ ସୃଷ୍ଟି କରୁଛନ୍ତି। ପହଲଗାମ ଏବଂ ଅନ୍ୟ ଆତଙ୍କବାଦୀ ଆକ୍ରମଣ ପାଣ୍ଠି ଯୋଗାଣ ବିନା ହୋଇପାରିବ ନାହିଁ। ଏଭଳି ଆକ୍ରମଣ ବନ୍ଧୁକ ଏବଂ ବାରୁଦରେ ହୁଏ ନାହିଁ। ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି। ଆତଙ୍କବାଦୀଙ୍କ ସହାୟକମାନେ ଏଥିପାଇଁ ପାଣ୍ଠି ଦେଇଛନ୍ତି। ପହଲଗାମ ଆକ୍ରମଣର ୫୫ ଦିନ ପରେ ଏଫଏଟିଏଫ୍ ପକ୍ଷରୁ ଏହି ବିବୃତ୍ତି ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଛି ଏବଂ ବାହାରୁ ପାଣ୍ଠି ଆଣି ସେହି ଅର୍ଥରେ ଅସ୍ତ୍ରଶସ୍ତ୍ର କିଣି ଆତଙ୍କବାଦୀଙ୍କୁ ଯୋଗାଉ ଥିବା ନେଇ ଭାରତ ଅଭିଯୋଗ କରିବା ସମୟରେ ଏଫଏଟିଏଫ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି।

ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ପୁଣିଥରେ ଏଫଏଟିଏଫର ଧୂସର ତାଲିକାରେ ସାମିଲ କରାଯାଇପାରେ। ପହଲଗାମ ଆକ୍ରମଣରେ ଜଣେ ନେପାଳୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ଏଫଏଟିଏଉପ ଏସିଆ-ପାସିଫିକ୍ ଗ୍ରୁପ୍ (ଏପିଜି) ବୈଠକ ଅଗଷ୍ଟ ୨୫ ତାରିଖରେ ହେବାକୁ ଯାଉଛି। ଏହା ପରେ ଅକ୍ଟୋବର ୨୦ରେ କାର୍ଯ୍ୟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଏକ ଡୋଜିଅର୍ ପ୍ରସ୍ତୁତ କରୁଛି। ଏଥିରେ ପାକିସ୍ତାନ କିପରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ଏବଂ ମନି ଲଣ୍ଡରିଂ କରି ଏଫଏଟିଏଫ ନିୟମ ଉଲ୍ଲଙ୍ଘନ କରୁଛି ତାହାର ପ୍ରମାଣ ଦିଆଯିବ। ୨୦୧୮ରେ ପାକିସ୍ତାନକୁ ଏଫଏଟିଏଫର ଧୂସର ତାଲିକାରେ ରଖାଯାଇଥିଲା। ଏହା ପରେ ପାକିସ୍ତାନ ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଣ୍ଠି ଯୋଗାଣ ରୋକିବା ପାଇଁ ଏକ କାର୍ଯ୍ୟ ଯୋଜନା ଦେଇଥିଲା। ୨୦୨୨ ମସିହାରେ ପାକିସ୍ତାନକୁ ଏହି ତାଲିକାରୁ ବାହାର କରି ଦିଆଯାଇଥିଲା। ସୂତ୍ର ଅନୁସାରେ ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ନିୟମ ପାଳନ ବିଫଳ ହୋଇଥିବା ପାକିସ୍ତାନକୁ ପୁଣିଥରେ ଧୂସର ତାଲିକାରେ ସାମିଲ କରିବା ପାଇଁ ଭାରତ ଦାବି ଉପସ୍ଥାପନ କରିବ।

## ମଡେଲଙ୍କୁ ତଣ୍ଟିକାଟି ହତ୍ୟା; ପ୍ରେମିକ ଗିରଫ



ଚଣ୍ଡିଗଡ଼, ୧୬।୬ (ଏଜେନ୍ସି): ହରିୟାଣା ସୋନିପଥର ଖରଖୌଦା ଅନ୍ତର୍ଗତ ରିଲାଏନ୍ସ କେନାଲରୁ ସୋମବାର ଜଣେ ମଡେଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ତଣ୍ଟି କଟା ଯାଇ କେନାଲକୁ ଫୋପାଡ଼ି ଦିଆଯାଇଛି। ଏହାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଛି। ହାତ ଏବଂ ଛାତିରେ ଥିବା ଟାଟୁରୁ ତାଙ୍କୁ ଚିହ୍ନଟ କରାଯାଇଛି। ସେ ଲୋକପ୍ରିୟ ମଡେଲ ଶୀତଲ ଓରଫ ସିମି ଚୌଧୁରୀ ବୋଲି ଜଣାପଡ଼ିଛି। ସେ ଦୁଇ ଦିନ ତଳେ ପାନିପଥ ସ୍ଥିତ ଘରୁ ଆଲ୍‌ବମ୍ ସୁଟିଂ ପାଇଁ ଯାଇ ଆଉ ଫେରି ନ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ତାଙ୍କ ପ୍ରେମିକ ସୁନୀଲକୁ ଗିରଫ କିରିଛି। ଆଉ କିଛି ରିପୋର୍ଟରେ ସୁନୀଲଙ୍କୁ ସିମି ବାହା ହୋଇ ସାରିଥିଲେ ବୋଲି କୁହାଯାଇଛି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି ଯେ ସେ ଗତ ୧୪ ତାରିଖରେ ତାଙ୍କୁ ଭିଡିଓ କଲ୍ କରିଥିଲେ। ପ୍ରେମିକ ମାଡ଼ ମାରୁଥିବା କହିଥିଲେ। ସୁନୀଲ ତାଙ୍କୁ ଜୋର ଜବରଦସ୍ତି ନେଇଯିବାକୁ ପ୍ରୟାସ କରୁଛି। ଏହା ପରେ କଲ୍ କଟି ଯାଇଥିଲା। ଏବେ ତାଙ୍କ ମୃତଦେହ ମିଳିଛି। ଏହା ପୂର୍ବରୁ ପାନିପଥର ଦିଲ୍ଲୀ ପାରାଲାଲ କେନାଲ ନିକଟରେ ସୁନୀଲଙ୍କ କାର୍ ଥିବା ଦେଖିବାକୁ ମିଳିଥିଲା। ତେବେ ଶୀତଲ ସେହି କାର୍‌ରେ ନ ଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୁଲିସ ସୁନୀଲକୁ ଗିରଫ କରିଛି। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଶୀତଲ ତାଙ୍କ ଭଉଣୀ ନେହାଙ୍କ ସହ ପାନିପତରେ ରହୁଥିଲେ। ଗତ ୧୪ରେ ଆଲବମ୍ ସୁଟିଂ ପାଇଁ ନିଜ ଟିମ୍ ସହ ଅହର ଗାଁକୁ ଯାଇଥିଲେ। ଭିଡିଓ କଲ୍ କଟିଯିବା ପରେ ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଏହା ପରେ ଆଉ ତାଙ୍କ ସହ କୌଣସି ପ୍ରକାରର ଯୋଗଯୋଗ ହୋଇ ପାରି ନ ପାରିବାରୁ ଭଉଣୀ ପୁରୁଣା ଶିକ୍ସାଞ୍ଚଳ ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। କେନାଲରୁ ମୃତଦେହ ମିଳିଥିଲା। ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୪ ମହିଳା ମୃତ

ଅମରୋହା, ୧୬।୬ (ଏଜେନ୍ସି):ଉତ୍ତର ପ୍ରଦେଶ ଅମରୋହାର ଅତାରସୀ ଗ୍ରାମର ଜଙ୍ଗଲରେ ଥିବା ଏକ ବାଣ କାରଖାନାରେ ସୋମବାର ଦ୍ୱିପହରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ କାରଖାନାରେ କାମ କରୁଥିବା ୪ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଆଜି ପ୍ରଥମ ଥର ପାଇଁ ଚାକିରିରେ ଯୋଗ ଦେଇଥିଲେ। ୯ ଜଣ ମଧ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ଯୁବତୀ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖାଯାଉଛି। ତାଙ୍କ ମୁହଁ ଏବଂ ଶରୀର ଜଳି ଯାଇଛି।

ସୂଚନା ଅନୁଯାୟୀ ସକାଳେ ୨୫ ମହିଳା ଏବଂ ପୁରୁଷ କାରଖାନାରେ କାମ କରୁଥିଲେ। ଏହି ସମୟରେ ଜଣେ ଶ୍ରମିକଙ୍କ ଶିଶୁ ଝୁରୁଝୁରି ବାଣ ଲଗାଇ ଦେଇଥିଲେ। ଏହା ପରେ ମହଜୁଦ ଥିବା ବାଣ ଏବଂ ବାରୁଦରେ ନିଆଁ ଲାଗି ଯାଇଥିଲା। ୧୫ ମିନିଟ ଯାଏଁ ବିସ୍ଫୋରଣ ହେବାରେ ଲାଗିଥିଲା। ଏହା ଏତେ ଭୟଙ୍କର ଥିଲା ଯେ କାରଖାନାର କୋଠା ଏବଂ ଟିଣ ଆଜବେଷ୍ଟସ ସମ୍ପୂର୍ଣ୍ଣଧ୍ୱସ୍ତ ହୋଇଯାଇଛି। ମହିଳାଙ୍କ ମୃତଦେହ ଏଭଳି ଭାବେ ଜଳି ଯାଇଛି ଯେ ଚିହ୍ନଟ କରିବା କଷ୍ଟସାଧ୍ୟ ହୋଇଯାଇଛି। ମୃତଦେହ ଏଣେତେଣେ ପଡ଼ି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି।

## ନେପାଳ ପଳାଇବାକୁ ଯୋଜନା କରିଥିଲେ ସୋନମ



### ହନିମୁନ୍ ମର୍ଡର

ସିଲଂ, ୧୬।୬ (ଏଜେନ୍ସି): ମେଘାଳୟରେ ହନିମୁନ୍ ମନାଇବାକୁ ଯାଇ ହତ୍ୟାର ଶିକାର ହୋଇଥିବା ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ମାମଲାରେ ନୂଆ ପ୍ରମାଣ ମିଳିଛି। ପତ୍ନୀ ସୋନମ ଏବଂ ତାଙ୍କର ଶେଷ ଭିଡିଓ ସାମ୍ନାକୁ ଆସିଥିବାବେଳେ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଉଦ୍ଧାର କରାଯାଇଛି। ପୁଲିସ ଏହାର ଫଟୋ ଜାରି କରିଛି। ୫ ଜଣ ଅଭିଯୁକ୍ତ ଷଡ଼ଯନ୍ତ୍ର କରି ରାଜାଙ୍କୁ ହତ୍ୟା କରିଥିଲେ। ବିଶାଲ ଚୌହାନ ପ୍ରଥମେ ରାଜାଙ୍କ ଉପରେ ପ୍ରହାର କରିଥିଲା। କାତିରେ ବାରମ୍ବାର ଆକ୍ରମଣ କରାଯାଇଥିଲା। ଏହି ସମୟରେ ରାଜା ନିଜକୁ ବଞ୍ଚାଇବା ପାଇଁ ମଧ ପ୍ରୟାସ କରିଥିଲେ। ଏହି କାତିକୁ ଅଭିଯୁକ୍ତ ଗୌହାଟୀ ରେଳ ଷ୍ଟେସନରୁ କିଣିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ହତ୍ୟା ପରେ ପତ୍ନୀ ସୋନମ ନେପାଳ ପଳାଇବା ପାଇଁ ଯୋଜନା କରିସାରିଥିଲେ। ଟ୍ରେନ କିମ୍ବା ବସ୍‌ରେ ଯିବାକୁ ଚାହୁଁଥିଲେ। ଟ୍ରେନ୍ ନ ମିଳିବାରୁ ସେ ବସ୍‌ରେ ଉତ୍ତର ପ୍ରଦେଶ ପହଞ୍ଚି ଥିଲେ। ଏଠାରୁ ଗୋରଖପୁର ସୋନୌଲି ଦେଇ ନେପାଳ ଯାଇଥାନ୍ତେ। ଏଥିପାଇଁ ସେ ଗତ ୮ ତାରିଖ ରାତିରେ ବାରାଣସୀରୁ ଗୋରଖପୁର ଯିବାକୁ ଚାହୁଁଥିଲେ। ସୋନମଙ୍କ ସହ ବସ୍‌ରେ ଯାତ୍ରା କରିଥିବା ଗାଜିପୁରର ଉଜାଲା ଯାଦବ କହିଛନ୍ତି ଯେ ସେ ଟ୍ରେନରେ ନ ମିଳିବାରୁ ବସ୍‌ରେ ଚଢ଼ିଥିଲେ। ସୋନମ ବହୁତ ଚିନ୍ତିତ ଥିଲେ। ବାରମ୍ବାର ପ୍ରଶ୍ନ କରି ଚାଲିଥିଲେ। ଗୋରଖପୁର କେତେ ଦୂର? ବସ୍ କେତେ ଘଣ୍ଟା ଅଟକିବ? କେତେ ଘଣ୍ଟା ଲାଗିବ ବୋଲି ପଚାରି ଚାଲିଥିଲେ। ସୋନମ ମଧ ତାଙ୍କୁ ମୋବାଇଲ ମାଗିଥିଲେ। ଗୋଟଏ ନମ୍ବର ଡାଏଲ କରି ପୁଣି ଡିଲିଟ କରିଦେଇଥିଲେ। ସୀମା ପାର କରିବାରେ ସାହାଯ୍ୟ କରୁଥିବା ଏଜେଣ୍ଟଙ୍କର ଏହି ନମ୍ବର ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏହା ମଧ୍ୟରେ ଆଜି ରାଜାଙ୍କ ତେର କାର୍ଯ୍ୟକ୍ରମ ଚାଲିଛି। ଏଥିରେ କେବଳ ପରିବାର ଲୋକ ଏବଂ ସମ୍ପର୍କୀୟ ସାମିଲ ହୋଇଛନ୍ତି। ସୋନମଙ୍କ ଭାଇ ଗୋବିନ୍ଦା ମଧ ସାମିଲ ହୋଇଛି। ଜେରା ପାଇଁ ତାଙ୍କୁ ସିଲଂ ପୁଲିସ ଡାକିଛି ବୋଲି କହିଛନ୍ତି। ଅନ୍ୟପଟେ ଦେବ ସିଂହ ନାମକ ଫଟୋଗ୍ରାଫର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ରାଜା ଏବଂ ସୋନମଙ୍କୁ ଦେଖିବାକୁ ମିଳୁଛି।

## ଭାଇ ପାଇଁ ଅଲଗା ହେଲେ ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡି ବ୍ରାର

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡି ବ୍ରାର ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ପାଇଁ ଦୁଇ ବନ୍ଧୁ ଏବେ ବଇରୀ ପାଲଟି ଯାଇଛନ୍ତି। କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଲରେନ୍ସ ବିଷ୍ଣୋଇ ଓ ବ୍ରାରର କିଛି ସହଯୋଗୀଙ୍କୁ ଜେରା କରିବା ପରେ ପୁଲିସକୁ ଏହି ବିବାଦ ସମ୍ପର୍କରେ ସୂଚନା ମିଳିଛି। ଲରେନ୍ସ ବିଷ୍ଣୋଇ ଏବେ ଅହମଦାବାଦ ସାବରମତି ଜେଲ୍‌ରେ ଥିବାବେଳେ ବ୍ରାର ପୁଲିସ୍‌ର ମୋଷ୍ଟୱାଣ୍ଟେଡ ତାଲିକାରେ ରହିଛି। ସେ ଆମେରିକାରେ ଲୁଚି ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହିଛି। ଲରେନ୍ସ ମଧ ଜେଲ୍‌ରୁ ଅପରାଧ ଘଟାଉଛି। ସୂଚନା ଅନୁଯାୟୀ ଲରେନ୍ସ ବିଷ୍ଣୋଇ ଠାରୁ ଅଲଗା ହେବା ପରେ ବ୍ରାର ଅଜରବୈଜାନ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ସହ ହାତ ମିଳାଇଛି। ସେହିପରି ଲରେନ୍ସ କାନାଡାରୁ ରହି ଅପରାଧ ଘଟାଉଥିବା ନୋନି ରାଣା ଓରଫ ସୂର୍ଯ୍ୟ ପ୍ରତାପ ସହ ଚୁକ୍ତି କରିଛି। ଏହାକୁ ନେଇ ନିକଟରେ ପଞ୍ଜାବ, ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀ ପୁଲିସ୍‌ର ବରିଷ୍ଠ ଅଧିକାରୀମାନେ ଜାତୀୟ ତଦନ୍ତକାରୀ ଏଜେନ୍ସି ସହ ବୈଠକ କରିଥିଲେ। ଗତବର୍ଷ ନଭେମ୍ବରରେ କାଲିଫର୍ଣ୍ଣିଆରେ ଅନମୋଲକୁ ଗିରଫ କରାଯିବା ପରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଅନମୋଲ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବାବେଳେ ଧରା ପଡ଼ିଥିଲା।

ଅନମୋଲ ନାଁରେ ଅନେକ ହତ୍ୟା ମାମଲା ରହିଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟା କାଣ୍ଡରେ ମଧ ସେ ସାମିଲ ଥିଲା। ଗିରଫ ହେବା ପରେ ତା'କୁ ପ୍ରତ୍ୟର୍ପଣ ପାଇଁ ଭାରତ ସରକାର ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ଷମତା ଉପରେ ଭରସା ରଖନ୍ତୁ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନିଜକୁ କମଜୋର ଭାବନ୍ତୁ ନାହିଁ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ। ରାଜନେତାଙ୍କ ପାଇଁ ଭଲ ସମୟ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। ଯୋଜନା ମୁତାବକ କାମ ହେବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

## ଆଜିର ଇତିହାସ

- ୧୭୯୯ - ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ।
- ୧୮୫୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନ୍ୟୁୟର୍କରେ ପହଞ୍ଚିଲା।
- ୧୯୩୮ - ଜାପାନ ଚୀନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୯୪- ସିକାଗୋରେ ଫିଫା ବିଶ୍ୱକପ୍ ଫୁଟବଲ୍‌ର ଆରମ୍ଭ।

# ଇନ୍‌ଷ୍ଟାଗ୍ରାମ୍ ଅନୁଗାମୀଙ୍କ ସଂଖ୍ୟା କମିବାରୁ...

ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତେ ସକ୍ରିୟ। ଆଜିକାଲି ଛୋଟ ପିଲା, ଯୁବପିଢ଼ି, ବୟସ୍କ, ପୁରୁଷ, ମହିଳା ସମସ୍ତେ ରିଲ୍‌ସ କରୁଛନ୍ତି। ତେବେ ଏ ରିଲ୍‌ସ କେବଳ ଲୋକଙ୍କୁ ଚର୍ଚ୍ଚିତ କରୁ ନାହିଁ, ବରଂ ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଦେଖାଯାଇଛି। ଉତ୍ତର ପ୍ରଦେଶ ହାପୁରରେ ରିଲ୍‌ସକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଏଠାରେ ରିଲ୍‌ସ ପାଇଁ ସମ୍ପୃକ୍ତ ମହିଳା ନିଜ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ସମ୍ପୃକ୍ତ ମହିଳାଙ୍କ ଇନଷ୍ଟାଗ୍ରାମ୍‌ରେ ଅନୁଗାମୀଙ୍କ ସଂଖ୍ୟା କମିବାରୁ ସେ ଥାନାରେ ପହଞ୍ଚିଛନ୍ତି। ଘରେ ବାସନ ମାଜିବାରୁ ତାଙ୍କର ଦୁଇ ଜଣ ଅନୁଗାମୀ କମିଯାଇଥିବା ସେ କହିଛନ୍ତି। ଏହି ଘଟଣାରେ ରାଗିକି ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ମହିଳାଙ୍କର ଇନଷ୍ଟାଗ୍ରାମ୍‌ରେ ୬୩୫ଜଣ ଅନୁଗାମୀ ଅଛନ୍ତି। ସେ ବହୁତ ପରିଶ୍ରମ କରି ରିଲ୍‌ସଗୁଡ଼ିକ ତିଆରି କରୁଥିବା



କହିଛନ୍ତି। ହେଲେ ଘରେ ବାସନ ମାଜି ମାଜି ତାଙ୍କର ଦୁଇ ଜଣ ଅନୁଗାମୀ କମି ଯାଇଥିବା କଥା ସେ କହିଛନ୍ତି। ଯାହାକି ତାଙ୍କୁ ଭଲ ଲାଗିଲା ନାହିଁ। ସେହିପରି ମହିଳାଙ୍କ ସ୍ୱାମୀ କହିଛନ୍ତି, ଯେମିତି ତାଙ୍କ ଫଲୋର୍ସଙ୍କ ସଂଖ୍ୟା କମ୍ ହୁଏ, ସେ ଖାଇବାକୁ ଦେଇ ନ ଥାନ୍ତି।


କେବଳ ସେତିକି ନୁହେଁ, ନୀଳ ଡ୍ରମରେ ଭୂତ ଭିଡିଓ କରି ଭୟଭୀତ କରାନ୍ତି। ମହିଳା ଜଣକ ପୂର୍ବରୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ମିଥ୍ୟା ଅଭିଯୋଗ ଆଣିଥିବା ତାଙ୍କ ସ୍ୱାମୀ କହିଛନ୍ତି। ଅନ୍ୟପଟେ ଏହି ମାମଲାକୁ ନେଇ ଥାନାଧିକାରୀ ଦୁଇଜଣଙ୍କୁ ୪ ଘଣ୍ଟା ପର୍ଯ୍ୟନ୍ତ କାଉନସିଲିଂ କରିଥିଲେ। ଏହା ପରେ ଦୁଇଜଣଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ତେବେ ମହିଳା ଜଣଙ୍କର ରିଲ୍‌ସ କରି ଫଲୋର୍ସ ବୃଦ୍ଧି କରିବା ହେଉଛି ଏକ ନିଶା। ସେହିପରି ବୁଝାମଣା ସମୟରେ ସେ ଦିନକୁ ଦୁଇଟି ରିଲ୍‌ସ କରିବା କଥା କହିଥିଲେ। ଏହି କଥାରେ ସ୍ୱାମୀ ସହମତି ପ୍ରକାଶ କରିବାରୁ ଆପୋଷ ବୁଝାମଣା ହୋଇଥିଲା।

# ଦୀପିକାଙ୍କ ପରେ ଅଲ୍ଲୁ



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏବେ ସନ୍ଦୀପ ତାଙ୍କର ଅନ୍ୟ ଏକ ଚଳଚ୍ଚିତ୍ରରୁ ତେଲୁଗୁ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କୁ ବାଦ୍ ଦେଇଥିବା ଜଣାପଡ଼ିଛି। ଏବେ ଅଲ୍ଲୁଙ୍କ ସ୍ଥାନ ନେବେ ଜୁନିୟର ଏନ୍‌ଟିଆର୍। ତେବେ ଏନେଇ ଅଲ୍ଲୁ କି ସନ୍ଦୀପ ବିଧିବଦ୍ଧ ଭାବେ କିଛି ନାହାନ୍ତି। କିଛି ଦିନ ପୂର୍ବରୁ ସନ୍ଦୀପ ପ୍ରଭାସଙ୍କ ମେଗା ବଜେଟ୍ ଫିଲ୍ମ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦେଇଥିଲେ। ତେବେ ଦୀପିକା ସେଟ୍‌ରେ ଆଠ ଘଣ୍ଟା କାମ କରିବା ସହ ଅଧିକ ପାରିଶ୍ରମିକ ଓ ଫିଲ୍ମର ଲାଭରୁ ସେୟାର୍ ମାଗିବାରୁ ତାଙ୍କୁ ସନ୍ଦୀପ ବାଦ୍ ଦେଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ସନ୍ଦୀପ ଦୀପିକାଙ୍କ ନାମ ନ ନେଇ ତାଙ୍କ କାହାଣୀ ଲିକ୍ କରି ଦେଇଥିବା ଟ୍ୱିଟର୍‌ରେ ଅଭିଯୋଗ ଆଣିଥିଲେ। ତେବେ ଏହି ବିବାଦ ସମୟରେ ଅଲ୍ଲୁ ଓ ଦୀପିକାଙ୍କ ଆଗାମୀ ଫିଲ୍ମର ଟିଜର୍ ଆସିଥିଲା। ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଏହି ଦୁଇ ତାରକାଙ୍କୁ ଦେଖିବାକୁ ମିଳିବ। ଏହାର ସୁଟିଂ ଚଳିତବର୍ଷ ହେବ। ତେବେ ସନ୍ଦୀପ ତାଙ୍କ ଫିଲ୍ମରୁ ଅଲ୍ଲୁଙ୍କୁ କାହିଁକି ବାଦ୍ ଦେଲେ ସେସମ୍ପର୍କରେ ସ୍ପଷ୍ଟ କିଛି ଜଣାପଡ଼ିନାହିଁ।

# ଗାଁ'ର ଘରେ ଘରେ ଇଞ୍ଜିନିୟର



ପାଠପଢ଼ା ପରେ ଜୀବନରେ ସମସ୍ତେ କିଛି ନା କିଛି କରିବାକୁ ଲକ୍ଷ୍ୟ ରଖିଥାନ୍ତି। କିଏ ଡାକ୍ତର ତ ଆଉ କିଏ ଇଞ୍ଜିନିୟର ହେବାକୁ ପ୍ରସ୍ତୁତି କରିଥାନ୍ତି। ଏହି କ୍ରମରେ ଭାରତରେ ଏମିତି ଏକ ଗାଁ ରହିଛି ଯେଉଁଠି ଘରେ ଘରେ ଇଞ୍ଜିନିୟର। ଏଥିପାଇଁ ଏହି ଗାଁ'ଟି 'ଇଞ୍ଜିନିୟରଙ୍କ ଗାଁ' ଭାବେ ଜଣାଯାଏ। ତାମିଲନାଡୁର ପୋଟ୍ଟାକୁଡି ଗାଁ'ଟି ଏକ ସ୍ୱତନ୍ତ୍ର ପେସା ପାଇଁ ଚର୍ଚ୍ଚାରେ ରହିଛି। ଗାଁ' ରେ ୮୦୦ ବାସିନ୍ଦା ଅଛନ୍ତି। ତନ୍ମଧ୍ୟରୁ ୨୦୦ରୁ ଅଧିକ ଜଣ ଇଞ୍ଜିନିୟର ଅଛନ୍ତି। ଗାଁ'ର ଏହି ଯାତ୍ରା ଆରମ୍ଭ ହୋଇଥିଲା ଅଶୀ ଦଶକରେ। ସେତେବେଳେ ଜଣେ ସ୍କୁଲ ଶିକ୍ଷକ ଏହି ଗାଁ'ର ପିଲାମାନେ କିପରି ଉଚ୍ଚ ଶିକ୍ଷା ଗ୍ରହଣ କରି ସହରରେ ଚାକିରି କରିବେ, ଅଫିସର ହେବେ ସେ ନେଇ ସ୍ୱପ୍ନ ଦେଖିଥିଲେ। ଶିକ୍ଷକଙ୍କ ସ୍ୱପ୍ନ ପୂରା କରିବାକୁ ଗାଁ'ଯାକ ଲୋକେ ଚାଷକାମରେ ନିୟୋଜିତ ରହିଥିଲେ। ଚାଷକାର୍ଯ୍ୟରୁ ଯାହା ରୋଜଗାର ହୋଇଥିଲା ସେଥିରେ ସେ ପିଲାମାନଙ୍କୁ ପାଠ ପଢ଼ାଇଥିଲେ। ପିଲାମାନେ ମଧ୍ୟ ସାଇକଲ ଜରିଆରେ ବହୁ ଦୂର ଦୂରାନ୍ତକୁ ଯାଇ ସ୍କୁଲ କଲେଜରେ ପାଠ ପଢ଼ିଥିଲେ। ଧୀରେ ଧୀରେ ଗାଁ'ର ପିଲାମାନେ ଇଞ୍ଜିନିୟର ହେବାକୁ ଲାଗିଲେ। ବଡ଼ ହୋଇ ଇଞ୍ଜିନିୟର ହେବା ଏହି ଗାଁର ପିଲାମାନଙ୍କ ପାଇଁ ସତେ ଯେମିତି ଏକ ପରମ୍ପରା ପାଲଟିଗଲା। ତେଣୁ ପରବର୍ତ୍ତୀ ସମୟରେ ଏହି ଗାଁ'ର ପିଲାମାନଙ୍କୁ ସିଧାସଳଖ ସେ କେଉଁ ବ୍ରାଞ୍ଚ ନେଇ ଇଞ୍ଜିନିୟରିଂ ପଢ଼ିବେ ବୋଲି ପଚରାଗଲା। ଏହି ଗାଁ'ର କେବଳ ପୁରୁଷମାନେ ଯେ ଇଞ୍ଜିନିୟର ହୋଇଛନ୍ତି ତାହା ନୁହେଁ, ବରଂ ଝିଅମାନେ ମଧ୍ୟ ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ କିମ୍ବା ସିଭିଲ ଇଞ୍ଜିନିୟରିଂରେ ବେଶ୍ ନାଁ କମାଇଛନ୍ତି। ବିଶେଷ କଥା ହେଉଛି, ଏହି ଗାଁ'ର ଏକ ନିଜସ୍ୱ କୋଚିଂ ସେଣ୍ଟର, ଇଣ୍ଟରନେଟ୍ ଲ୍ୟାବ୍ ଆଦି ରହିଛି। ଏଠାରେ ପିଲାମାନେ ଭବିଷ୍ୟତରେ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖନ୍ତି।




# ଧାନ ବିହନ ଚୟନ ଓ ବିଶୋଧନ

ବର୍ତ୍ତମାନ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ବର୍ଷା ଜଳକୁ ବିନିଯୋଗ କରି ଚାଷୀମାନେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ତେଣୁ ଧାନରେ ଖରୁଡ଼ି ବୁଣାକାର୍ଯ୍ୟ ଶେଷ କରିବାକୁ ଏହା ଉପଯୁକ୍ତ ସମୟ। ଏଥିପାଇଁ ଚାଷୀମାନେ ଜମିର କିସମ ଅନୁସାରେ ଧାନ ବିହନ କିସମ ଚୟନ କରିବା ଉଚିତ। ଅଧିକ ଅମଳକ୍ଷମ/ସଙ୍କର କିସମ ଧାନ ବିହନ ନିର୍ଭରଯୋଗ୍ୟ ସଂସ୍ଥାଠାରୁ ସଂଗ୍ରହ କରିବା ଜରୁରି। ସେହିପରି ଧାନ ବିହନ ୧୦୦ଟି ଗଣି ଗଜା କରି ଚାଷ କରିବା ଆବଶ୍ୟକ। ଏଥିପାଇଁ ଚାଷୀମାନେ ୫ମ, ଷଷ୍ଠ ଓ ୭ମ ଦିନ ଗଜାଧାନ ଗଣି ୮୫%ରୁ ଅଧିକ ଅଙ୍କୁରୋଦଗମକ୍ଷମ ବିହନକୁ ଚୟନ କରନ୍ତୁ। ଧାନ ଖରୁଡ଼ି ବୁଣା/ ବତୁରୁ ବୁଣା/ଧାନ ତଳି ପାଇଁ ଧାନକୁ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ରୋଗପୋକରୁ ଫସଲକୁ ସୁରକ୍ଷା ମିଳିଥାଏ। ତେଣୁ ବିହନକୁ ଖରାରେ ଶୁଖାଇ ଭୌତିକ ଭାବରେ ବିହନ ବିଶୋଧନ କରିପାରିବେ। ବିହନ ବିଶୋଧନ ଜୈବିକ ବା ରାସାୟନିକ ଉପାୟରେ କରାଯାଇଥାଏ। ପ୍ରାକୃତିକ କୃଷି କରୁଥିଲେ ବିହନକୁ ବୀଜାମୃତ, ଜୈବିକ ଉପାୟରେ ଜୈବ ଫିମ୍ପିନାଶକ ଟ୍ରାଇକୋଗାମାଭିରିଡି ୫ଗ୍ରାମ/ପ୍ରତି କିଗ୍ରା ବିହନରେ ମିଶାଇ ବିଶୋଧନ କରାଯାଇଥାଏ। ରାସାୟନିକ ଉପାୟରେ କ୍ୟାପଟାନ ବା ଥିରମ, କାର୍ବେଣ୍ଡାଜିମ୍ ଆଦି ଅନୁମୋଦିତ ପରିମାଣରେ ପ୍ରୟୋଗ କରି ବିହନ ବିଶୋଧନ କରାଯାଇପାରେ।



# ଧାଡ଼ିରେ ବିହନ ବୁଣିବ ଡ୍ରମ୍ ସିଡର୍



ଅଧିକାଂଶ ଚାଷୀ ଧାନ ଚାଷକୁ ମୁଖ୍ୟ ଫସଲ ଭାବେ ଚାଷ କରନ୍ତି। ତେବେ ପାରମ୍ପରିକ ପ୍ରଣାଳୀରେ ଧାନ ଚାଷ କରାଯାଉଥିବାରୁ ନର୍ସରୀ ପ୍ରସ୍ତୁତ କରିବାଠୁ ନେଇ ତଳି ରୁଆ ଆଦି କାମରେ ଅଧିକ ଶ୍ରମ ଓ ସମୟ ଲାଗିଥାଏ। ଏଥିପାଇଁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି। ତେଣୁ ବର୍ତ୍ତମାନ ଚାଷୀମାନେ ଆଧୁନିକ କୃଷି ଯନ୍ତ୍ରପାତି ଉପଯୋଗ କରି ଏହି ସମସ୍ୟାକୁ ଦୂର କରିପାରୁଛନ୍ତି। ଏମିତି ଏକ କୃଷି ଉପକରଣ ହେଉଛି ଡ୍ରମ୍ ସିଡର୍। ଚାଷୀଙ୍କ କାମକୁ ସହଜ କରିପାରୁଥିବା ଏହି ଯନ୍ତ୍ରପାତିଟି ଆୟ ବୃଦ୍ଧିରେ ସହାୟକ ହୋଇଥାଏ। ଧାନ ବିହନକୁ ସିଧା ବୁଣିବା ପାଇଁ ଏହି ଯନ୍ତ୍ରଟି ଅଧିକ ଲାଭପ୍ରଦ। ଡ୍ରମ୍ ସିଡର୍ ମନୁଷ୍ୟ ଚାଳିତ ଏକ ଯନ୍ତ୍ରପାତି। ଏହା ମାଧ୍ୟମରେ ଗଜା ଧାନକୁ ସିଧା ବୁଣାଯାଇଥାଏ। ତେଣୁ ଯେଉଁ ଅଞ୍ଚଳରେ ବର୍ଷା ହେଉଛି, ସେହି ସ୍ଥାନରେ ଚାଷୀମାନେ ଡ୍ରମ୍ ସିଡର ସାହାଯ୍ୟରେ ସହଜରେ ଧାନ ବୁଣାବୁଣି କାମ କରିପାରିବେ। ଏହି ଯନ୍ତ୍ରରେ ବୁଣାବୁଣି କାମ ସାରିବା ଦ୍ୱାରା ରୁଆରେ ହେଉଥିବା ଅତିରିକ୍ତ ଖର୍ଚ୍ଚରୁ ଆଶ୍ୱସ୍ତି ମିଳିଥାଏ। ଡ୍ରମ୍ ସିଡର୍ ୬ଟି ଶକ୍ତ ପ୍ଲାଷ୍ଟିକ୍ ଡବାରୁ ନିର୍ମିତ ଏକ ଉପଯୋଗୀ କୃଷି ଯନ୍ତ୍ର। ଏହାର ଲମ୍ବ ୨୫ ସେମି ଏବଂ ଚଉଡ଼ା ୧୮ ସେମି। ପ୍ରତ୍ୟେକ ଡବାରେ ପାଖାପାଖି ଦେଢ଼ରୁ ଦୁଇ କିଲୋ ଧାନ ବିହନ ଭରା ଯାଇପାରିବ। ଏହି ଯନ୍ତ୍ରର ମୋଟ୍ ଓଜନ ହେଉଛି ଛଅ କିଲୋ। ଏଥିରେ ଏକାଥରକରେ ୬ରୁ ୧୨ ଧାଡ଼ିରେ ଧାନ ବୁଣାଯାଇପାରିବ। ଏହି ଯନ୍ତ୍ର ସହାୟତାରେ ଦିନରେ ପାଖାପାଖି ୨.୫ ଏକର ବୁଣା କାମ ହୋଇଥାଏ। ଏଥିପାଇଁ ପ୍ରଥମେ ଧାନ ବିହନକୁ ୧୨ ଘଣ୍ଟା ପାଇଁ ପାଣିରେ ଭିଜାଇ ପରେ ଏହାକୁ ଝୋଟ ଅଖାରେ ୨୪ ଘଣ୍ଟା ଢାଙ୍କି ରଖାଯାଏ। ଏହା ଦ୍ୱାରା ଭଲ ଗଜା ହୋଇଥାଏ। ମେସିନ୍‌ରେ ବିହନ ପକାଇବା ପୂର୍ବରୁ ଏହାକୁ ଅଧଘଣ୍ଟା ଶୁଖାଇବା ଆବଶ୍ୟକ। ବଜାରରେ ବିଭିନ୍ନ କମ୍ପାନୀର ଡ୍ରମ୍ ସିଡର୍ ଉପଲବ୍ଧ ରହିଛି। ଏହି ମେସିନ୍ ଉପରେ ସରକାରଙ୍କ ତରଫରୁ ୫୦ ପ୍ରତିଶତ ରିହାତି ଦିଆଯାଉଛି।

## ସଫଳ ଚାଷୀ

# ଆପ୍‌ରୁ ଫସଲର ଦେଖାରଖା

**ସମ୍ପ୍ରତି ଜମି ପ୍ରସ୍ତୁତିଠୁ ନେଇ ବିହନ ବୁଣିବା, କୀଟନାଶକ ସିଞ୍ଚନ, ଫସଲ କଟା, ରୋଗପୋକ ଚିହ୍ନଟ ସହ ଔଷଧ ସିଞ୍ଚନ ଆଦି ସ୍ମାର୍ଟ ତରିକାରେ ହୋଇପାରୁଛି। ଏହା ଦ୍ୱାରା କେବଳ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ହେଉଛି ତାହା ନୁହେଁ, ଅଧିକ ଉତ୍ପାଦନ ହୋଇପାରୁଛି। ତେବେ ସ୍ମାର୍ଟ ତରିକା ଆପଣାଇ ଚାଷରୁ ଲାଭ ପାଉଥିବା ଜଣେ ଚାଷୀ ହେଉଛନ୍ତି ମହାରାଷ୍ଟ୍ର, ଅମରାବତୀ ଜିଲ୍ଲାର ଖରପୀ ଗାଁ'ର ଗୌରବ ବିଜୱେ।**



ଗୌରବ ୧,୨୦୦ରୁ ଊର୍ଦ୍ଧ୍ୱ କମଳା ଗଛକୁ ନେଇ ବଗିଚାଟେ କରିଛନ୍ତି। ଏହି ବଗିଚାକୁ ସ୍ମାର୍ଟ ଫାର୍ମର ପରିଣତ କରିବାକୁ ବିଜୟ ମହାଭିସ୍ତାରା-ଏଆଇ ଏବଂ ସୌରଚାଳିତ ସେନ୍ସର ଉପଯୋଗ କରିଛନ୍ତି। ଜମିରେ ଲଗାଇଥିବା ସୌରଚାଳିତ ସେନ୍‌ସର ମାଟିର ଆର୍ଦ୍ରତା, ତାପମାତ୍ରା, ପୋଷକତତ୍ତ୍ୱ ସୂଚନା ବିଷୟରେ ସାଟେଲାଇଟ୍ ଜରିଆରେ ସିଧା ମୋବାଇଲ୍ ଆପ୍‌କୁ ପଠାଇଥାଏ। ଯାହା ଫଳରେ ଗୌରବ ପ୍ରତିଦିନ ସକାଳୁ ମୋବାଇଲ୍ ସାହାଯ୍ୟରେ ତାଙ୍କ ବଗିଚାରେ ଥିବା କମଳା ଗଛକୁ ପାଣି, ଖତ କିମ୍ବା କୀଟନାଶକ ଆବଶ୍ୟକ କି ନାହିଁ ତାହାର ସୂଚନା



ପାଇପାରୁଛନ୍ତି। ସ୍ମାର୍ଟ ପ୍ରଣାଳୀ ପାଇଁ ସେ ପାଖାପାଖି ୬୦,୦୦୦ଟଙ୍କା ନିବେଶ କରିଛନ୍ତି। ଏହା ଯୋଗୁଁ ଜଳ ଅପଚୟ୫୦% ହ୍ରାସ ହୋଇଥିବାବେଳେ କୀଟନାଶକ ଖୁବ୍ କମ୍ ଉପଯୋଗ ହେଉଛି। ତେଣୁ ସ୍ମାର୍ଟ ତରିକାରେ ଚାଷ କରିବା ଦ୍ୱାରା ବର୍ତ୍ତମାନ ପ୍ରତି ଗଛରୁ ୧,୦୦୦ରୁ ୧,୫୦୦ କମଳା ଫଳ ଅମଳ ହେଉଛି। ମୋବାଇଲ୍ ଆପ୍ ସାହାଯ୍ୟରେ ଫସଲର ଦେଖାରଖା ସହଜ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଗୌରବଙ୍କ ପରି ସ୍ମାର୍ଟ ଚାଷ କରିବାକୁ ଆଗଭର ହୋଇଛନ୍ତି। କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ମଧ୍ୟ ଗୌରବଙ୍କ ଚାଷକୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି। ଅଧୁନା ଅଧିକାଂଶ ଯୁବକ ଚାକିରି ଅନ୍ୱେଷଣରେ ବିଦେଶକୁ ଯାଉଥିବାବେଳେ ଗୌରବ ଗାଁ'ରେ ରହି ଚାଷ କାର୍ଯ୍ୟରେ ଭାଗ୍ୟ ବଦଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

# କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ


- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି।
- କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ।
- ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ।
- ଭେଣ୍ଡି ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୭୦ କିଗ୍ରା ଡିଏପି ୧୧ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ିକୁ ୪୫ ସେମି ଏବଂ ଗଛକୁ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ।
- ଗାଈଗୋରୁମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ଘାସ ଚରିବା ପାଇଁ ପଶୁମାନଙ୍କୁ ଶୁଖିଲା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

# ଭାରତ-ପାକିସ୍ତାନ ମୁକାବିଲା ଅକ୍ଟୋବର ୫ରେ

ଦୁବାଇ,୧୬।୬ (ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କା କଲମ୍ବୋଠାରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ କିଏ କାହା ସହ ଖେଳିବ ସେ ସମ୍ପର୍କରେ କାର୍ଯ୍ୟସୂଚୀ ଆଜି ଘୋଷଣା କରାଯାଇଛି। ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଭାରତର ୨ଟି ହାଇଲେଭଲ ମୁକାବିଲା ମଧ୍ୟରୁ ପାକିସ୍ତାନ ସହ ମୁକାବିଲା ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୫ରେ ଓ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଲଢ଼େଇ ଭାଇଜାଗ୍‌ରେ ଅକ୍ଟୋବର ୧୨ରେ ଖେଳାଯିବ। ବେଙ୍ଗାଲୁରୁରେ ସେପ୍ଟେମ୍ବର ୩୦ରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏଥିରେ ଭାରତ ସହ ଶ୍ରୀଲଙ୍କା ଖେଳିବ। ଅକ୍ଟୋବର ୧ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଟି-୨୦ ଚାମ୍ପିଅନ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ନଂ-୧ ଟିମ୍ ସହ ନଂ-୪ ଓ ନଂ-୨ ଟିମ୍ ସହ ନଂ-୩ ଟିମ୍ ଖେଳିବ। ଏହି ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ପ୍ରଥମ ସେମିଫାଇନାଲ ଖେଳିବାକୁ ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ ସେହି ମ୍ୟାଚଟି ଶ୍ରୀଲଙ୍କାର କଲମ୍ବୋରେ ଏବଂ ପାକିସ୍ତାନ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ତାହା ମଧ୍ୟ କଲମ୍ବୋରେ ଖେଳାଯିବ।




### ବେଙ୍ଗାଲୁରୁରେ ଉଦ୍‌ଘାଟନୀ ମୁକାବିଲା

ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ପରେ ଭାରତର ପରବର୍ତ୍ତୀ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଅକ୍ଟୋବର ୫ରେ ଖେଳାଯିବ। ଭାରତ ତାହାର ଅନ୍ୟ ମ୍ୟାଚ ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୯ରେ, ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୨ରେ, ଇଂଲଣ୍ଡ ସହ ଅକ୍ଟୋବର ୧୯ରେ, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୨୩ରେ ଓ ବାଂଲାଦେଶ ସହ ଶେଷ ଲିଗ୍ ମ୍ୟାଚ୍ ଅକ୍ଟୋବର ୨୬ରେ ଖେଳିବ। ପାକିସ୍ତାନ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ଭାରତ ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳିବ।

### କଲମ୍ବୋରେ ଖେଳାଯିବ ୧୧ ମ୍ୟାଚ୍

ଏସୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ବୁଝାମଣା ଅନୁଯାୟୀ ଭାରତ ଓ ପାକିସ୍ତାନ ଆୟୋଜନ କରୁଥିବା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦେଶ ଅନ୍ୟ ଦେଶରେ ଖେଳିବ ନାହିଁ। ଏହା ଫଳରେ ଆଇସିସି ମହିଳା ବିଶ୍ୱକପ୍ ଭାରତ ଆୟୋଜନ କରୁଥିବାରୁ ପାକିସ୍ତାନ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ଭାବେ ଶ୍ରୀଲଙ୍କାର କଲମ୍ବୋକୁ ଚିହ୍ନଟ କରାଯାଇଛି। ଏଠାରେ ପାକିସ୍ତାନ ତାହାର ସମସ୍ତ ୭ଟି ଯାକ ଲିଗ୍ ମ୍ୟାଚ୍ ଖେଳିବ। ଏହା ଛଡ଼ା ଶ୍ରୀଲଙ୍କାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡ଼ିକ ଭାରତୀୟ ସମୟ ଅନୁସାରେ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଶ୍ରୀଲଙ୍କା ଏଠାରେ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୪, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୧୪, ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୧୭ ଓ ବାଂଲାଦେଶ ସହ ଅକ୍ଟୋବର ୨୦ରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ କଲମ୍ବୋରେ ଦଳ ଦୁଇଟିଯାକ ମ୍ୟାଚ୍ ଖେଳିବ। ନଚେତ ଏହା ବେଙ୍ଗାଲୁରୁରେ ଖେଳାଯିବ।

### ଦିନିକିଆ ମହିଳା ବିଶ୍ୱକପ୍ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୩୦।୯ | ଭାରତ-ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧।୧୦ | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ | ଇନ୍ଦୋର |
| ୨।୧୦ | ପାକିସ୍ତାନ-ବାଂଲାଦେଶ | କଲମ୍ବୋ |
| ୩।୧୦ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ବେଙ୍ଗାଲୁରୁ |
| ୪।୧୦ | ଶ୍ରୀଲଙ୍କା-ଅଷ୍ଟ୍ରେଲିଆ | କଲମ୍ବୋ |
| ୫।୧୦ | ଭାରତ-ପାକିସ୍ତାନ | କଲମ୍ବୋ |
| ୬।୧୦ | ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା | ଇନ୍ଦୋର |
| ୭।୧୦ | ଇଂଲଣ୍ଡ-ବାଂଲାଦେଶ | ଗୌହାଟୀ |
| ୮।୧୦ | ପାକିସ୍ତାନ-ଅଷ୍ଟ୍ରେଲିଆ | କଲମ୍ବୋ |
| ୯।୧୦ | ଭାରତ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୦।୧୦ | ନ୍ୟୁଜିଲାଣ୍ଡ-ବାଂଲାଦେଶ | ଭାଇଜାଗ୍ |
| ୧୧।୧୦ | ଇଂଲଣ୍ଡ-ଶ୍ରୀଲଙ୍କା | ଗୌହାଟୀ |
| ୧୨।୧୦ | ଭାରତ-ଅଷ୍ଟ୍ରେଲିଆ | ଭାଇଜାଗ୍ |
| ୧୩।୧୦ | ବାଂଲାଦେଶ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୪।୧୦ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୫।୧୦ | ପାକିସ୍ତାନ-ଇଂଲଣ୍ଡ | କଲମ୍ବୋ |
| ୧୬।୧୦ | ଅଷ୍ଟ୍ରେଲିଆ-ବାଂଲାଦେଶ | ଭାଇଜାଗ୍ |
| ୧୭।୧୦ | ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୧୮।୧୦ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୯।୧୦ | ଭାରତ-ଇଂଲଣ୍ଡ | ଇନ୍ଦୋର |
| ୨୦।୧୦ | ଶ୍ରୀଲଙ୍କା-ବାଂଲାଦେଶ | କଲମ୍ବୋ |
| ୨୧।୧୦ | ପାକିସ୍ତାନ-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୨୨।୧୦ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଇନ୍ଦୋର |
| ୨୩।୧୦ | ଭାରତ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୪।୧୦ | ପାକିସ୍ତାନ-ଶ୍ରୀଲଙ୍କା | କଲମ୍ବୋ |
| ୨୫।୧୦ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ଇନ୍ଦୋର |
| ୨୬।୧୦ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୬।୧୦ | ଭାରତ-ବାଂଲାଦେଶ | ବେଙ୍ଗାଲୁରୁ |
| ୨୯।୧୦ | ପ୍ରଥମ ସେମିଫାଇନାଲ | ଗୌହାଟୀ/କଲମ୍ବୋ |
| ୩୦।୧୦ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ |
| ୨।୧୧ | ଫାଇନାଲ | କଲମ୍ବୋ/ବେଙ୍ଗାଲୁରୁ |

### ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତୀୟ ଦଳରେ ପ୍ୟାରୀ, ମନୀଷା

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆଗାମୀ ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ସୋମବାର ୨୪ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ କ୍ରିପସନ୍ ଛେତ୍ରୀ ଘୋଷଣା କରିଥିବା ଦଳରେ ଓଡ଼ିଶାର ଦୁଇଜଣ ମହିଳା ଫୁଟ୍‌ବଲ ଖେଳାଳି ରହିଛନ୍ତି। ସେମାନେ ହେଲେ ଦୁଇ ଅଭିଜ୍ଞ ଫରୱାର୍ଡ ପ୍ୟାରୀ ଖାଖା ଓ ମନୀଷା ନାୟକ। ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ବ୍ୟତୀତ ଆୟୋଜକ ଥାଇଲାଣ୍ଡ, ଇରାକ, ମଙ୍ଗୋଲିଆ ଓ ତିମୋର ଲିଷ୍ଟ ରହିଛି। ଭାରତ ଜୁନ ୨୩ରେ ମଙ୍ଗୋଲିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ତିମୋର ଲିଷ୍ଟ, ଜୁଲାଇ ୨ରେ ଇରାକ ଓ ଜୁଲାଇ ୫ରେ ଥାଇଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଗ୍ରୁପ୍‌ର ବିଜେତା ୨୦୨୬ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏସିଆନ୍ କପ୍‌ର ମୁଖ୍ୟ ଟୁର୍ଣ୍ଣାମେଣ୍ଟକୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।




## 'ପଟୌଦୀ' ଐତିହ୍ୟ ଅକ୍ଷୁଣ୍ଣ ରଖାଯାଉ: ସଚିନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): କ୍ରିକେଟ୍‌ର ଭଗବନା ଭାବେ ବିବେଚିତ ହେଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ଏକ ଅନୁରୋଧ କରିଛନ୍ତି। ଯେଉଁଥିରେ ସେ କହିଛନ୍ତି, ଇଂଲଣ୍ଡ ମାଟିରେ ଭାରତୀୟ ଦଳ ଯେଉଁ ଟେଷ୍ଟ ସିରିଜ ଖେଳୁଛି ତାହାର ନାମକୁ ପଟୌଦୀ ଐତିହ୍ୟ ସହ ଅକ୍ଷୁଣ୍ଣ ରଖାଯାଉ। ପୂର୍ବରୁ ଉଭୟ ବିସିସିଆଇ ଓ ଇସିବି ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ନାମକୁ 'ଆଣ୍ଡରସନ-ତେନ୍ଦୁଲକର' ଟ୍ରଫି ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏମ୍ଏକେ ପଟୌଦୀଙ୍କ ନାମରେ ପୂର୍ବରୁ ପ୍ରଦାନ କରାଯାଉଥିବା 'ପଟୌଦୀ ଟ୍ରଫି'କୁ ଅବସର ଦିଆଯାଇଥିଲା। ଏବେ କିନ୍ତୁ ସଚିନଙ୍କ ଅନୁରୋଧ ପରେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଆଗାମୀ ଟେଷ୍ଟ ସିରିଜର ବିଜୟୀ ଅଧିନାୟକ କିମ୍ବା ଶ୍ରେଷ୍ଠ ଖେଳାଳିଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ନେଇଛି।

■ ଜାତୀୟ ବଡିବିଲ୍ଡିଂ

## ପିଙ୍କି ଚାମ୍ପିଅନ; ଜିତେନ୍ଦ୍ରଙ୍କୁ ୨ ରୌପ୍ୟ

ଭୁବନେଶ୍ୱର, ୧୬।୬ (ସମିସ): ଉତ୍ତର ପ୍ରଦେଶର ଗାଜିଆବାଦ୍‌ଠାରେ ଦ୍ୱିତୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସିନିଅର ବଡିବିଲ୍ଡିଂ ଓ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ପ୍ରତିଯୋଗୀ ପିଙ୍କି ବେହେରା ଓ ଜିତେନ୍ଦ୍ର ବାରିକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହିଳା ବଡିବିଲ୍ଡିଂରେ ପିଙ୍କି ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ଜିତେନ୍ଦ୍ର ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ପୁରୁଷ ଫିଜିକ୍ସ ୬୫ କିଗ୍ରା ଓ ୭୫ କିଗ୍ରାରେ ଏହି ସଫଳତା ପାଇଛନ୍ତି।

## ଯମଜ ପୁତ୍ର ସନ୍ତାନର ପିତା ହେଲେ ନୀତୀଶ

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନୀତୀଶ ରାଣାଙ୍କ ଲାଗି ଖୁସି ଖବର। ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି ଏହି ବାମହାତୀ ବ୍ୟାଟର୍। ନୀତୀଶଙ୍କ ପତ୍ନୀ ସାଚି ମାରୱାହ ଯମଜ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ସୋମବାର ନୀତୀଶ ଏହି ଖୁସି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଶେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ପାଇଁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ନୀତୀଶ ଗତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୯ରେ ସେ ଇଣ୍ଟେରିୟର ଡିଜାଇନର ସାଚିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସାଚି ମାତୃତ୍ୱ ଲାଭ କରିବାକୁ ଯାଉଥିବା ସୂଚନା ନୀତୀଶ ଗତ ମାର୍ଚ୍ଚରେ ପ୍ରଶଂସକଙ୍କୁ ଜଣାଇଥିଲେ।



### ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଟୁର୍

## ଦଳ ସହ ଆଜି ଯୋଗଦେବେ ଗମ୍ଭୀର

ଲଣ୍ଡନ,୧୬।୬ (ଏଜେନ୍ସି): ବ୍ୟକ୍ତିଗତ କାରଣ ଲାଗି ସ୍ୱଦେଶ ଫେରିଥିବା ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଆସନ୍ତାକାଲି ବା ମଙ୍ଗଳବାର ଲଣ୍ଡନରେ ଦଳ ସହ ଯୋଗଦେବେ। ଗମ୍ଭୀର ମା' ମେଡିକାଲରେ ଭର୍ତ୍ତି ହେବାରୁ ସ୍ୱଦେଶ ଫେରି ଆସିଥିଲେ। ଏବେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ହେବାରୁ ସେ ଲଣ୍ଡନ ଆସିଛନ୍ତି। କେଣ୍ଟରେ ଭାରତ-ଏ' ସହ ସିନିୟର ଦଳ ଖେଳିଥିବା ଅଭ୍ୟାସ ମ୍ୟାଚ୍ ଆଜି ଶେଷ ହୋଇଛି। କିନ୍ତୁ ଏହାର ଫଳାଫଳ ସମ୍ପର୍କରେ କୌଣସି ତଥ୍ୟ ଅବଗତ କରାଯାଇନାହିଁ। କିନ୍ତୁ ଏହି ମ୍ୟାଚ୍ ଖେଳାଳିଙ୍କ ଲାଗି ବେଶ ଲାଭଜନକ ହୋଇଛି ବୋଲି ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍ଚେଟ ମ୍ୟାଚ୍‌ରେ ଦାୟିତ୍ୱ ତୁଲାଇଥିଲେ। ଟେଷ୍ଟ କ୍ରିକେଟରୁ ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଅବସର ନେବା ପରେ ତାଙ୍କ ଶୂନ୍ୟସ୍ଥାନ ପୂରଣ ଲାଗି ପ୍ରଚେଷ୍ଟା ଚାଲିଛି। ଭାରତୀୟ ଦଳକୁ ଫେରିଥିବା କରୁଣ ନାୟାର ଓ ଆଦୌ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ସାଇ ସୁଦର୍ଶନ ଏହି ସ୍ଥାନ ପୂରଣ କରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରି ନାୟାର ତାଙ୍କ ଦାବି ଉପସ୍ଥାପନ କରିଛନ୍ତି। ଅଭିମନ୍ୟୁ ଈଶ୍ୱରନ ଓ ଧ୍ରୁବ ଜୁରେଲ ମଧ୍ୟ ଭଲ ସ୍କୋର କରିଛନ୍ତି।

ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍ସରେ ଜୁନ୍ ୨୦ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଉଭୟ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କୁ ଖେଳାଇବା ଲାଗି ହରଜଭନ ସିଂହ ପରାମର୍ଶ ଦେଇଛନ୍ତି।

## ଅଶ୍ୱିନଙ୍କ ନାମରେ ବଲ୍ ଟାମ୍ପରିଂ ଅଭିଯୋଗ

ଚେନ୍ନାଇ, ୧୬।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ତାମିଲନାଡୁ ପ୍ରିମିଅର ଲିଗ୍ (ଟିଏନ୍‌ପିଏଲ୍)ର ଚଳିତ ୯ମ ସଂସ୍କରଣରେ ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଅଶ୍ୱିନଙ୍କ ନାମରେ ଗୁରୁତର ବଲ୍ ଟ୍ୟାମ୍ପରିଂ ଭଳି ଅଭିଯୋଗ ଆସିଛି। ସିଏଚେମ୍ ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଏହି ଅଭିଯୋଗ ଟିଏନ୍‌ପିଏଲ୍ ନିକଟରେ ଲିଖିତ ଭାବେ କରାଯାଇଛି। ଅଶ୍ୱିନ ଡିଣ୍ଡିଗଲ୍ ଡ୍ରାଗନ୍ସ ଦଳର ନେତୃତ୍ୱ ନେଉଥିବାବେଳେ ଗତ ରବିବାର ମଦୁରାଇ ପାନ୍ଥର୍ସ ବିପକ୍ଷ ମ୍ୟାଚରେ ସେ ବଲ୍ ଟ୍ୟାମ୍ପରିଂ କରିଥିବା ଏହି ଅଭିଯୋଗରେ କୁହାଯାଇଛି। ଏହି ମ୍ୟାଚରେ ଫିଲ୍ଡିଂ ସମୟରେ ଡ୍ରାଗନ୍ସ ଅଧିନାୟକ ଅଶ୍ୱିନ ଯେଉଁ ଟାୱେଲରେ ବଲ୍‌କୁ ପୋଛୁଥିଲେ ସେଥିରେ କେମିକାଲ ବୋଳାଯାଇଥିଲା। ଯାହା ବଲ୍‌ର ସ୍ଥିତିକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥିଲା। ଟିଏନ୍‌ପିଏଲ୍ ପକ୍ଷରୁ ସିଇଓ ପ୍ରସନ୍ନା କନନ୍ ଏଭଳି ବଲ୍ ଟ୍ୟାମ୍ପରିଂ ଅଭିଯୋଗକୁ ଖଣ୍ଡନ କରିବା ସହ ମଦୁରାଇ ପାନ୍ଥର୍ସଙ୍କୁ ପ୍ରମାଣ ମାଗିଛନ୍ତି।

### ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶା ପାରାବ୍ୟାଡ୍‌ମିଣ୍ଟନ କ୍ରୀଡ଼ା ଲାଗି ଗର୍ବର ସମୟ। ଥାଇଲାଣ୍ଡରେ ଆସନ୍ତାକାଲିଠାରୁ ହେବାକୁ ଯାଉଥିବା ଏସିଆନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପରଞ୍ଜନ ବିଶୋଇ, ଜି ଦିଲାଶ୍ୱର ରାଓ, ଶୁଭ୍ରଜିତ ମହାରଣା ଓ ନୁରୁଲ ହାସନ ଖାନ୍। ଏମାନେ ଏସିଆ ମହାଦେଶର ଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ସହ ମୁକାବିଲା କରିବେ। ଭାରତୀୟ ଦଳରେ ୪ଜଣ ଖେଳାଳି ସାମିଲ ହେବା ଅର୍ଥ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଦେଶ ତଥା ଦେଶ ବାହାରେ ଏକ ଶକ୍ତିହେବାକୁ ଯାଉଛି। ସରକାରୀ ସହାୟତା ଓ ପାରା କ୍ରୀଡ଼ା ସଂଗଠନର ଉଦ୍ୟମ ବଳରେ ଏହା ସମ୍ଭବ ହୋଇପାରିଛି। ଏହି କ୍ରୀଡ଼ାବିତ୍‌ମାନଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଥାଇଲାଣ୍ଡରେ ଗତକାଲି ଶେଷ ହୋଇଥିବା ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦିଲାଶ୍ୱର ରାଓ ପୁରୁଷ ଯୁଗଳ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେ ଏସ୍‌ଏଲ୩-୪ କାଟେଗୋରୀରେ ଦିନେଶ ରାଜେୟାଙ୍କ ସହ ମିଶି ଏହି ସଫଳତା ପାଇଥିଲେ। କାଂସ୍ୟ ପଦକ ମୁକାବିଲାରେ ନେପାଳର ଅଧିକାରୀ ପ୍ରକାଶ ଓ ଭୂଟାନର ଚେୟାଙ୍କ କୁଏନ୍‌ଚାପଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।



## ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସ୍‌ଙ୍କ ଦ୍ୱାଦଶ ବିଶ୍ୱରେକର୍ଡ

ଷ୍ଟକହୋଲମ, ୧୬।୬ (ଏଜେନ୍ସି): ସ୍ୱିଡେନର ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୋଲ୍ ଭଲ୍ଟରେ ପୁଣିଥରେ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଘରୋଇ ମାଟିରେ ରବିବାର ଅନୁଷ୍ଠିତ ଷ୍ଟକହୋଲମ୍ ଡାଏମଣ୍ଡ ଲିଗ୍‌ରେ ୨୫ ବର୍ଷୀୟ ଅର୍ମାଣ୍ଡ ୬.୨୮ ମିଟର ଉଚ୍ଚକୁ ଡେଇଁଥିଲେ। ଯାହାକି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱରେକର୍ଡ ହୋଇଛି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ ଚାମ୍ପିଅନ ଡୁପ୍ଲାଣ୍ଟିସ ଏଥିସହ ୧୨ଥର ଲାଗି ନିଜ ନାମରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫେବୃଆରୀ ୨୮ରେ ଫ୍ରାନ୍ସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ସେ ୬.୨୭ ମିଟର ଡେଇଁ ନୂଆ ରେକର୍ଡର ଅଧିକାରୀ ରହିଥିଲେ। ୨୦୨୦ ମସିହାରେ ଡୁପ୍ଲାଣ୍ଟିସ ୬.୧୭ ମିଟର ଉଚ୍ଚକୁ ଡେଇଁ ପ୍ରଥମଥର ଲାଗି ବିଶ୍ୱରେକର୍ଡ କରିଥିଲେ।

### ଖଣ୍ଡିତର ସର୍ବଭାରତୀୟ କବାଡ଼ିରେ ବର୍ଷା ପ୍ରତିବନ୍ଧକ

# ମହିଳା ଫାଇନାଲରେ କୋଲକାତାର ପୂର୍ବ ରେଳବାଇ

ରସୁଲପୁର,୧୬।୬ (ସମିସ):

ଓଡ଼ିଶାରେ ସବୁଠାରୁ ସମ୍ମାନଜନକ ଓ ବୃହତ୍ କବାଡ଼ି ଟୁର୍ଣ୍ଣାମେଣ୍ଟ ହେଉଛି ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ୭୭ ବର୍ଷ ଧରି ଖଣ୍ଡିତରଠାରେ ଆୟୋଜିତ ହୋଇଆସୁଥିବା ସର୍ବଭାରତୀୟ ପ୍ରତିଯୋଗିତା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ପ୍ରତିଯୋଗିତା ଧୂମଧାମ୍‌ରେ ଆରମ୍ଭ ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବା ପୂର୍ବରୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପର୍ବ ଶେଷ ରଜରେ ଏହି ପ୍ରତିଯୋଗିତା ହୋଇଥାନ୍ତା ଉଦ୍‌ଯାପିତ। କିନ୍ତୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ସକାଳେ ମହିଳା ବିଭାଗରେ ଗୋଟିଏ ସେମିଫାଇନାଲ ଓ ପୁରୁଷ ବିଭାଗରେ ବାକିଥିବା ୨ଟି କ୍ୱାର୍ଟର ଫାଇନାଲ ଶେଷ ହୋଇଥିଲା। ଅପରାହ୍ଣରେ ଖେଳାଯିବାକୁ ଥିବା ନକ୍‌ଆଉଟ ମ୍ୟାଚ୍ ଆରମ୍ଭ ପୂର୍ବରୁ ହୋଇଥିଲା ପ୍ରବଳ ବର୍ଷା ଓ ପବନ। ଆୟୋଜକ ଯାଜପୁର କବାଡି ସଂଘର ସମସ୍ତ ଚେଷ୍ଟା ସତ୍ତ୍ୱେ ମ୍ୟାଚ୍ ଉପରେ ମ୍ୟାଚ୍ ଆୟୋଜନ କରିବା ସମ୍ଭବ ହୋଇପାରି ନଥିଲା। ଶେଷରେ ମ୍ୟାଚକୁ ବାହାର କରାଯାଇ ଖାଲି ମାଟିରେ ବାକିଥିବା ମ୍ୟାଚ୍‌କୁ ଶେଷ କରାଯିବା ଲାଗି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରିପୋର୍ଟ ଲେଖା ହେଲା ବେଳକୁ ମ୍ୟାଚ୍ ଆରମ୍ଭ ହୋଇ ପାରି ନ ଥିଲା।



ସୋମବାର ସକାଳେ ଭୁବନେଶ୍ୱରର କିଟ୍-କିସ୍‌କୁ ୩୪-୧୦ ପଏଣ୍ଟରେ ପରାସ୍ତ କରି ପୂର୍ବ ରେଳବାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ବିଭାଗରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଦକ୍ଷିଣ ପୂର୍ବ ରେଳବାଇ ଓ ପଶ୍ଚିମବଙ୍ଗର ଅଶୋକ ସଂଘ ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ପୁରୁଷ ବିଭାଗରେ ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଳାସପୁର ୫୯-୩୨ ପଏଣ୍ଟରେ ଭଞ୍ଜନଗରକୁ ଓ ଦିଲ୍ଲୀ ୩୮-୧୭ରେ କଟକ ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଭୋପାଳ ଟିମ୍ ସହ ବିଳାସପୁରର ଓ ଦିଲ୍ଲୀ ସହ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଟିମ୍‌ର ମୁକାବିଲା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା।

ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୧.୫ ଲକ୍ଷ, ରନର୍ସ ଅପ୍ ଦଳକୁ ୧ ଲକ୍ଷ, ତୃତୀୟ ସ୍ଥାନିତ ଦଳକୁ ୬୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୫୦,୦୦୦, ରନର୍ସ ଅପ ଦଳକୁ ୩୦,୦୦୦, ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୧୦,୦୦୦ ଟଙ୍କା ଲେଖାଏଁ ଦିଆଯିବାକୁ ସ୍ଥିର କରାଯାଇଥିଲା। ଏହାଛଡ଼ା ବଡ଼ ବଡ଼ ଟ୍ରଫି ସହ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଯାଜପୁର କବାଡି ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS